# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୩/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 3/ 2018 ★★★★

୪୪ଶ ଭାଗ ୩୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







ସାମ୍ବିଧାନିକ, ବ୍ୟବସ୍ଥାପକ, ନ୍ୟାୟପାଳିକା କିମ୍ବା ଆଲୋଚନା ଜରିଆରେ ଅଯୋଧ୍ୟା ବିବାଦର ସମାଧାନ କରି ଖୁବ୍‌ଶୀଘ୍ର ରାମ ମନ୍ଦିର ନିର୍ମାଣ ହେବା ଉଚିତ। ଦରକାର ପଡ଼ିଲେ ସରକାର ବିଧେୟକ ଆଣନ୍ତୁ।

- ବିଜୟ ଗୋଏଲ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ସଲାହୁଦ୍ଦିନ୍, ହାଫିଜ୍‌ଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ



ନୂଆଦିଲ୍ଲୀ,୨।୧୧(ପି.ଟି.): ଭାରତରେ ଆତଙ୍କବାଦର କାର୍ଯ୍ୟବିସ୍ତାର କରୁଥିବା ପାକିସ୍ତାନସ୍ଥିତ ଲଶ୍କର-ଇ-ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ ସଲାହୁଦ୍ଦିନ୍‌ଙ୍କ ମୁଣ୍ଡରେ ଶକ୍ତ ପ୍ରହାର ବାଜିଛି। ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଏମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ସହ ଭାରତ ବିଭିନ୍ନ ସ୍ଥାନରେ ଅନେକ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି ହାଫିଜ୍ ଏବଂ ସଲାହୁଦ୍ଦିନ୍। ଆତଙ୍କବାଦୀଙ୍କୁ ଏମାନେ ଅର୍ଥ ମଧ୍ୟ ଯୋଗାଉଛନ୍ତି। ଏନ୍‌ଆଇଏ ଏଭଳି ଅଭିଯୋଗ ଆଣିବା ସହ ଦୁହିଁଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରିବାକୁ ଆବେଦନ କରିଥିଲା।

### [ଇତିହାସର ଆଇନାରେ]

### ନଭେମ୍ବର ୩ର ପ୍ରମୁଖ ଘଟଣା

୧୯୫୬ ନଭେମ୍ବର ୩ରେ ସୁଏଜ ସଙ୍କଟ ବେଳେ ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲ ସୈନିକ ୨୭୫ଜଣ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଥିଲେ। ଇଜିପ୍ଟ ବିରୋଧରେ ଇସ୍ରାଏଲ, ବ୍ରିଟେନ୍ ଓ ଫ୍ରାନ୍ସ ସୁଏଜ କେନାଲକୁ ପାଶ୍ଚାତ୍ୟ ଦେଶରେ ସ୍ଥାପିତ କରିବା ଏବଂ ଇଜିପ୍ଟ ରାଷ୍ଟ୍ରପତି ନାସିରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ କରାଯାଇଥିଲା।

୧୯୮୨ ନଭେମ୍ବର ୩ରେ ଆଫଗାନିସ୍ତାନର ସାଲଙ୍ଗ ସୁଡଙ୍ଗରେ ଅଗ୍ନିକାଣ୍ଡ ଘଟି ୨୦୦୦ ଲୋକଙ୍କର ପ୍ରାଣହାନି ଘଟିଥିଲା। ଆଫଗାନିସ୍ତାନ ଗୃହଯୁଦ୍ଧ ସମୟରେ ଏହି ଟନେଲରେ ଅଗ୍ନିକାଣ୍ଡ ଘଟିଥିଲା।

# ଆକବରଙ୍କ ମୁଣ୍ଡରେ ଖଣ୍ଡା

ୱାଶିଂଟନ୍,୨।୧୧(ପି.ଟି.)



**ଥମୁନି '# ମିଟୂ' ଝଡ଼**

- ବଳାତ୍କାର ଅଭିଯୋଗ ଆଣିଲେ ଆମେରିକାର ସାମ୍ବାଦିକା
- ୨୩ ବର୍ଷ ପୂର୍ବେ ଆକବରଙ୍କ ଦ୍ୱାରା ହୋଇଥିଲେ ନିର୍ଯାତିତା
- ସହମତି ଭିତ୍ତିରେ ସମ୍ପର୍କ ଥିଲା ବୋଲି କହିଲେ ଆକବର
- ସମର୍ଥନରେ ବାହାରିଲେ ସ୍ତ୍ରୀ

'# ମିଟୂ' ଝଡ଼ର ଶିକାର ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ପୁଣି ଖଣ୍ଡା। ଦେଶରେ ଅନେକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏବେ ବିଦେଶ ମାଟିରୁ ମଧ୍ୟ ତାଙ୍କ ବିରୋଧରେ ଉଠିଛି ସ୍ୱର। ଆମେରିକାର ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଭାବେ କାର୍ଯ୍ୟରତ ଜଣେ ମହିଳା ଆକବରଙ୍କ ନାଁରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ଦୁଇ ଦଶନ୍ଧି ପୂର୍ବେ ଭାରତରେ ଥିବାବେଳେ ଆକବର ତାଙ୍କୁ ବଳାତ୍କାର କରିଥିଲେ ବୋଲି ପଲ୍ଲବୀ ଗୋଗୋଇ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆକବର। ସ୍ତ୍ରୀ ମଲ୍ଲିକା ଆକବର ମଧ୍ୟ ତାଙ୍କ ସମର୍ଥନରେ ବାହାରିପଡ଼ିଛନ୍ତି।

୨୩ ବର୍ଷ ପୂର୍ବର କଥା। ସେତେବେଳେ 'ଦ ଏସିଆନ୍ ଏଜ୍' ଖବରକାଗଜର ସମ୍ପାଦକ ଥିଲେ ୬୭ ବର୍ଷୀୟ ଆକବର। ଏହି ବିଚକ୍ଷଣ ସାମ୍ବାଦିକ ଜଣକ ନିଜ ପଦବୀର ଅପବ୍ୟବହାର କରି ଅନେକ ମହିଳାଙ୍କୁ ଯୌନ ଶୋଷଣ କରିଥିଲେ। ସେ ମଧ୍ୟ ବଳାତ୍କାରର ଶିକାର ହୋଇଥିଲେ ବୋଲି ପୀଡ଼ିତା ପଲ୍ଲବୀ ଗୋଗୋଇ କହିଛନ୍ତି। ପଲ୍ଲବୀ ଏବେ ୱାଶିଂଟନ୍‌ସ୍ଥିତ ଆମେରିକୀୟ ଗଣମାଧ୍ୟମ ସଂସ୍ଥା ନ୍ୟାଶନାଲ ପବ୍ଲିକ୍ ରେଡିଓ (ଏନ୍‌ପିଆର୍)ରେ କାର୍ଯ୍ୟରତ ଅଛନ୍ତି। ଅନେକ ମହିଳା ଆକବରଙ୍କ ବିରୋଧରେ ମୁହଁ ଖୋଲିବା ପରେ ଗୋଗୋଇ ମଧ୍ୟ ନିଜ ସହ ବିତିଥିବା ସେହି ବର୍ବରତାର ପର୍ଦ୍ଦାଫାଶ କରିଛନ୍ତି। 'ଦ ୱାଶିଂଟନ୍ ପୋଷ୍ଟ'ରେ ତାଙ୍କର ଏକ ଲେଖା ପ୍ରକାଶ ପାଇଛି। ସେଥିରେ ସେ ଆକବରଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଦର୍ଶାଇଛନ୍ତି। ୨୨ ବର୍ଷ ବୟସରେ ଏଭଳି ନିର୍ଯାତନା ପାଇବା ତାଙ୍କ ଜୀବନର ସବୁଠାରୁ ଯନ୍ତ୍ରଣାଦାୟକ ସ୍ମୃତି ବୋଲି ଗୋଗୋଇ ଲେଖିଛନ୍ତି। ସେ କହିଛନ୍ତି, ୨୩ ବର୍ଷ ବେଳକୁ ଅର୍ଥାତ୍ ଖୁବ୍ କମ୍ ବୟସରେ ତାଙ୍କୁ ସମ୍ପାଦକୀୟ ପୃଷ୍ଠାର ସମ୍ପାଦକ ଦାୟିତ୍ୱ ମିଳିଥିଲା। କିନ୍ତୁ ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ତାଙ୍କ ଧାରଣା ବାହାରେ ଥିଲା। କିଛି ମାସ ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୁମ୍ବାଇକୁ ଯାଇଥିବାବେଳେ ତାଜ ହୋଟେଲ ଭିତରେ ସେ ପୁଣି ବ୍ୟଭିଚାରର ଶିକାର ହୋଇଥିଲେ। ପାଟି ଖୋଲିଲେ ଚାକିରିରୁ ବିଦା କରିଦେବାକୁ ଆକବର ଧମକ ଦେଉଥିଲେ ବୋଲି ଆମେରିକାରେ ନାଗରିକତ୍ୱ ଗ୍ରହଣ କରିଥିବା ଗୋଗୋଇ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷେ ଆକବରଙ୍କ ଓକିଲ ସନ୍ଦୀପ କୌର ତାଙ୍କ ତରଫରୁ ସଫେଇ ଦେଇଛନ୍ତି। ଆକବରଙ୍କ ନାଁରେ ଆସିଥିବା ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି। ଆକବର କହିଛନ୍ତି, ଗୋଗୋଇଙ୍କ ସହ ତାଙ୍କର ସହମତି ଭିତ୍ତିରେ ସମ୍ପର୍କ ଥିଲା। କିନ୍ତୁ ପରେ ତାହା ତୁଟିଗଲା। ସେହିପରି ଆକବରଙ୍କ ସ୍ତ୍ରୀ ମଲ୍ଲିକା ମଧ୍ୟ କହିଛନ୍ତି, ତାଙ୍କ ସ୍ୱାମୀଙ୍କ ବିରୋଧରେ ଗୋଗୋଇ ମିଛ ଆରୋପ ଲଗାଉଛନ୍ତି। ତେବେ ଗୋଗୋଇଙ୍କ ସହ ତାଙ୍କର ସମ୍ପର୍କ ଥିଲା ବୋଲି ସେ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରକାଶ ଯେ, ଏକାଧିକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଆକବରଙ୍କ ମନ୍ତ୍ରୀପଦ ଯାଇଛି। ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ଚାରିଆଡ଼ୁ ଚାପ ପଡ଼ିବାରୁ ନିକଟରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇଛନ୍ତି। ଏବେ ସଦ୍ୟ ଅଭିଯୋଗ ଆଣିଛନ୍ତି ଗୋଗୋଇ।

## ■ ଟ୍ରିପଲ୍ ତଲାକ ଅଧ୍ୟାଦେଶକୁ ଚ୍ୟାଲେଞ୍ଜ

# ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧୧(ପି.ଟି.)




ମୁସଲମାନ ପୁରୁଷମାନେ ସ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ତିନିଥର 'ତଲାକ୍' କହି ବୈବାହିକ ସମ୍ପର୍କ ଛିନ୍ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଭଳି ଆଇନଗତ ପରିବର୍ତ୍ତନ ଆଣିବା ସହ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଜାରି କରିଥିଲେ। ଏହାକୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି। ମୁସଲମାନ ମହିଳା (ବିବାହ ସମ୍ପର୍କିତ ଅଧିକାର ସୁରକ୍ଷା) ଅଧ୍ୟାଦେଶକୁ ବିରୋଧ କରି ଦାଏର ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ଅରାଜି ହୋଇଛନ୍ତି।

ସେପ୍ଟେମ୍ବର ୧୯ରେ କେନ୍ଦ୍ର କ୍ୟାବିନେଟ ଟ୍ରିପଲ୍ ତଲାକ୍ ସଂକ୍ରାନ୍ତୀୟ ଅଧ୍ୟାଦେଶକୁ ମୋହର ମାରିଥିଲେ। ଏହାର କିଛି ଘଣ୍ଟା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ଲାଭ କରିଥିଲା। ସଂଶୋଧିତ ଆଇନ ଅନୁଯାୟୀ ଟ୍ରିପଲ୍ ତଲାକ୍ ବା 'ତଲାକ୍-ଇ-ବିଦ୍ଦତ୍' ଏକ ବେଆଇନ କାର୍ଯ୍ୟ। ଏହା ଦଣ୍ଡନୀୟ ଅପରାଧ। ତେଣୁ ସ୍ତ୍ରୀଙ୍କୁ ଅଚାନକ ଛାଡ଼ପତ୍ର ଦେଉଥିବା ମୁସଲମାନ ପୁରୁଷଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମିଳିବ। ଆଇନକୁ ନିରପେକ୍ଷ କରିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଏଥି ଅନୁଯାୟୀ ମାମଲାର ବିଚାର ଆରମ୍ଭ ହେବା ପୂର୍ବରୁ ଅଭିଯୁକ୍ତ ସ୍ୱାମୀ ଜାମିନ ଆବେଦନ କରିପାରିବେ। ତେବେ ଟ୍ରିପଲ୍ ତଲାକ୍ ଅଧ୍ୟାଦେଶ ଅସାମ୍ବିଧାନିକ ବୋଲି ଅନେକେ ଆବେଦନକାରୀ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ କେ.ଏମ୍. ଯୋସେଫ୍ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏସବୁ ଆବେଦନର ଶୁଣାଣି କରିଛନ୍ତି। ଅଧ୍ୟାଦେଶର ଅବଧି ୬ ମାସ ପର୍ଯ୍ୟନ୍ତ ରହିବ। ତା'ଛଡ଼ା ଡିସେମ୍ବରରେ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ବସିବାକୁ ଥିବାରୁ ତିନି ତଲାକ୍ ବିଲ୍ ରାଜ୍ୟ ସଭାରେ ଉପସ୍ଥାପନ ହେବ। ଏହାପରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଖଣ୍ଡପୀଠ କହିଛନ୍ତି।

# ବୋଫର୍ସ ଦୁର୍ନୀତି ମାମଲା: ସିବିଆଇକୁ ଅଦାଲତୀ ଝଟକା

ନୂଆଦିଲ୍ଲୀ,୨।୧୧(ପି.ଟି.)

ବହୁ ଚର୍ଚ୍ଚିତ ବୋଫର୍ସ ଦୁର୍ନୀତିକୁ ନେଇ ପୁଣି ଜୋର୍ ଧରିଛି ଚର୍ଚ୍ଚା। ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ଦୀର୍ଘଦିନ ପରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। କିନ୍ତୁ ବିଳମ୍ବ କାରଣ ଦର୍ଶାଇ ତଦନ୍ତ ସଂସ୍ଥାର ଆବେଦନକୁ ଶୁକ୍ରବାର ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଉପରେ କୋର୍ଟ ପ୍ରବଳ ବର୍ଷିଛନ୍ତି।



- ଆବେଦନ ଖାରଜ କରିବା ସହ ବର୍ଷିଲେ ସୁପ୍ରିମକୋର୍ଟ
- ବିଳମ୍ବର କାରଣ ସନ୍ତୋଷଜନକ ନୁହେଁ: ଖଣ୍ଡପୀଠ

୬୪ କୋଟି ଟଙ୍କାର ବୋଫର୍ସ ଦୁର୍ନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମ୍ପୃକ୍ତି ଅଭିଯୋଗ ଆସିଥିବାରୁ ରାଜନୈତିକ ଦୃଷ୍ଟିରୁ ଏହା ଅତି ସମ୍ବେଦନଶୀଳ ମାମଲା। ୨୦୦୫ ମେ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରିବାର ୧୩ ବର୍ଷ ପରେ ସିବିଆଇ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ କରିଛି। ଏତେ ବିଳମ୍ବ ହୋଇଥିବାରୁ ତଦନ୍ତ ସଂସ୍ଥା ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଛି। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସିବିଆଇର ଆବେଦନ ଖାରଜ କରିଦେଇଛନ୍ତି।

# 'ତାଲିବାନ୍‌ର ଜନକ'ଙ୍କୁ ହତ୍ୟା

ଇସ୍‌ଲାମାବାଦ,୨।୧୧(ପି.ଟି.)



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ତାଲିବାନର 'ଜନକ' ଭାବେ ପରିଚିତ ପାକିସ୍ତାନର ପ୍ରମୁଖ ଧର୍ମଗୁରୁ ମୌଲାନା ସାମିଉଲ୍ ହକ୍ ହତ୍ୟାର ଶିକାର ହୋଇଛନ୍ତି। ରାୱଲ୍‌ପିଣ୍ଡି ସହରରେ ଶୁକ୍ରବାର ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ସେଠାରେ ପ୍ରାଣ ହରାଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଖୈବର ପାଖ୍‌ତୁନ୍‌ଖ୍ୱା ଅନ୍ତର୍ଗତ ଅକୋରା ଖଟ୍ଟକ୍ ଟାଉନ୍‌ରେ ଥିବା ଇସ୍‌ଲାମୀୟ ଧର୍ମୀୟ ସଙ୍ଗଠନ ଦାରୁଲ୍ ଉଲୁମ୍ ହକ୍କାନୀର ମୁଖ୍ୟ ଥିଲେ ହକ୍ (୮୨)। କଠୋରପନ୍ଥୀ ରାଜନୈତିକ ଦଳ ଉଲେମା-ଇ-ଇସ୍‌ଲାମ-ସାମୀ (ଜେୟୁଆଇ-ଏସ୍)ର ସେ ମଧ୍ୟ ସୁପ୍ରିମୋ ଥିଲେ ବୋଲି ଜିଓ ନ୍ୟୁଜ୍ ଏବଂ ଡନ୍ ରିପୋର୍ଟରୁ ପ୍ରକାଶ। ପାକିସ୍ତାନର ସାଧାରଣ ନିର୍ବାଚନ ଲାଗି ସେ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସହ ମେଣ୍ଟ କରିଥିଲେ। ସାମିଉଲ୍ ହକ୍ ରହୁଥିବା ବାସଭବନକୁ ପ୍ରବେଶ କରି ବନ୍ଧୁକଧାରୀ ଆଖିବୁଜା ଗୁଳିଚାଳନା କରିଥିଲେ ବୋଲି ତାଙ୍କ ପୁଅ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୩/୨୦୧୮ | Bhubaneswar, Saturday, November 3/ 2018 | ପୃଷ୍ଠା-୧



## କନ୍ଧମାଳ ହଳଦୀ କିଣିଲେ ସୋନିଆ

ନୂଆଦିଲ୍ଲୀର ଜନପଥ ରୋଡ୍‌ରେ ଚାଲିଥିବା ଜୈବିକ ମହୋତ୍ସବରେ ଉପା ଅଧକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ କିଣିଛନ୍ତି।

୦୭

୧୩

## ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ବେଙ୍ଗାଲୁରୁରେ ପ୍ରାକ୍-ପରିଣୟ ଉତ୍ସବ ପାଳନ କରିଛନ୍ତି ।



■ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆରମ୍ଭ

# ହକି ବିଶ୍ୱକପ୍ ସ୍ମରଣୀୟ ସ୍ମୃତି ଛାଡ଼ିବ

ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ଏଠାରେ ଆୟୋଜିତ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେଇଛନ୍ତି ଦେଶବିଦେଶର କିମ୍ବଦନ୍ତୀ ଖେଳାଳି, ପୁସ୍ତର ରଚୟିତା ଓ କ୍ରୀଡ଼ା ସାମ୍ବାଦିକ। ଏହି ସମାରୋହରେ ହୋଇଛି ଖେଳ-ସାହିତ୍ୟର ଅପୂର୍ବ ସମ୍ମିଶ୍ରଣ। ଦେଶ ବିଦେଶର ବକ୍ତାଙ୍କ ଉପସ୍ଥିତିରେ ସୃଷ୍ଟି ହୋଇଛି ଭିନ୍ନ ପରିବେଶ। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ''ତାରକା ଖଚିତ ଏଭଳି ଏକ ଇଭେଣ୍ଟ ଏଠାରେ ଆୟୋଜନ ହୋଇଥିବାରୁ ମୁଁ

### ଖେଳ-ସାହିତ୍ୟର ମହୋତ୍ସବ ଉତ୍ସାହ ଭରିଛି: ମୁଖ୍ୟମନ୍ତ୍ରୀ

ବହୁତ ଖୁସି। ବିଶ୍ୱର ପ୍ରତିଷ୍ଠିତ କ୍ରୀଡ଼ାବିତ୍, କୋଚ୍ ଓ ଖେଳାଳିଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକର ଲେଖକମାନେ ଖେଳକୁ ସମର୍ଥନ ଜଣାଇବା ପାଇଁ ଏଠାରେ ଏକତ୍ରିତ ହୋଇଛନ୍ତି। ହକି ବିଶ୍ୱକପ ପୂର୍ବରୁ ଏଠାରେ ସେମାନଙ୍କର ଉପସ୍ଥିତି ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିଛି। ମୁଁ ସମସ୍ତଙ୍କୁ ଓଡ଼ିଶାକୁ ସ୍ୱାଗତ କରୁଛି'' ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ। ଭୁବନେଶ୍ୱରରେ ବିଶ୍ୱକପ ☞ ପୃଷ୍ଠା-୬



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ହକି ଖେଳି ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲକୁ ଉଦ୍‌ଘାଟନ କରୁଛନ୍ତି । (ଫଟୋ: ବିକାଶ ନାୟକ)

# ସୁପ୍ରିମକୋର୍ଟରେ ୪ ନୂଆ ବିଚାରପତି

ନୂଆଦିଲ୍ଲୀ,୨।୧୧(ପି.ଟି.)

ସୁପ୍ରିମକୋର୍ଟର ବିଚାରପତିଙ୍କ ଟିମ୍‌ରେ ଆଉ ୪ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ଶୁକ୍ରବାର ଜଷ୍ଟିସ୍ ହେମନ୍ତ ଗୁପ୍ତା, ଆର୍. ସୁଭାଷ ରେଡ୍ଡୀ, ଏମ୍.ଆର୍. ଶାହ ଏବଂ ଅଜୟ ରସ୍ତୋଗୀ ଶପଥ ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ କୋର୍ଟ ନମ୍ବର ୧ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ☞ ପୃଷ୍ଠା-୬

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

# ୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨।୧୧(ବ୍ୟୁରୋ)

■ ଟିଡିସିସିକୁ ଋଣ ମୁକ୍ତ କଲେ ସରକାର

■ ଏସ୍‌ସି/ଏସ୍‌ଟି ଛାତ୍ରୀନିବାସ, ଛାତ୍ରାବାସ ଦାୟିତ୍ୱରେ ରହିବେ ଡବ୍ଲ୍ୟୁଇଓ

■ ପୁନର୍ଗଠନ ହେଲା ଓଡ଼ିଶା କୃଷି ଉଦ୍ୟାନ ସେବା, ଭୂ ବିଜ୍ଞାନ କ୍ୟାଡର

ଜନଜାତିମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଗଠନ ହୋଇଥିବା ଜନଜାତି ଉନ୍ନୟନ ସମବାୟ ନିଗମ(ଟିଡିସିସି)କୁ ରାଜ୍ୟ ସରକାର ଦେଇଥିବା ମୂଳ ଓ ସୁଧ ରାଶିକୁ ଛାଡ କରିଦେବେ। ଏ ପର୍ଯ୍ୟନ୍ତ ଥିବା ଟିଡିସିସି ଉପରେ ରାଜ୍ୟ ସରକାରଙ୍କର ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ବଳକା ଥିବା ଋଣ ଏବଂ ଏହାର ସୁଧ ବାବଦ ବାକି ରହିଥିବା ୩୬.୩୯ କୋଟି ଟଙ୍କାକୁ ପୁଞ୍ଜିନିବେଶରେ ପରିବର୍ତ୍ତନ କରାଯିବ। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ମଞ୍ଜୁରୀ ମିଳିଛି।

ଜନଜାତିମାନଙ୍କର ଆର୍ଥିକ ବିକାଶ ପାଇଁ ୧୯୬୭ରେ ଟିଡିସିସି ଗଠନ କରାଯାଇଥିଲା। ଜନଜାତିମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ତଥା ବଳାକ କୃଷି ଜାତ ଦ୍ରବ୍ୟଗୁଡିକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ବିକ୍ରି କରିବା ଏହି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟ ସମ୍ପାଦନ ☞ ପୃଷ୍ଠା-୬

## ଆଜିର ମନ୍ତବ୍ୟ

" ପିଲାଙ୍କୁ କେବଳ ଜ୍ଞାନ ନୁହେଁ, ବରଂ ସବୁ କଥାର ମୂଲ୍ୟବୋଧ ହୃଦୟଙ୍ଗମ କରାଇବା ଉଚିତ ।
– ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

ଅନିବାର୍ଯ୍ୟ କାରଣବଶତଃ କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

NECC NATIONAL EGG CO-ORDINATION COMMITTEE 02.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 75 | 126 | 136 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers

## ଆଜିର ସମ୍ପାଦକୀୟ

ଡୋଭାଲଙ୍କ ହାତମୁଠା ଟାଣ

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges







■ ୯ ଯାଏ ଜାରି ରହିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ୩ ଜଣଙ୍କୁ ବାର୍‌ରୁ ବହିଷ୍କାର

କଟକ ଅଫିସ, ୨।୧୧

ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ି ମାରିଥିବା ୫ଜଣ ପୋଲିସ କର୍ମଚାରୀଙ୍କୁ ଆଇପିସି ଦଫା ୩୦୭ ଅନୁଯାୟୀ ଗିରଫ ଦାବିରେ ଅଟଳ ରହିଛି ହାଇକୋର୍ଟ ବାର୍ ଆସୋସିଏଶନ। ଶୁକ୍ରବାର ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୯ ତାରିଖ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଆନ୍ଦୋଳନରୁ ଓହରିଯାଇଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ☞ ପୃଷ୍ଠା-୬

# ବାର୍‌ହା ଫାଶରେ ପଡ଼ି ଚାଷୀ ମୃତ

ମହାକାଳପଡ଼ା, ୨।୧୧ (ଡି.ଏନ୍.ଏ.)

ବାର୍‌ହା ଧରିବା ପାଇଁ ଚାଷ ଜମିରେ ନିଜେ ବସାଇଥିବା ଫାଶରେ ପଡ଼ି ଗୁରୁବାର ରାତିରେ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମ ପୂର୍ବପଡ଼ାର ବିଜୟ ମିର୍ଦ୍ଧା(୪୦)। ମହାକାଳପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଜଙ୍ଗଲୀ ବାର୍‌ହା ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ବାର୍‌ହା ଶିକାର ପାଇଁ ବିଜୟ ନିଜ ଚାଷ ଜମିରେ ଏକ ଫାଶ ବସାଇ ବିଦ୍ୟୁତ୍ ଚାର୍ଜ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେହି ଫାଶରେ ପଡ଼ି ଏକ ଜଙ୍ଗଲୀ ବାର୍‌ହା ମରିଥିବାବେଳେ ବିଜୟ ତାକୁ ଦେଖିବାକୁ ଯାଇଥିଲେ। ଏହି ସମୟରେ ଫାଶ ତାଙ୍କ ଦେହରେ ଲାଗିବାରୁ ଘଟଣାସ୍ଥଳରେ ବିଜୟଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳୁ ଚାଷ ଜମିରୁ ବାର୍‌ହାର ମୃତଦେହ ଉଦ୍ଧାର କରାଯିବା ସହ ଏହାର ୩ ଫୁଟ ଦୂରରୁ ବିଜୟଙ୍କ ଶବ ଉଦ୍ଧାର କରାଯାଇଛି। ବନ ବିଭାଗ ଓ ମେରାଇନ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବିଜୟଙ୍କ ଭାଇ ବସନ୍ତ ଥାନାରେ କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ୧୬/୧୮ ନଂ.ରେ ଏକ ମାମଲା ରୁଜୁ କରିଛି।

## କିଛି ତଥ୍ୟ

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡିକ ସେବା କ୍ଷେତ୍ରକୁ ପ୍ରଦାନ କରୁଥିବା ଅଗ୍ରୀମରେ ୨୪%କୁ ବୃଦ୍ଧି ଘଟିଛି। ଏହା ଗତ ବର୍ଷ ସମାନ ସମୟରେ ୭% ରହିଥିଲା।
–ଆର୍‌ବିଆଇ






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାୟେଶା
ପରିବାରବର୍ଗ


ଜାଗୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

New Hyundai Xcerd car for sale Taxi with OLA June 2017. Price 7.5 lakhs 13500 km. 9337009765. D-64736

### real estate

**SALE**

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64734

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9348253463, 8908292617.** D-9237

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507 9040089501. D-58001

**A luxurious 3BHK flat at TATA Ariana, Bhubaneswar for sale. Contact: 9337413323, 9437313522.** D-64909

First boundary then registration with yellowzone plot at Trisulia. Rs. 750/- (per sqft.) Contact: 7873739444, 9938308889. D-9200

2000 sqft. gharabari plot in Raghunathpur, Bhubaneswar is immediate for sale. 9937162220. D-64732

Gharabari plot 1560 sqft. behind Utkal Hieghts for sale, BBSR. 7327095483. D-9190

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.3.45 lakhs Contact: 9937059891, 9348253463, 8908292617.** D-9236

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-9215

Bhubaneswar NH- side Janla ପାଖରେ boundary plot ବିକ୍ରିହେବ। 9438859527, 9853333043. D-9213

4000 sft. GA plot immediately sale Surya Nagar, Unit No.- 7, Bhubaneswar. Contact Deepak: 9937329999 (Conditions Apply). D-64529

ଭୁବନେଶ୍ୱର ନୂଆଗାଁ ପେଟ୍ରୋଲପମ୍ପ ନିକଟରେ ୧୮୦୦ ସ୍କୋୟାରଫୁଟ ଘରବାରି ପ୍ଲଟ ବିକ୍ରିହେବ। 9437287595. D-9174

Ready 1R, 1BR, 2BR, 3BR flats (10 to 30) lakhs near Seabeach Puri. 9776080988, 9437493502. D-63925

**Gharabari plot sale, Bhubaneswar at Tankapani road near Jagannath Ashram with boundary, gate 100% litigation free, 5040 sqft. Conatct: 8658200215, 7978850899.** D-9176

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

5000 sft. commercial land immediately for sale Hanspal Square, Bhubaneswar. Contact Deepak: 9937329999. (Conditions Apply). D-64530

Gharabari plot with Bank loan near Jagannath Temple first boundary then registration yellowzone under BDA approval 1250/- per sqft. negotiable. 8249533255. D-64737

Khordha Malipada National Highway road ପାଖରେ opposite of Bhubaneswar Engineering College boundary ସହିତ 2000 sqft. plot ବିକ୍ରିହେବ। 9178031478. D-64632

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

କେଶୁରାରେ ଘରବାରି plot sqft. 1000/-ରେ immediate ଘରକରି ରହିବା ପାଇଁ ମିଳୁଛି। 9178031478. D-64631

Book a duplex at Bharatpur close to Fire Station GA 1400 sqft. corner land booking on built-up 2500 sft. handover within 12 months: 9937560970. D-64531

### PURCHASE

Required urgently 1/2/3/4 BHK simplexes, duplexes, flats for exclusive marketing. Bhubaneswar. 07750085903. D-9214

### construction

Construct your building in finished house contact: 9937064680. D-27282

For construction of residential/ commercial buildings. Please Conatct: 7008268129, 9439143273. D-62134

### to-let

Commercial space 1800 sqft. for Banks, Office on first floor at Saheednagar. Contact: 7008681590. D-64729

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

2BHK at Nayapalli near DAV Unit-8, BBSR. Contact: 9337627101. D-64908

### packers & movers

Samal Packer Movers provide household shifting in reasonable price. 9437035016. D-63864

### healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

All type of full body massage by expert therapist. 7609005923. D-65141

Newly open herbal full body massage with refreshment well trained therapist. 7381239385. D-64630

Ayurvedic full body massage ladies / gents smart experts therapist. 9114697517. D-64629

Herbal full body massage by smart/ expert therapist. Contact: 8338067247. D-65143

Newly opening ayurvedic massage smart therapist, Shree herbal. 7750020754. D-65144

Improving your health, skin care through expert therapist, excellent offer. 9668374480. D-65145

Physiotherapy and herbal massage by trained ladies/ gents therapist: 7008773793. D-65045

Experience full body massage with us by expert Enquiry: 7377048581. D-65147

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

New new openeing full body massage ladies, gents. 7438851534, 7609923705. D-38540

Now Matrimonial ads. only on Wednesday & Sunday Book 1 Get 1 FREE

### business

Contact for Tissue Culture Banana plants. 9853429105, 7377162775. D-9227

### LOST

ମୁଁ ଶ୍ରୀ ମନୋଜ କୁମାର ମଳିକ, ବୟସ- ୩୨ ବର୍ଷ, ପିତା- ବଟକୃଷ୍ଣ ମଳିକ, ସା- ବୈଦିମାଳ, ସାମିଲ୍- ଚଣ୍ଡିଆଗଡ଼ି, ପୋ- ମାଳପାଟଣା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା ଗତ ୧୯।୧୦।୧୮ ତାରିଖ ସନ୍ଧ୍ୟାରେ ଆଳି ନୂଆବଜାରକୁ ଜେରକ୍ସ କରିବାକୁ ନେଇଥିବା ପଟ୍ଟା ଓ କବଲା ହଜିଯାଇଛି। ମୋର ଓରିଜିନାଲ ପଟ୍ଟା ଖାତା ନମ୍ବର ୯୦୩/୨୫୪, ପ୍ଲଟ୍ ନମ୍ବର ୧୭୭୩, ମୌଜା- ଚଣ୍ଡିଆଗଡ଼ି ଓ କବଲା ନମ୍ବର ୧୦୮୬ କେଉଁଠାରେ ହଜିଯାଇଛି। ଏହି ଘୋଷଣା କରୁଛି କି ଏହା ଦରକାର ବେଳେ କର୍ମରେ ଆସିବ। ମନୋଜ କୁମାର ମଳିକ, ବୈଦିମାଳ, ଚଣ୍ଡିଆଗଡ଼ି, ଆଳି, କେନ୍ଦ୍ରାପଡ଼ା। ଧ-୯୨୩୮

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 26th October, 2018. I have changed my name from Dhrubendranath Soren to Rakesh Soren. Henceforth, I shall be known as Rakesh Soren for all purpose. D-65046

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ସୁନ୍ଦରୀ’ ଧରା ଅଭିଯାନ ‘ଯଶୋଦା’ର ସହାୟତା ନେବ ବନ ବିଭାଗ

**ପରବର୍ତ୍ତୀ ସମୟରେ ଯିବ ‘ନନ୍ଦ’**



ଭୁବନେଶ୍ୱର, ୨।୧୧(ବ୍ୟୁରୋ)/ବନ୍ତଲା(ଡି.ଏନ୍.ଏ.)/ବାରଙ୍ଗ (ଡି.ଏନ୍.ଏ.)

ସାତକୋଶିଆରେ ବାଘୁଣୀ ‘ସୁନ୍ଦରୀ’କୁ ଟ୍ରାଙ୍କୁଲାଇଜ କରି ଧରିବା ପାଇଁ ବନ ବିଭାଗର ୩ଟି ଟିମ୍ ବିଫଳ ହୋଇଛନ୍ତି। ସୁନ୍ଦରୀ ଜଙ୍ଗଲ ଭିତରେ ଲୁଚି ଯାଉଥିବାରୁ ତାକୁ ହାତୀ ଉପରେ ବସି ଟ୍ରାଙ୍କୁଲାଇଜ କରାଯିବାକୁ ବନ ବିଭାଗ ନିଷ୍ପତ୍ତି ନିଷ୍ପତ୍ତି ନେଇଛି। ତେଣୁ ‘ସୁନ୍ଦରୀ’କୁ ଧରିବା ପାଇଁ ଚନ୍ଦକାରୁ ‘ଯଶୋଦା’ ଓ ‘ନନ୍ଦ’ ହାତୀକୁ ନିଆଯିବ। ‘ସୁନ୍ଦରୀ’କୁ ଧରିବା ପାଇଁ ପ୍ରଥମେ ଚନ୍ଦକା ଗୋଡ଼ିବାରୀରେ ଥିବା କୁମ୍କି ହାତୀ ‘ଯଶୋଦା’କୁ ନିଆଯାଇଛି। ଶୁକ୍ରବାର ରାତିରେ ଏକ ସ୍ୱତନ୍ତ୍ର ଗାଡ଼ିରେ ‘ଯଶୋଦା’କୁ ସାତକୋଶିଆ ନିଆଯାଇଛି। ଯଶୋଦା ସହିତ ୪ମାହୁନ୍ତ ଓ ବନ କର୍ମଚାରୀ ଯାଇଛନ୍ତି। ଶନିବାର ଟ୍ରାଙ୍କୁଲାଇଜର ଟିମ୍ ‘ଯଶୋଦା’ ଉପରେ ବସି ବାଘୁଣୀକୁ ଖୋଜିବ। ପରବର୍ତ୍ତୀ ସମୟରେ ‘ନନ୍ଦ’ ହାତୀକୁ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ରାତ୍ରି ସୁଦ୍ଧା ସୁନ୍ଦରୀ ପୁରୁଣାକୋଟର ମଝିପଡ଼ା ସଂରକ୍ଷିତ ଜଙ୍ଗଲର ଗୁଡ଼ଭଙ୍ଗା ନାଳ ନିକଟରେ ଥିବା ଜଣାପଡ଼ିଛି।

# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିଲତା ବେହେରା**

ଗ୍ରାମ- ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୧।୧୯୬୬
ତିରୋଧାନ: ୧୯।୧୦।୨୦୧୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ଗନ୍ଧର୍ବ ବେହେରା, ପୁତ୍ର- ସନ୍ଦୀପ, ପ୍ରଦୀପ, ଝିଅ- ଲିଜା। ଧ-୯୨୨୬

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ କାହ୍ନୁଚରଣ ଓଝା**

ଗୋପାଳପୁର, ଚୈନିପୁର, ଯାଜପୁର ଟାଉନ୍
ଆବିର୍ଭାବ: ୦୭।୧୧।୧୯୪୦
ତିରୋଧାନ: ୨୪।୧୦।୨୦୧୮

ତୁମର ଆଦର୍ଶ, ଶାନ୍ତସରଳ ସ୍ୱଭାବ, ଶ୍ରଦ୍ଧା, ସତ୍‌ଶିକ୍ଷା, ସହିଷ୍ଣୁତା, ଆମ୍ଭମାନଙ୍କର ଚିରସ୍ମରଣୀୟ ଓ ପଥପ୍ରଦର୍ଶକ ହୋଇ ରହିବ। ଆଜିର ଏକାଦଶାହ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ହତଭାଗିନୀ ଧର୍ମପତ୍ନୀ, ଝିଅ ଓ ଜ୍ୱାଇଁ: ଟୁନି-ଦୟା, କୁନି-ମଧୁ, ଇନୁଆ-ଭବାନୀ, ପୁତ୍ର ଓ ପୁତ୍ରବଧୂ: ବାବୁ-ନିଧି, ଟୁଲୁ-ଝୁନୁ, ମୁନା-ମୁନୀ, ମିଲନ୍-ଝିଲି, ନାତିନାତୁଣୀ: ବଣ୍ଟି, ଚିକୁ, ରିକୁ, ପିକୁ, ଇଭା, ଗୁଡି, ସୁଜଳ, ଲିଟିଲ, ପୁଟୁ, ଖୁସି ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୪୭୩୫

## ଶ୍ରଦ୍ଧାଞ୍ଜଳି

ଦ୍ୱାଦଶାହ ଉପଲକ୍ଷେ



**ଁ ସୁକାନ୍ତ କୁମାର ଦାଶ**

୧୯୫୨-୨୦୧୮
ମହିଧରପଡ଼ା, କଟକ

ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶିର୍ବାଦ ଭରାହାତ ସଦା ଥାଉ ଆମ ଉପରେ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକ ସନ୍ତପ୍ତ :**
ପତ୍ନୀ-ମନୋରମା, ପୁତ୍ର- ସତ୍ୟେନ , ଝିଅ-ଡକ୍ଟର ଶ୍ୱେତା, ଜ୍ୱାଇଁ- ସନତ, ବୋହୂ- କସ୍ତୁରୀ, ଏକମାତ୍ର ନାତୁଣୀ ତାନ୍‌ସୀ, ଦୁଇ ଭାଇ, ତିନି ଭଉଣୀ, ବନ୍ଧୁ ଏବଂ ପ୍ରିୟଜନ। ଧ-୯୨୪୧

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା**

କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରି, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୬

ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ। ଶୋକସନ୍ତପ୍ତ: ପୁତ୍ର- ପ୍ରଶାନ୍ତ, ବୋହୂ-ବିଜୟଲକ୍ଷ୍ମୀ, ଝିଅ-ରଞ୍ଜିତା, ଜ୍ୱାଇଁପୁଅ-ଏନ୍.ସି. ପାଢୀ ଓ ବନ୍ଧୁବର୍ଗ। ଧ-୯୨୪୦

## ୪ର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭୁବନେଶ୍ୱର ହୋତା (ଶିକ୍ଷକ)**

୧୯୩୮ସାଲ- କମାଶାସନ

କେତେ ସ୍ନେହ ଢାଳୁଥିଲ ଆପଣ ଶିରରେ, ସେଥିପାଇଁ ଲୁହ ଝରେ ସବୁରି ଆଖିରେ, କର୍ମ ହିଁ ଭଗବାନ, ଆପଣଙ୍କ ଏହି ମନ୍ତ୍ର ହିଁ ଆମର ପ୍ରେରଣା। ଶୋକସନ୍ତପ୍ତ: ପୁତ୍ର- ଗଦାଧର, ବିଦ୍ୟାଧର, ଭାଇ- ରବିନାରାୟଣ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୦୧୮

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବୁଧ ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ଭାଇ, ବନ୍ଧୁ, ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଆଜି ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡା, ଚଳଚ୍ଚିତ୍ର, ସାହିତ୍ୟ,କଳା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ସପ୍ତମାଧିପ ମଙ୍ଗଳ ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ ଗତକାଲି ଠାରୁ ସ୍ଥିର କରିଥିବା ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ସତର୍କତା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମିଥୁନ**
ରାହୁ ନକ୍ଷତ୍ରସ୍ଥ ରବିଙ୍କ କାରଣରୁ ଦିନଟିରେ ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ବହୁତ ଦିନରୁ ଚେଷ୍ଟା କରି ମଧ୍ୟ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**
ଭାଗ୍ୟାଧିପ ବୃହସ୍ପତି ଏକାଦଶ ସ୍ଥାନକୁ ଦେଖୁଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲା, ଜମିଜମା ସମ୍ପର୍କୀୟ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ**
ଅଷ୍ଟମାଧିପ ଗୁରୁଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନ ଭଲ ରହିବ ନାହିଁ। ପରିବହନ, ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହେବ। ଅବଶ୍ୟ ପୂର୍ବ ପ୍ରସ୍ତୁତିକ୍ରମେ ବନ୍ଧୁମିଳନ ଓ ଦୂର ଯାତ୍ରା କରିପାରନ୍ତି।

**କନ୍ୟା**
ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାମ ସମସ୍ୟା ବିଜଡିତ ସାଙ୍ଗକୁ ବହୁତ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇପାରେ।

**ତୁଳା**
ଧନସ୍ଥାନରେ ବୁଧ ଓ ଗୁରୁଙ୍କ ସମାବେଶରୁ ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ ଏବଂ ବିଭିନ୍ନ ସ୍ତରରୁ ମଧ୍ୟ ଉପକୃତ ହେବେ। ବ୍ୟୟ ଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ବିଛା**
ଜନ୍ମ ବୃହସ୍ପତିଙ୍କ କୁପ୍ରଭାବରେ କର୍ମକ୍ଷେତ୍ରର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଓ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ତଥାପି କର୍ମସ୍ଥ ଚନ୍ଦ୍ର ଯୋଗୁ ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ଦୀର୍ଘ ଦିନରୁ ପଡିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ**
ରାଶିରେ ଶନିଙ୍କ ସ୍ଥିତି କାରଣରୁ ଦିନ ତମାମ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ କିନ୍ତୁ ଉପଭୋଗ୍ୟ ନ ହୋଇପାରେ। ସାହିତ୍ୟ, ଭ୍ରମଣ, ରାଜନୀତି, ପ୍ରଶାସନ, ସାମ୍ବାଦିକତା, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର**
ଗ୍ରହମାନଙ୍କ ଅନୁକୂଳ ପ୍ରଭାବରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ଅର୍ଥ ଓ ସୁନାମ ପାଇବେ। ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇ ଯିବାରୁ ମନ ମଧ୍ୟ ହାଲୁକା ରହିବ। ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ**
ନବମସ୍ଥ ବୃହସ୍ପତି ଅଷ୍ଟମାଧିପ ଯୁକ୍ତ ଜନିତ ବନ୍ଧୁ କିମ୍ବା ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ି ହେବ ନାହିଁ । ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦବିବାଦରେ ଆପୋସ ସମାଧାନ ଘଟିବ ଓ ଶତଭିଷା ବିଜୟୀ ହେବେ।

**ମୀନ**
ଷଷ୍ଠସ୍ଥ ଚନ୍ଦ୍ର ଯାତ୍ରା,ନୂତନ କର୍ମାରମ୍ଭ ସକାଶେ ପ୍ରୀତିଦାୟକ ହେବ। ସାମାଜିକ ସ୍ତରରେ ବନ୍ଧୁ ମାନଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ଅନୁତାପ କରିବାକୁ ପଡ଼ିବ। ଆଲୋଚନା, ସଭାସମିତି, କ୍ରୀଡା, କଳା ଓ ଚଳଚ୍ଚିତ୍ର ଏବଂ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ରମା ଏକାଦଶୀ ଶନିବାର, ନଭେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୫୩ମି. ଗତେ ଘ୧।୨୭ମି. ମଧ୍ୟେ, ଘ୩।୪୨ମି. ଗତେ ଘ୫।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୦୮ମି. ଗତେ ଘ୮।୪୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୪୧ମି. ଗତେ ଘ୧୦।୦୫ ମଧ୍ୟେ ରାହୁକାଳ।

11 BLOOMING YEARS

Reliance
Growth is Life

ଉତ୍କୃଷ୍ଟ ମୁହୂର୍ତ୍ତରୁ
ଅମୂଲ୍ୟ ପ୍ରତିଶ୍ରୁତି
ପର୍ଯ୍ୟନ୍ତ
ଆପଣଙ୍କ ସହିତ
ପ୍ରତିଟି ମୁହୂର୍ତ୍ତରେ



ଖାସ୍ ଦୀପାବଳୀ ଅଫର୍ | 12 ଅକ୍ଟୋବର – 11 ନେଭମ୍ବେର 2018

ଫ୍ଲାଟ୍ 50% ଛାଡ଼*
ଗୋଲ୍ଡ ଜ୍ୱେଲରୀ ତିଆରି ଉପରେ
(₹75,000 ରୁ ଉର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)

ଫ୍ଲାଟ୍ 0%
ମେକିଂ ଡାଇମଣ୍ଡ ଜ୍ୱେଲରୀ ଉପରେ*
(₹75,000 ରୁ ଉର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)

ଫ୍ଲାଟ୍ 75% ଛାଡ଼*
ଗୋଲ୍ଡ କଏନ୍ ମେକିଂ ଉପରେ
(50 ଗ୍ରାମ୍ ଓ ଉର୍ଦ୍ଧ୍ୱ ଆକାର ଉପରେ)

ଏହା ସହିତ ପାଆନ୍ତୁ ଅନନ୍ୟ ଭାଲ୍ୟୁ ଆଡିଶନ୍‌ସ ଯେପରି
ଓଲ୍ଡ ଗୋଲ୍ଡ ଏକ୍ସଚେଞ୍ଜ୍ ଉପରେ ସମ୍ପୂର୍ଣ୍ଣ ଫେରସ୍ତ ଓ ଫ୍ରୀ ଜ୍ୱେଲରୀ ଇନସୁରାନ୍‌ସ*

*ସର୍ତ୍ତ ଓ ନିୟମାବଳୀ ଲାଗୁ ।

Reliance Jewels
BE THE MOMENT

5% EXTRA CASHBACK* SBI Debit Card | SBI Card Make life simple

*Min. trxn: ₹25,000; Max. Cashback: ₹2,500 per card account.
Validity: 27 Oct - 05 Nov '18. T&C Apply.

ଭୁବନେଶ୍ୱର: ଜନପଥ, ସତ୍ୟ ନଗର, ଫୋନ୍: 0674-2570035 • ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ୍ ସ୍କୋୟାର୍, ଫୋନ୍: 0674-2303541 କଟକ: କେଣ୍ଟନମେଣ୍ଟ୍ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 0671-2520011

ଅଧିକନ୍ତୁ, କିଣନ୍ତୁ ଟ୍ରେଣ୍ଡି ଲାଇଟ୍-ୱେଟ୍ ଫାଇନ୍ ଜ୍ୱେଲରୀ ରିଲାଏନ୍‌ସ ଜ୍ୱେଲ୍‌ସ SIS: At TRENDS • ପ୍ଲଟ୍ ନଂ. 12/2902. 2907, ମାଜେଷ୍ଟିକ୍ ପ୍ଲାଜା, ଦୋଳମୁଣ୍ଡାଇ ସ୍କୋୟାର୍, କଟକ • ସହୀଦ ନଗର ଜନପଥ

thoughtrains-kaleido RJ291018

> ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? —ଶ୍ରୀମା

# ଡୋଭାଲଙ୍କ ହାତମୁଠା ଟାଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଂଯୁକ୍ତ ଗୋଇନ୍ଦା କମିଟି (ଜେଇସି)ର ପୂର୍ବତନ ଅଧ୍ୟକ୍ଷ ଆର୍.ଏନ୍. ରବିଙ୍କୁ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କ ହାତମୁଠା ଆହୁରି ଟାଣ ହେଲା ବୋଲି ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି। ରବି ହେଉଛନ୍ତି ତୃତୀୟ ଡେପୁଟି, ଯାହାଙ୍କୁ ଏନ୍ଏସ୍ଏଙ୍କୁ ରିପୋର୍ଟ କରିବାକୁ ପଡ଼ିବ। ଅନ୍ୟ ଦୁଇଜଣ ହେଉଛନ୍ତି ପୂର୍ବତନ ର' ସଚିବ ରାଜିନ୍ଦର ଖାନ୍ନା ଏବଂ ପୂର୍ବତନ କୂଟନୀତିଜ୍ଞ ପଙ୍କଜ ଶରଣ। ତେବେ ୧୯୭୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ହିସାବରେ ଡୋଭାଲଙ୍କ ଡେପୁଟିମାନଙ୍କ ଭିତରେ ରବି ହେଉଛନ୍ତି ବରିଷ୍ଠତମ। ଉଭୟ ଡୋଭାଲ ଓ ରବି ହେଉଛନ୍ତି କେରଳ କ୍ୟାଡର ଆଇପିଏସ୍ ଅଫିସର ଏବଂ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଥିବା ବିଶ୍ୱାସ କରାଯାଏ। ରବି ସରକାରଙ୍କ ତରଫରୁ ମଧ୍ୟସ୍ଥ ଭାବେ ନାଗା ଉଗ୍ରପନ୍ଥୀଙ୍କ ସହିତ କଥାବାର୍ତ୍ତା କରି ଶାନ୍ତି ଫେରାଇ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୁନଶ୍ଚ ରବିଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ସଂଯୁକ୍ତ ଗୋଇନ୍ଦା କମିଟି ସମ୍ପୂର୍ଣ୍ଣରୂପେ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ନିୟନ୍ତ୍ରଣକୁ ଆସିଗଲା। କୁହାଯାଉଛି ଯେ, ଭାରତ ସୁରକ୍ଷା ନୀତିର ଆଭ୍ୟନ୍ତରୀଣ ଭାଗଟା ରବି ପରିଚାଳନା କରିବେ ଏବଂ ବାହ୍ୟ ଭାଗଟା ପଙ୍କଜ ଶରଣଙ୍କ ଦାୟିତ୍ୱରେ ରହିବ। ରାଜିନ୍ଦର ଖାନ୍ନା ନିର୍ଦ୍ଦିଷ୍ଟ ଭାବରେ ଗୋଇନ୍ଦା ଦିଗଟା ବୁଝିବେ। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ରିୟଲ ଇଷ୍ଟେଟ୍‌ର ସମ୍ପ୍ରସାରଣ ଘଟିବ, ଅର୍ଥାତ୍ ନୂତନ କୋଠାବାଡ଼ି ତିଆରି ହୋଇ ମୂଳ ପ୍ରତିଷ୍ଠାନ ସହ ଯୋଗ କରାଯିବ।

### ପକ୍ଷାଘାତରେ ପିଇଏସ୍‌ବି

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ନିର୍ଦ୍ଧାରିତ ସାକ୍ଷାତ୍‌କାର ପରୀକ୍ଷାକୁ ସ୍ଥଗିତ ରଖିବାକୁ ପଡ଼ିଛି, କାରଣ ଲୋକ ଉଦ୍ୟୋଗ ନିଯୁକ୍ତି ବୋର୍ଡ (ପିଇଏସ୍‌ବି) ଜଣେ ମାତ୍ର ସଦସ୍ୟକୁ ହ୍ରାସପାଇ ଏକ ପ୍ରକାର ଅଚଳ ହୋଇପଡ଼ିଛି। ନୂତନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ସବୁ ପ୍ରକାର ସାକ୍ଷାତ୍‌କାର ପରୀକ୍ଷା ବନ୍ଦ ରଖିବା ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ବିଶୃଙ୍ଖଳା ଉପୁଜିବା ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକରେ ଅସନ୍ତୋଷ ବଢ଼ିବ। ବୋର୍ଡ ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପିଇଏସ୍‌ବିର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀମତୀ ଗୌରୀ କୁମାର ଗତମାସରେ ଅବସର ନେବା ପରଠାରୁ ୧୯୮୧ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସୂଦନ ପ୍ରସାଦ ବସ୍ତୁତଃ ବୋର୍ଡର ଏକମାତ୍ର ସଦସ୍ୟ ଅଛନ୍ତି। ପାରମ୍ପରିକଭାବେ ପିଇଏସ୍‌ବି ନିଯୁକ୍ତି ସାକ୍ଷାତ୍‌କାର ପାଇଁ ତାରିଖ ନିର୍ଦ୍ଧାରଣ କରେ ଏବଂ ସାକ୍ଷାତ୍‌କାରର ୧୫ ଦିନ ପୂର୍ବରୁ ପ୍ରାର୍ଥୀମାନଙ୍କର ସଂକ୍ଷିପ୍ତୀକୃତ ତାଲିକା ପ୍ରକାଶ କରେ। ଯେହେତୁ ନିଯୁକ୍ତିର ସମୟସୀମା ବିଷୟରେ ବୋର୍ଡ ପାଖରେ କୌଣସି ଖବର ନାହିଁ, ତେଣୁ ଏହା ନିଯୁକ୍ତି ସାକ୍ଷାତ୍‌କାର ପରିଚାଳନା କରିବା ଲାଗି ଅପ୍ରତିଭ ହୋଇପଡୁଛି। ଉଲ୍ଲେଖନୀୟ ଯେ, ସଞ୍ଜୟ କୋଠାରି ୨୦୧୭ ଜୁଲାଇ ମାସରେ ରାଷ୍ଟ୍ରପତିଙ୍କ ସଚିବ ଭାବେ ରାଇସିଆନା ହିଲ୍‌କୁ ସ୍ଥାନାନ୍ତରିତ ହେବା ପରଠାରୁ ଉକ୍ତ ଚାରିଜଣିଆ ବୋର୍ଡ (ଅଧ୍ୟକ୍ଷ ସମେତ) ମୁଖ୍ୟବିହୀନ ହୋଇପଡ଼ିଥିଲା। ଅଂଶୁମାନ ଦାସ ବୋର୍ଡର ବରିଷ୍ଠତମ ସଦସ୍ୟ ହୋଇଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଗଲା। ସେ କିନ୍ତୁ ଅଗଷ୍ଟ ମାସରେ ଶ୍ରୀମତୀ ଗୌରୀ କୁମାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଦେଲେ। ତେଣୁ ପ୍ରାୟ ବର୍ଷକରୁ ଅଧିକ କାଳ ହେଲାଣି ପିଏସ୍‌ଇବି ସୀମିତ ଲୋକଶକ୍ତିକୁ ନେଇ ଚାଲିଛି। ଫଳରେ ସିପିଏସ୍‌ଇ ଓ ଅନ୍ୟ ଷ୍ଟେକ୍‌ହୋଲ୍‌ଡରଙ୍କ ମଧ୍ୟରେ ଅନିଶ୍ଚୟତାର ବାତାବରଣ ସୃଷ୍ଟି ହୋଇଛି।

### ପିଏମ୍‌ଓର ୨୦୧୯ ପାଇଁ ପ୍ରସ୍ତୁତି

୨୦୧୪ ମେ ମାସରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ ମୋଦି ସରକାର ପରିଚାଳିତ ହୋଇଆସୁଛି। ୨୦୧୯ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୁଜବ ଶୁଣିବାକୁ ମିଳୁଛି ଯେ, ଖୋଦ୍ ପିଏମ୍‌ଓରେ ମଧ୍ୟ ପୁନର୍ଗଠନ ହେବାର ସମ୍ଭାବନା ଅଛି। ପ୍ରଶାସନିକ ପରିଚାଳନାରେ ଦେଖାଦେଇଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସୁଧାରିବା ଲାଗି ଉଦ୍ୟମ କରାଯାଉଛି। ଜାଣିବା ଶୁଣିବା ମହଲରେ ବିଶ୍ୱାସ କରାଯାଉଛି ଯେ, ପିଏମ୍‌ଓରୁ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବଦଳି କରାଯିବ। ତା' ସହ ବଡ଼ ବଡ଼ ପ୍ରସଙ୍ଗରେ ମୋଦିଙ୍କୁ ସହାୟତା କରିବା ଲାଗି ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍‌ଓରେ ନିଯୁକ୍ତି ଦିଆଯିବ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ପିଏମ୍‌ଓ ଟିମ୍‌ରେ ଆହୁରି ଅନେକ ପରିବର୍ତ୍ତନ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଯାହା ଜଣାଯାଏ, ଦୁଇ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍‌ଓକୁ ଅଣାଯାଇ ଅତିରିକ୍ତ ଓ ଯୁଗ୍ମ ସଚିବ ପାହ୍ୟାରେ ନିଯୁକ୍ତି ଦିଆଯିବ। ଉତ୍ତରାଞ୍ଚଳ ରାଜ୍ୟର ଜଣେ ଆଇଆଇଟି କମ୍ପ୍ୟୁଟର ବିଜ୍ଞାନ ସ୍ନାତକରୁ ଆଇଏଏସ୍ ହୋଇଥିବା ଏବଂ ଦକ୍ଷିଣାଞ୍ଚଳ ରାଜ୍ୟରୁ ପ୍ରାଇଭେଟ୍ ସେକ୍ଟର ପୃଷ୍ଠଭୂମିର ଜଣେ ଯୁଗ୍ମ ସଚିବସ୍ତରୀୟ ଆଇଏଏସ୍ ଅଫିସରଙ୍କୁ ଟିମ୍ ପିଏମ୍‌ଓରେ ନିଯୁକ୍ତି ଦିଆଯାଇପାରେ। ଜଣେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଦେଖିବେ ଏବଂ ଆଉ ଜଣେ ଯୋଗାଯୋଗ, ଲୋକଙ୍କ ପାଖରେ ପହଞ୍ଚିବାର ରଣକୌଶଳ ପ୍ରସ୍ତୁତ କରିବେ, ଯାହା ମୋଦିଙ୍କୁ ପୁନଃ ନିର୍ବାଚିତ କରାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ।

Email: dilipcherian@gmail.com

# ଗଙ୍ଗା ପାବନ ପ୍ରହସନ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗଙ୍ଗାପୁତ୍ର ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ। ଜଣେ ବର୍ଷୀୟାନ୍ ସନ୍ଥ ଓ ପ୍ରଖ୍ୟାତ ପରିବେଶବିଜ୍ଞାନୀ। ପ୍ରଫେସର ଗୁରୁଦାସ ଅଗ୍ରୱାଲ ନାମରେ ପରିଚିତ ସ୍ୱାମୀ ସାନନ୍ଦ ପରିବେଶ ସୁରକ୍ଷା ପାଇଁ ଜାଳିଥିଲେ କ୍ରାନ୍ତିର ମଶାଲ। ଗଙ୍ଗାମାତାର ସୁରକ୍ଷା ଦାବି ନେଇ ଆମରଣ ଅନଶନ ଚଳାଇଥିବା ସ୍ୱାମୀ ସାନନ୍ଦ ଶେଷରେ ୧୧।୧୦।୨୦୧୮ରେ ଆରପାରିକି ଚାଲିଗଲେ ସରକାରୀ ଉଦାସୀନତାର ଶିକାର ହୋଇ। ତାଙ୍କ ଭଳି ଜଣେ ପ୍ରଖ୍ୟାତ ପରିବେଶବିତ୍‌ଙ୍କୁ ଜାଣିଶୁଣି ମୃତ୍ୟୁମୁହଁକୁ ଠେଲିଦିଆଗଲା ବୋଲି ଏବେ ଚାରିଆଡ଼େ ଚାଲିଛି ଚର୍ଚ୍ଚା।

ଏକଦା କାନପୁର ଆଇଆଇଟିର ପର୍ଯ୍ୟାବରଣ ବିଭାଗର ମୁଖ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ–ସଚିବ ଥିବା ପ୍ରଫେସର ଅଗ୍ରୱାଲ ୨୦୦୧ରେ ସନ୍ନ୍ୟାସ ଗ୍ରହଣ କରିଥିଲେ ଏବଂ ସେବେଠୁ ସେ ପରିଚିତ ହୋଇଥିଲେ ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ ନାମରେ। ପରିବେଶ ସୁରକ୍ଷା ଦିଗରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଥିବା ସ୍ୱାମୀ ସାନନ୍ଦ ଭାଗୀରଥି ନଦୀ ଉପରେ ଡ୍ୟାମ୍ ନିର୍ମାଣକୁ ବିରୋଧ କରି ୨୦୦୯ ମସିହାରେ ୩୮ ଦିନ ଧରି ଅନଶନରେ ବସିବା କାରଣରୁ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ବାଧ୍ୟ ହୋଇଥିଲେ ତତ୍କାଳୀନ ସରକାର। ଜଣେ ବିଶିଷ୍ଟ ପରିବେଶବିଜ୍ଞାନୀ ତଥା ମଦନମୋହନ ମାଲବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗଙ୍ଗା ମହାସଭା'ର ମାର୍ଗଦର୍ଶକ ଭାବରେ ଗଙ୍ଗାନଦୀର ସୁରକ୍ଷା ପାଇଁ ତାଙ୍କର ଜୀବନ ଥିଲା ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ତେଣୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଜରିଆରେ ଗଙ୍ଗାନଦୀକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସେ ପ୍ରୟାସ ଜାରି ରଖିଥିଲେ ଏବଂ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଅନୁରୋଧ କରୁଥିଲେ ବାରମ୍ବାର। ବିଶେଷକରି 'ନମାମି ଗଙ୍ଗେ' ନାରା ଦେଇ ବାରାଣସୀ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରୁ ସେ ଆଶା କରୁଥିଲେ ବହୁତକିଛି। ମାତ୍ର ଯେବେଠାରୁ ସେ ଅନୁଭବ କଲେ 'ନମାମି ଗଙ୍ଗେ' ଯୋଜନା କେବଳ ଅଟକିଛି ବଡ଼ ବଡ଼ ଭାଷଣ, ପ୍ରତିଶ୍ରୁତି ଓ ନିର୍ବାଚନୀ ଇସ୍ତାହାର ଭିତରେ,ସେବେଠୁ ତାଙ୍କୁ ଅଧିକ ବିବ୍ରତ କଲା ଗଙ୍ଗାମାତାର ସୁରକ୍ଷା ଚିନ୍ତା। ଶେଷରେ ଗଙ୍ଗାନଦୀ ଉପରେ ବନ୍ଧ, ବ୍ୟାରେଜ୍ ଓ ଟନେଲ୍ ନିର୍ମାଣକୁ ବିରୋଧକରି ଗତ ଜୁନ୍ ୨୨ରୁ ଆରମ୍ଭ କଲେ ଆମରଣ ଅନଶନ। ହରିଦ୍ୱାର ମୈତ୍ରୀ ସଦନ ଆଶ୍ରମରେ ୧୧୧ଦିନ ଅନଶନରେ ବସିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବଳପୂର୍ବକ ଉଠେଇନେଇ ଭର୍ତ୍ତି କରାଯାଇଥିଲା ଋଷିକେଶସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ। ପରଦିନ ସେଠାରେ ସବୁଦିନ ପାଇଁ ଆଖି ବୁଜିଦେଲେ ୮୭ ବର୍ଷୀୟ ସ୍ୱାମୀ ସାନନ୍ଦ। ଜଣେ ମହାନ୍ ସନ୍ଥ ତଥା ପରିବେଶବିଜ୍ଞାନୀଙ୍କୁ ବଞ୍ଚେଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲାନି ବିଶେଷ ତତ୍ପରତା। ବ୍ୟଥିତପ୍ରାଣ ଗଙ୍ଗାପୁତ୍ରଙ୍କ ଚାରିଦଫା ଦାବିକୁ ମାନିନେଇ ଗଙ୍ଗାମାତାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଜୁଟେଇ ପାରିଲେନି ନୈତିକ ସାହସ। ଅର୍ଥାତ୍ ରାଜନୈତିକ ସ୍ୱାର୍ଥପରତା ଆଗରେ କୌଣସି ମୂଲ୍ୟ ରଖିଲାନି ଗଙ୍ଗାନଦୀର ସୁରକ୍ଷା ଓ ଗଙ୍ଗାପୁତ୍ରଙ୍କ ଜୀବନ।

ଏହି ପରିପ୍ରେକ୍ଷୀରେ ସରକାର ଜାଣିରଖିବା ଉଚିତ ଯେ, ଭାରତୀୟମାନଙ୍କ ଦୃଷ୍ଟିରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ତାହା ଉଦ୍‌ବେଳିତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ଇତିହାସର ବ୍ରାହ୍ମ ମୁହୂର୍ତ୍ତରୁ ଏହା ଦେଶବାସୀଙ୍କ ହୃଦୟ ଜିଣିଥିବା ଏକ ପବିତ୍ର ତୀର୍ଥକ୍ଷେତ୍ର। ଯେଉଁ ତୀର୍ଥଜଳରେ ସ୍ନାନ କଲେ ଧୋଇଯାଏ ଜୀବନର ସକଳ ପାପ। ସେ ତୀର୍ଥକ୍ଷେତ୍ରରେ ମୃତ ବ୍ୟକ୍ତିର ଅସ୍ଥି ବିସର୍ଜନ କଲେ ମୋକ୍ଷ ଲଭେ ଆତ୍ମା। ଏହା ପ୍ରତ୍ୟେକ ହିନ୍ଦୁଙ୍କ ବିଶ୍ୱାସ।

କେବଳ ଅଧିଭୌତିକ ଦୃଷ୍ଟିରୁ ନୁହେଁ, ଗଙ୍ଗା ଜଳର ଶୁଦ୍ଧତାକୁ ନେଇ ସାରା ବିଶ୍ୱରେ ରହିଛି ତା'ର ଖ୍ୟାତି। କାରଣ ବିଜ୍ଞାନାଗାରର ବିଶୁଦ୍ଧ ଜଳଠାରୁ ଗଙ୍ଗାନଦୀର ଜଳ ଆହୁରି ଶୁଦ୍ଧ। ସେଥିପାଇଁ ପୃଥିବୀର ସର୍ବବୃହତ୍ ସାଂସ୍କୃତିକ ମଞ୍ଚ ମହାକୁମ୍ଭ ମେଳା ସମୟରେ ପ୍ରୟାଗ ନିକଟରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ସମାଗମ ହେଲେ ବି ସେଠାରେ କେବେ ବ୍ୟାପୁ ନ ଥିଲା ମହାମାରୀ। ଗଙ୍ଗାଜଳର ଏହି ଚମତ୍କାରିତା ଦିନେ ବୈଜ୍ଞାନିକମାନଙ୍କ ଚିନ୍ତା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ସେମାନେ ଗବେଷଣା କରି ଆବିଷ୍କାର କରିଥିଲେ ତା'ର ରହସ୍ୟ। ୧୮୯୬ ମସିହାରେ ପ୍ରକାଶିତ ବିଶିଷ୍ଟ ବୈଜ୍ଞାନିକ ଅର୍ଣ୍ଣେଷ୍ଟ ହାନବରୀଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁସାରେ ଗଙ୍ଗାଜଳରେ ରହିଛି ଭୂତାଣୁ ବିନାଶକାରୀ ଗୁଣ। ତା'ର ସଂସ୍ପର୍ଶରେ ଆସିବାର ମାତ୍ର ୩ଘଣ୍ଟା ମଧ୍ୟରେ ଆପେ ଆପେ ନଷ୍ଟ ହୋଇଯାଆନ୍ତି ହଇଜା ରୋଗର ଭୂତାଣୁ ଭାଇବ୍ରିଓ କଲୋରି। ଅଥଚ ପରିତାପର ବିଷୟ ଶହ ଶହ ବର୍ଷ ଧରି ଚାଲିଥିବା ଅତ୍ୟାଚାର ଯୋଗୁ ସେହି ଗଙ୍ଗାର ବିଶୁଦ୍ଧ ଜଳ ଏବେ ଆବର୍ଜନାରେ ପୂର୍ଣ୍ଣ। ସେ ହରେଇ ବସିଛି ତା'ର ଭୂତାଣୁ ବିନାଶକାରୀ ଗୁଣବତ୍ତା।

ସାଧାରଣତଃ ସବୁ ଦେଶରେ, ସବୁକାଳରେ ଜୀବନ ପାଇଁ ନଦୀଗୁଡ଼ିକ ହିଁ ବାଣ୍ଟିଛନ୍ତି ଜଳ। ସେହି ଜଳସମ୍ପଦ ପାଇଁ ଲୋକେ ସର୍ବଦା ଲୋଡ଼ିଛନ୍ତି ନଇକୂଳିଆ ଜାଗା। ଏହି ଦୃଷ୍ଟିରୁ ବିଚାର କଲେ ଗଙ୍ଗା କେବଳ ପତିତପାବନୀ ନୁହେଁ, ଏହା ଭାରତବର୍ଷର ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ବିକାଶର ମାନଦଣ୍ଡ। ଜୀବନ ବାଣ୍ଟିବା ପାଇଁ ହିମାଳୟର ଗଙ୍ଗୋତ୍ରୀଠାରୁ ସୁନ୍ଦରବନର ସାଗରସଙ୍ଗମ ପର୍ଯ୍ୟନ୍ତ ତା'ର ଅଢେଇ ହଜାର କି.ମି. ବ୍ୟାପି ପ୍ରଲମ୍ବିତ ଯାତ୍ରା। ମାତ୍ର ଯିଏ କାଳ କାଳ ଧରି ଜୀବନ ବାଣ୍ଟୁଛି, ସେ ଆଜି ନିଜେ ହରେଇବସିଛି ସ୍ୱଚ୍ଛନ୍ଦରେ ପ୍ରବାହିତ ହେବାର ଅଧିକାର। ବିଭିନ୍ନ କାରଣରୁ କ୍ରମଶଃ ସଂକୁଚିତ ହେବାରେ ଲାଗିଛି ଚିରସ୍ରୋତା ଗଙ୍ଗାର ଜଳପ୍ରବାହ। ନଦୀର ସ୍ରୋତ ଦୁର୍ବଳ ହୋଇପଡ଼ିବା କାରଣରୁ ନିଷ୍କାସିତ ହୋଇପାରୁନି ନଦୀ ଗର୍ଭରେ ମିଶୁଥିବା ନାନା ପ୍ରକାର ଆବର୍ଜନା। ଶାସ୍ତ୍ର କହେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଧମନୀରେ ଯେମିତି ଶୁଦ୍ଧ ରକ୍ତ ପ୍ରବାହିତ ହେବା ଦରକାର, ସେମିତି ନଦୀର ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା। ମାତ୍ର ଗଙ୍ଗାଜଳ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାଯାଏ, ସ୍ନାନ ପାଇଁ ଗଙ୍ଗାଜଳକୁ ବ୍ୟବହାର କରିବା ତ ଦୂରର କଥା, ତାହା କୃଷି କାର୍ଯ୍ୟ ପାଇଁ ମଧ୍ୟ ଏବେ ଅନୁପଯୋଗୀ।

ଗଙ୍ଗାନଦୀ କୂଳରେ ଗଢ଼ିଉଠିଥିବା ପ୍ରକାଣ୍ଡକାୟ ଶିଳ୍ପସଂସ୍ଥାଗୁଡ଼ିକ ତା'ର ଜଳରେ ଶୋଷ ମେଣ୍ଟାଉଛନ୍ତି, ଅଥଚ ତା' ଦେହକୁ ଛାଡୁଛନ୍ତି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ। ବିଶେଷକରି କାନପୁର ସହରରେ ଗଢ଼ିଉଠିଥିବା ବୃହତ୍ ଚମଡ଼ା ଶିଳ୍ପଗୁଡ଼ିକର ଦୂଷିତ ଓ ସାଂଘାତିକ ଭାବରେ କ୍ଷୟକାରୀ ତରଳ ବର୍ଜ୍ୟ ପ୍ରବେଶ କରିବା ଫଳରେ ଦସ୍ତା, କ୍ରୋମିୟମ୍ ଆଦି ବିଷାକ୍ତ ଧାତୁଯୁକ୍ତ ହୋଇପଡୁଛି ଗଙ୍ଗାଜଳ। ଏଥି ସହିତ ବିଷାକ୍ତ ହେଉଛି ଗାଙ୍ଗେୟ କ୍ଷେତ୍ରରେ ଉତ୍ପନ୍ନ ଖାଦ୍ୟଶସ୍ୟ ଓ ପନିପରିବା। ନଦୀକୂଳରେ ଗଢ଼ିଉଠିଥିବା ସହରର ନର୍ଦ୍ଦମା ପାଣି ଅବାଧରେ ମିଶୁଛି ଗଙ୍ଗା ଦେହରେ। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ପ୍ରତିଦିନ ଗଙ୍ଗା ଗର୍ଭକୁ ପ୍ରବେଶ କରୁଛି ଦେଢଶହକୋଟିଲିଟର ନାଳନର୍ଦ୍ଦମା ପାଣି। କୋଟିଏ ଟନ୍‌ର ଅଳିଆ, ଆବର୍ଜନା ଓ କାଦୁଅରେ ଅସ୍ଥିର ହେଉଛି ଗଙ୍ଗା। ପ୍ରତିବର୍ଷ ପୁଣି ଗଙ୍ଗା ଗର୍ଭକୁ ଫିଙ୍ଗାଯାଉଛି ୧ଲକ୍ଷ ୧୫ହଜାର ଟନ୍ ପ୍ଲାଷ୍ଟିକ। ଦେଶର ସବୁଠାରୁ ଜନବହୁଳ ଅଞ୍ଚଳ ଦେଇ ପ୍ରବାହିତ ନଦୀକୁ ଯଦି ନର୍ଦ୍ଦମା ଭଳି ବ୍ୟବହାର କରାଯାଏ, ତେବେ ତା'ର ଅମୃତଧାରା ଜହରରେ ପରିଣତ ହେବା ଏକ ସ୍ୱାଭାବିକ କଥା।

ଗଙ୍ଗାନଦୀର ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ପରିମଳ ଯୋଜନା'(୧୯୮୬)ଠାରୁ ବର୍ତ୍ତମାନର 'ନମାମି ଗଙ୍ଗେ' ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି ଯୋଜନା ପରେ ଯୋଜନା। ଏ ଦିଗରେ ଟିକସଦାତାଙ୍କ ପଇସା ବି ଖର୍ଚ୍ଚ ଚାଲିଛି ବେପରୁଆଭାବେ। ମାତ୍ର କମିବାର ନାଁ ଧରୁନି ପ୍ରଦୂଷଣର ମାତ୍ରା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଗଙ୍ଗା ପ୍ରଦୂଷଣ ପାଇଁ ଯେଉଁ କାରଣଗୁଡ଼ିକ ଦାୟୀ, ତାହା ବହୁ ପୂର୍ବରୁ ଚିହ୍ନଟ ହୋଇ ସାରିଥିଲେ ବି ସରକାର ଖୋଜି ପାଉନାହାନ୍ତି ସମାଧାନର ବାଟ। ଏଥିରୁ ବାରିହୋଇ ପଡୁଛି ଗଙ୍ଗାମାତାର ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ସ୍ୱରୂପ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ– ୯୪୩୮୮୫୫୦୮୮

# ପଲିଥିନ୍‌ର ବିଭୀଷିକା



ଅଭିମନ୍ୟୁ ଧଳ

ପରିବା କିଣିବା ପାଇଁ ମୁଁ ବ୍ୟାଗ ବାହାର କଲି। ବନ୍ଧୁ କ୍ଷୀରୋଦ ପରିବା ବିକାଳିଙ୍କୁ ପଲିଥିନ ମୁଣାରେ ପରିବା ଦେବା ପାଇଁ କହିବାରୁ ସେ କହିଲେ– ଏଇଥରକ ନିଅନ୍ତୁ, ଆର ଥରକୁ ବ୍ୟାଗ ଆଣିବେ। ସରକାର ଏହାକୁ ବନ୍ଦ କଲେଣି, ବ୍ୟବହାର କଲେ ଜରିମାନା ଦେବୁ। ବନ୍ଧୁଙ୍କ ମୁହଁରେ ହସ। ସଙ୍ଗେ ସଙ୍ଗେ ଲମ୍ବା ହିସାବଟିଏ ଦେଲେ। ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଏହାର ରାଜୁତି। ପଲିଥିନ୍ ହିଁ ଫୁଲତୋଳା, ମନ୍ଦିରକୁ ଭୋଗ ନେଇ ଯିବା, ସଉଦାପତ୍ର ଆଣିବା, କାହାଘରକୁ କିଛି ପଠାଇବା, ରେନକୋଟ ନ ନେଇଥିଲେ ମୁଣ୍ଡରେ ଢାଙ୍କିବା, ମନିପର୍ସ ଓ ମୋବାଇଲକୁ ବର୍ଷାରୁ ସୁରକ୍ଷିତ ରଖିବା, ଟିଫିନ ନେବା, ଏପରିକି ଫ୍ରିଜରେ ପରିବା ରଖିବା କାମ ଚଳାଏ। ଗୃହିଣୀଙ୍କର ଏହା ଅମୂଲ୍ୟ ସମ୍ପଦ। ଅଧିକାଂଶ ପରିବାରରେ ରୋଷେଇଘରେ ଏହା ପାଇଁ ସ୍ୱତନ୍ତ୍ର ସ୍ଥାନ, ଏହା ବନ୍ଦ ହେବା କ'ଣ ସମ୍ଭବ!

ବାସ୍ତବିକ ପ୍ଲାଷ୍ଟିକ ଯେଉଁଭଳି ଆମ ଦୈନନ୍ଦିନ ଜୀବନକୁ ଆବୋରି ନେଇଛି ସେଥିରୁ ମୁକୁଳିବା କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ୧୯୩୩ ମସିହାରେ ଆକସ୍ମିକ ଭାବେ ପ୍ଲାଷ୍ଟିକ ସୃଷ୍ଟି ହୋଇଥିଲା। ଏରିକ ଫସେଟ ଏବଂ ରେଜିନାଲ୍ଡ ଗିବ୍‌ସନ୍ ନାମକ ଦୁଇ ବ୍ରିଟିଶ ବୈଜ୍ଞାନିକ ଏହା ଉପରେ ଗବେଷଣା କରି ସଫଳ ହୋଇଥିଲେ। ସେତେବେଳେ ସେ ଜାଣି ନ ଥିଲେ ଯେ ଯେଉଁ ପଲିଥିନକୁ ସେମାନେ ମଣିଷର ଉପକାରରେ ଆସିବ ବୋଲି ସୃଷ୍ଟି କରିଥିଲେ ତାହା ଦିନେ ପରିବେଶ ପାଇଁ ଏକ ଭୟଙ୍କର ବିପଦ ପାଲଟିଯିବ। ଆମେ ବ୍ୟବହାର କରୁଥିବା ପ୍ରକୃତିର ଅମୃତ ଭଣ୍ଡାର ପାଣି, ପବନ ଓ ମାଟିକୁ ପଲିଥିନ ବିଷାକ୍ତ କରିଦେଇଛି। ମିନେରାଲ ୱାଟରରେ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ରହୁଛି। ଗଦା ଗଦା ପଲିଥିନ ପୋଡାଯିବା ବେଳେ ସେଥିରୁ ଡାଇଅକ୍ସିନ ଓ ଫ୍ୟୁରାନ ଭଳି ବିଷାକ୍ତ ବାଷ୍ପ ନିର୍ଗତ ହୋଇ ପାଖାପାଖି ରହୁଥିବା ଲୋକଙ୍କ ଭିତରେ କର୍କଟ ରୋଗ ସୃଷ୍ଟି କରିବାର ସମ୍ଭାବନା ଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ହ୍ରାସ କରେ। ହରମୋନର ଅସନ୍ତୁଳନ ଘଟାଇଥାଏ। ସେହିଭଳି ପ୍ଲାଷ୍ଟିକଗୁଡିକ ବିଘଟନ ହୋଇ ନ ଥିବାରୁ ବର୍ଷ ବର୍ଷ ଧରି ମାଟିରେ ନ ମିଶି ସେମିତି ପଡିରହିଥାଏ। ସତେଯେମିତି ଏହାକୁ ବାହାର କରିଥିବା ବୈଜ୍ଞାନିକଙ୍କଠାରୁ ସେ ଅମରବର ଲାଭ କରିଛି। ଏହାର ସୂକ୍ଷ୍ମ କଣିକା ପାଣିକୁ ପ୍ରଦୂଷିତ କରିଥାଏ। ପ୍ରୋସେସିଂ ସମୟରେ ଏହି ସୂକ୍ଷ୍ମ କଣିକାକୁ ଅଲଗା କରିବା ପ୍ରାୟତଃ ଅସମ୍ଭବ।

ପଲିଥିନ ମୁଣାରେ ଗରମ ଖାଦ୍ୟ ନେବା, ପ୍ଲାଷ୍ଟିକ୍ କପ୍‌ରେ ଚା' ପିଇବା, ପ୍ଲାଷ୍ଟିକ୍ ଭିତରେ ପାନୀୟଜଳ ରହିବା ରୋଗ ସୃଷ୍ଟିର କାରଣ। ପୃଥିବୀର ପ୍ରତ୍ୟେକ ଦେଶ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ହେଲାଣି। ଏହାର ବ୍ୟବହାରକୁ କମ୍ କରିବା, ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ବିଘଟନ କରିବା ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ଖୋଜିବାରେ ମାନବ ସମାଜ ଲାଗିପଡିଲାଣି। ଉଦାହରଣସ୍ୱରୂପ ନେଦରଲାଣ୍ଡ ସରକାର ସମୁଦ୍ର ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିସାରିଛନ୍ତି। ନିଜ ସମୁଦ୍ରତଟରେ ରବରର ବଡ଼ ଅବରୋଧକ ଲଗାଇଛନ୍ତି। ଏହା ସମୁଦ୍ରକୁ ଆସୁଥିବା ଆବର୍ଜନାକୁ ଏକାଠି କରିବ।

ପ୍ଲାଷ୍ଟିକ୍‌କୁ ନଷ୍ଟ କରିଦେଲା ଭଳି ଏନ୍‌ଜାଇମ ବିକଶିତ କରୁଛନ୍ତି ଆମେରିକା ଓ ବ୍ରିଟେନ ବୈଜ୍ଞାନିକମାନେ। ମିଲୱାର୍ମ ଲାର୍ଭା ପ୍ଲାଷ୍ଟିକ ବିନାଶକ ବୋଲି ସେମାନେ କହିଛନ୍ତି। ଗୋଟିଏ ମିଲୱାର୍ମ ଲାର୍ଭା ଥରକୁ ପ୍ରାୟ ୪୦ ମିଲିଗ୍ରାମ ପ୍ଲାଷ୍ଟିକ ଖାଇ ଚବିଶ ଘଣ୍ଟା ଭିତରେ ହଜମ କରିପାରେ। ତେଣୁ କୋଟି କୋଟି ମିଲୱାର୍ମ ଲାର୍ଭା କୃତ୍ରିମ ଉପାୟରେ ସୃଷ୍ଟିକରି ପ୍ଲାଷ୍ଟିକ ନଷ୍ଟ କାର୍ଯ୍ୟରେ ଲଗାଇବା ପାଇଁ ଉଦ୍ୟମ କରାଯାଉଛି। ଏସବୁ ଉଦ୍ୟମ ସମୟସାପେକ୍ଷ ହୋଇଥିବାରୁ ଆମକୁ ସଚେତନ ହେବାକୁ ପଡିବ।

ସାଇନ୍ସ ଆଡଭାନ୍ସ ଜର୍ନାଲ ରିପୋର୍ଟ ଅନୁସାରେ ୧୯୫୦ ଦଶକରେ ପ୍ଲାଷ୍ଟିକ ଉତ୍ପାଦନ ୨ ମିଲିୟନ ଟନ୍ ଥିବାବେଳେ ୨୦୧୫ରେ ଏହା ୪୦୦ ମିଲିଅନ୍ ଟନ୍‌କୁ ବୃଦ୍ଧିପାଇଛି। ଅଦ୍ୟାବଧି ୮.୫ ବିଲିଅନ ଟନ୍ ପ୍ଲାଷ୍ଟିକ ସୃଷ୍ଟି ହେଲାଣି, ଯାହାକି ଭୂଭାଗ ଓ ଜଳଭାଗରେ ଆବର୍ଜନାର ରୂପନେଇ ପ୍ରାକୃତିକ ପରିବେଶକୁ ବିପର୍ଯ୍ୟୟ ଆଡ଼କୁ ଟାଣିନେଉଛି। ସମୁଦ୍ରରେ ଯେତିକି ପ୍ଲାଷ୍ଟିକ ଜମା ହୋଇଛି ୨୦୫୦ ମସିହା ବେଳକୁ ଏହା ସମୁଦାୟ ମାଛଙ୍କ ଓଜନରୁ ଅଧିକ ହୋଇଯିବ।

୧୯୭୦ ଦଶକ ପୂର୍ବରୁ ଆମେ ବିଶେଷ ଭାବେ କପଡା ବ୍ୟାଗ, ମାଟି ପାତ୍ର, ବିଭିନ୍ନ ଧାତୁ ଓ କାଚ ବ୍ୟବହାର କରୁଥିଲେ। ଏହି ସିନ୍ଥେଟିକ ପଲିମର ବ୍ୟବହାର ବଦଳରେ ପ୍ରକୃତିର ପଲିମର ବ୍ୟବହାର କଲେ ପ୍ଲାଷ୍ଟିକ୍ ଧୀରେ ଧୀରେ ଉଭେଇଯିବ। କପା ଓ ରେଶମ ଏହାର ଉଦାହରଣ। ମଣିଷ, ଗୋରୁ, ଜଳଜୀବ ଏହାଦ୍ୱାରା ମୃତ୍ୟୁମୁଖରେ ପଡୁଛନ୍ତି। ପ୍ରତିବର୍ଷ ସମୁଦ୍ରକୁ ୧୩ ନିୟୁତ ଟନ୍ ପ୍ଲାଷ୍ଟିକ ଯାଉଥିବାରୁ ୧ ଲକ୍ଷ ସାମୁଦ୍ରିକ ଜୀବ ଓ ୨ ନିୟୁତ ସାମୁଦ୍ରିକ ପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି। ଆମ ରାଜ୍ୟ ସରକାର ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏବେଠାରୁ ସରକାର ଓ ବିଭିନ୍ନ ବେସରକାରୀ ସଂଗଠନ ଏ ଦିଗରେ ଲାଗିପଡିଲେଣି। ଏକ ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ପାଇଁ ଆସନ୍ତୁ ଆମେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା।

ଓସଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ–୯୮୬୧୦୪୮୦୫୨

## ଏଇ ଭାରତରେ

କିଛି ଘଟଣା ସତ ଲାଗୁଥିଲେ ମଧ୍ୟ ସେଗୁଡିକ ପରମୁହୂର୍ତ୍ତରେ ମିଥ୍ୟା ପ୍ରମାଣିତ ହୁଏ। ଏପରି ଏକ ଘଟଣାକ୍ରମରେ ଜଣେ ବ୍ୟକ୍ତିଙ୍କ ଶୁଦ୍ଧିକ୍ରିୟା ସରିଯିବାପରେ ସେ ଫେରିଆସିବା ଘଟଣାରେ ପରିବାର ସଦସ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଉକ୍ତ ବ୍ୟକ୍ତି ଜଣକ ମନଦୁଃଖ କରିଛନ୍ତି। କାରଣ ସେ ବଞ୍ଚି ଥାଉଥାଉ ପରିବାର ଲୋକେ ତାଙ୍କ ପାଇଁ ଶୁଦ୍ଧି ହୋଇପଡିଛନ୍ତି। ଏପରି ଏକ ଘଟଣା ଘଟିଛି କେରଳରେ। ୪୯ବର୍ଷ ବୟସ୍କ ସାଜି ମରିଯାଇଥିବା ପରିବାର ଲୋକେ ଦୃଢ଼ନିଶ୍ଚିତ ହୋଇଥିଲେ। ସାଜି କିଛି ମାସ ତଳେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଚାଲିଯାଇଥିଲେ। କର୍ନାଟକରେ ଜଣେ ମୃତବ୍ୟକ୍ତିର କେହି ଦାବିଦାର ନ ଥିବାବେଳେ ତାହା ସାଜିଙ୍କର ମୃତଦେହ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ସାଜିଙ୍କ ଦେହର ଯେଉଁ ଅଂଶରେ ଦାଗ ରହିଥିଲା ତାହା ମୃତଦେହରେ ଥିବା ଦେଖି ପରିବାର ଲୋକେ ଏହା ସାଜିଙ୍କର ବୋଲି ନିଶ୍ଚିତ ହୋଇଥିଲେ। ଏହାପରେ ମୃତଦେହ ଘରକୁ ଆଣି ଅକ୍ଟୋବର ୧୬ରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। କିନ୍ତୁ ସାଜି ୩ ଦିନ ତଳେ ଘରକୁ ଫେରିବା ପରେ ପରିବାର ଲୋକେ ତଟସ୍ଥ। ଏ ସମ୍ପର୍କରେ ପୋଲିସକୁ ଜଣାଇବା ପରେ ପୂର୍ବୋକ୍ତ ମୃତଦେହ ବିଷୟରେ ଅନୁସନ୍ଧାନ ଆରମ୍ଭ ହୋଇଛି।

### ଚିରନ୍ତନୀ

ପାଦପ–ତଳେ କୁଟୀର ବୁକେ
କୃଷକ ଅବା ଶୋଇଛି ସୁଖେ
ସ୍ୱପନ କୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ !
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୩

- ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଏକ ଭୟାବହ ରେଳ ଦୁର୍ଘଟଣାରେ ୩୫ ଜଣ ରେଳଯାତ୍ରୀଙ୍କ ମୃତ୍ୟୁ।
- ଉଗ୍ରପନ୍ଥୀମାନଙ୍କୁ ମୁକାବିଲା କରିବା ପାଇଁ ମଣିପୁରରେ କେବୁଲ ଟିଭି ଜରିଆରେ ଭିଡିଓ ଫିଲ୍ମ ପ୍ରଦର୍ଶନ ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି।

## ସୁ–ଡୋ–କୁ (su|do|ku)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 8 | | | | 4 | | | | | C | | 7 | | |
| | | B | | 2 | | | | | E | 9 | | | 8 | |
| | 0 | | 3 | | 6 | | 7 | | | 2 | A | | | D |
| A | 3 | | C | | | 2 | | | | | 5 | | 0 | |
| 2 | | 4 | | | | | | C | 1 | 6 | | | E | |
| | | | | B | E | | 5 | 2 | D | 7 | | | | 0 |
| | | | | | 1 | | | | | B | 0 | 9 | | |
| | 2 | | | | | | 0 | 9 | | 3 | | 4 | 7 | |
| 4 | 1 | 3 | | D | 9 | | 6 | | | | | | | |
| | | | | | | D | A | | | 8 | | 3 | | C |
| 3 | 7 | 8 | 9 | A | | | 2 | | | | | | | |
| | 5 | | | | | | B | | | | | | 9 | |
| 9 | | | 4 | C | | | | 0 | 2 | | | | | |
| C | | | | | B | | | 8 | | | | | | |
| | D | | | 0 | 7 | | | 5 | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 3 | 7 | E | 5 | 8 | 9 | C | D | B | A | 6 | 4 | 1 | 2 |
| 9 | 5 | 4 | 0 | 2 | B | A | 6 | 1 | 3 | E | 7 | 8 | D | C |
| 2 | A | C | 7 | 6 | D | 4 | B | E | 1 | 5 | 8 | 9 | 3 | 0 |
| E | 1 | B | 4 | 9 | 3 | 8 | 5 | 0 | C | D | 2 | A | 6 | 7 |
| 8 | 6 | D | 1 | A | C | 7 | 3 | 2 | 9 | 0 | 4 | E | 5 | B |
| C | D | 0 | 9 | 8 | 6 | 2 | 7 | B | 4 | 1 | A | 3 | E | 5 |
| A | 9 | 5 | 2 | 0 | E | 6 | 4 | 3 | 8 | C | B | D | 7 | 1 |
| 7 | B | 6 | C | 4 | 1 | D | 9 | 8 | E | 3 | 5 | 0 | 2 | A |
| 1 | 4 | 2 | D | 3 | 5 | E | A | C | 6 | 7 | 0 | B | 8 | 9 |
| 3 | E | 8 | B | 7 | A | 1 | 0 | 5 | D | 2 | 9 | 6 | C | 4 |
| B | 2 | A | 5 | E | 7 | 3 | 8 | 6 | 0 | 4 | 1 | C | 9 | D |
| 4 | 0 | E | A | 1 | 9 | C | D | 7 | 5 | 6 | 3 | 2 | B | 8 |
| 5 | 8 | 9 | 6 | D | 2 | 0 | E | A | 7 | B | C | 1 | 4 | 3 |
| D | C | 1 | 3 | B | 4 | 5 | 2 | 9 | A | 8 | E | 7 | 0 | 6 |
| 6 | 7 | 3 | 8 | C | 0 | B | 1 | 4 | 2 | 9 | D | 5 | A | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହକି ବିଶ୍ୱକପ୍‌ରେ ଓଡ଼ିଶା ବଦ୍‌ନାମ ନ ହେଉ

ମହାଶୟ,

ଏହା ଗର୍ବ ଓ ଗୌରବର ବିଷୟ ଯେ, ଭୁବନେଶ୍ୱରଠାରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍‌କୁ ସଫଳ କରିବା ପାଇଁ ଓଡିଶା ସରକାରଙ୍କ ସମସ୍ତ ବିଭାଗ ଅହରହ ପରିଶ୍ରମ କରୁଛନ୍ତି। କିନ୍ତୁ ରାଜଧାନୀର ବହୁ ଅଞ୍ଚଳ ଏବେ ମଧ୍ୟ ଅଳିଆ, ଆବର୍ଜନାରେ ଭରପୂର। ବର୍ତ୍ତମାନ ମଧ୍ୟ ବହୁ ଅଞ୍ଚଳରେ ରାସ୍ତା ଖାଲଖମାପୂର୍ଣ୍ଣ ରହିଛି। କଟକରୋଡ୍ ଅବସ୍ଥା ସବୁଠାରୁ ଖରାପ। ହକି ବିଶ୍ୱକପ୍ ଅବସରରେ ରାଜ୍ୟ ବାହାରୁ ଓ ଦେଶବିଦେଶରୁ ବହୁ ଖେଳାଳି ଓ ଦର୍ଶକ ଆସିବେ। ସେମାନେ ଭୁବନେଶ୍ୱର ସ୍ମାର୍ଟ ସିଟିର ଏପରି ଅବସ୍ଥା ଦେଖି କ'ଣ ଭାବିବେ ? ଏହାଦ୍ୱାରା ରାଜ୍ୟର ବଦ୍‌ନାମ ହେବ ନାହିଁ କି ?

କେ. ରବି, ଇ–୨୩୭, ଜିଜିପି କଲୋନୀ, ଭୁବନେଶ୍ୱର

### ରାଜଧାନିଆଙ୍କ ବୃକ୍ଷପ୍ରୀତି

ଆମେ ସମସ୍ତେ ରାଜଧାନିଆଙ୍କ ପୁଷ୍ପପ୍ରୀତି ସମ୍ପର୍କରେ ଜାଣୁ। ସକାଳୁ ଉଠି ଅନ୍ୟ ବାଡିରୁ ଫୁଲ ତୋଳିବାରେ ଏମାନେ ଓସ୍ତାଦ୍। ଏବେ ରାଜଧାନିଆଙ୍କ ବୃକ୍ଷପ୍ରୀତି ମଧ୍ୟ କଷ୍ଟଦାୟକ ମନେହେଲାଣି। ବାଡି ଭିତରେ ଗଛର ମୂଳଟା ରହି ସାରା ଗଛଟା ରାସ୍ତାରେ କିମ୍ବା ଅନ୍ୟ ବାଡିରେ। ସେଥିପାଇଁ ଝଗଡ଼ା ଓ ଗଣ୍ଡଗୋଳ। ସାବଧାନ ହୋଇ ଗାଡି ନ ଚଳାଇଲେ ମୁହଁରୁ ଖଣ୍ଡେ ଉଡିଯିବାର ଭୟ। ରାସ୍ତାକୁ ମାଡିଆସିଥିବା ଡାଳପତ୍ରକୁ ମଝିରେ ମଝିରେ କାଟିବା ମଧ୍ୟ କ'ଣ ସରକାରଙ୍କ ଦାୟିତ୍ୱ ?

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

### ଚାକିରିଆଙ୍କ ଅସନ୍ତୋଷ ବଢ଼ିବ

ସପ୍ତମ ବେତନ କମିଶନକୁ ତିନିବର୍ଷ ପୂରଣ ହେବାକୁ ଯାଉଛି। ଅଥଚ ଚାକିରିଆଙ୍କୁ ନୂତନ ଘରଭଡ଼ା ମିଳୁନାହିଁ। ସେପଟେ ସରକାର ଭୋଟ ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି। ଆୟୁଷ୍ମାନ ଭାରତ ଓ ବିଜୁ ସ୍ୱାସ୍ଥ୍ୟ ଯୋଜନା ମଧ୍ୟରେ ଲଢ଼େଇ ଲାଗିଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ସବୁଦିନ କାନ୍ଦୁଛନ୍ତି। ଲୋକଙ୍କ ଉପରେ ମୁଣ୍ଡପିଛା ଋଣ କୋଡିଏ ହଜାରରୁ ଅଧିକ ହେଲାଣି। ତଥାପି ସରକାରଙ୍କ ଚେତା ପଶୁନି। ମେକ୍ ଇନ୍ ଓଡିଶା କରି ପୁଞ୍ଜି ନିବେଶକାରୀଙ୍କୁ ସରକାର ଭିକ ମାଗୁଛନ୍ତି। କେଉଁଆଡୁ ପୁଳେ ଅର୍ଥ ଆସିଲେ ଆଗକୁ ଖର୍ଚ୍ଚ ହେବ। ସରକାରୀ ଚାକିରିଆଙ୍କୁ ଦରମା ଦେବାରେ, ଘରଭଡା ଦେବାରେ ଅର୍ଥର ଅଭାବ ଦେଖାଦେଉଛି। କିନ୍ତୁ ହଜାର ହଜାର ଯୋଜନା କରି କାନ୍ଥବାଡ଼ରେ ପୋଷ୍ଟର ମାରିବାକୁ ସରକାର ଆଗୁଆ। ଯଥାଶୀଘ୍ର ସଂଶୋଧିତ ଘରଭଡା ଦିଆଯାଉ, ନଚେତ୍ ଚାକିରିଆଙ୍କ ଅସନ୍ତୋଷ ବଢ଼ିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


SONY
BRAVIA
OLED
A NEW TV
EXPERIENCE AWAKENS
MASTER series A9F OLED 4K HDR
A masterclass in contrast
X1 Ultimate | Pixel Contrast Booster | Acoustic Surface Audio+ | androidtv
164cm (65) Rs. 5,59,990/- EMI Rs. 6,500/-
139cm (55) Rs.3,99,990/- EMI Rs. 5,500/-
Works with alexa Hands-free control
Google Assistant
A8F OLED 4K HDR
A new TV experience awakens
X1 Extreme | Acoustic Surface | TRILUMINOS DISPLAY | androidtv
164cm (65) Rs. 4,29,990/- EMI Rs. 6,500/-
139cm (55) Rs.2,99,990/- EMI Rs. 5,500/-
Works with alexa Hands-free control
Google Assistant
X9000F SERIES 4K HDR
Fine details in dark and light with X1™ Extreme
X1 Extreme | Full Array LED Local Dimming | TRILUMINOS DISPLAY | androidtv | alexa Hands-free control | Google Assistant
215cm (85) Rs. 10,99,990/- EMI Rs. 8,500/-
164cm (65) Rs. 3,29,990/- EMI Rs. 6,500/-
139cm (55) Rs. 2,29,990/- EMI Rs. 5,500/-
X8500F SERIES 4K HDR
The best colour on a TV with Triluminos™ Display
X1 4K HDR Processor | TRILUMINOS DISPLAY | androidtv | alexa Hands-free control | Google Assistant
189cm (75) Rs. 4,49,990/- EMI Rs. 7,500/-
139cm (55) Rs. 1,59,990/- EMI Rs. 5,500/-
123cm (49) Rs. 1,19,990/- EMI Rs. 4,900/-
108cm (43) Rs. 89,990/- EMI Rs. 4,300/-
X7500F/X7002F SERIES 4K HDR
Your gateway to detail with 4K resolution
4K X-Reality PRO | SMART TV | Smart Plug & Play | androidtv | alexa Hands-free control | Google Assistant
X7500F: 164cm (65) • 139cm(55) • 123cm (49) • 108cm (43)
X7002F: 139cm(55) • 123cm (49) • 108cm (43)
Range starts from Rs. 68,990/-
W800F SERIES Full HD 1080
A brand new entertainment experience with Android TV™
X-Reality PRO | Bass Reflex Speaker | androidtv | alexa Hands-free control | Google Assistant
123cm (49) • 108cm (43)
Range starts from Rs. 62,990/-
W6F SERIES Full HD 1080
Clearer, sharper, more entertaining
X-Reality PRO | Bass Reflex Speaker | SMART TV
W662F: 126cm (50) • 108cm (43)
W672F: 80cm (32) • W622F: 80cm (32)
Range starts from Rs. 33,990/-
R SERIES Full HD 1080
Simply clear and beautiful picture
X-Reality PRO | Clear Resolution Enhancer | Smart Plug & Play
R422F: 80cm (32) • R352F: 102cm (40) • R302F: 80cm (32)
R252F: 102cm (40) • R202F: 80cm (32)
Range starts from Rs. 23,990/-
SPECIAL FESTIVE OFFERS!*
EXCLUSIVE OFFER^ NETFLIX 6 Months Subscription Bonus worth Rs. 4,800/-
^Applicable models are 85X9000F, 75X8500F, 65A9F, 65A8F, 65X9000F, 65X7500F, 55A9F, 55A8F, 55X9000F, 55X8500F & 55X7500F only
Sony Premium Digital Surround Wireless TV Headphones
WH-L600 worth Rs. 19,990/-
Available with 85X9000F, 75X8500F, 65A8F, 65A9F, 55A9F and 55A8F only.
Sony Extra Bass Wireless Speaker
SRS-XB30 worth Rs. 12,990/-
Available with 65X9000F, 55X9000F, 55X8500F and 49X8500F only.
Sony 1TB External Hard Drive
HD-B1 worth Rs. 6,700/-
Available with 65X7500F, 55X7500F, 55X7002F, 49X7500F, 49X7002F and 49W800F only.
Sony Wireless Bluetooth Headphones
WH-CH400 worth Rs. 4,990/-
Available with 50W662F, 43X8500F, 43X7500F and 43X7002F only.
Sony Extra Bass Headphones
MDR-XB450AP worth Rs. 2,490/-
Available with 43W662F and 43W800F only.
Sony USB Portable Charger (3000 mAh)
Charger (3000mAh) worth Rs. 1,420/-
Available with 40R352F, 40R252F, 32W672F, 32W622F, 32R422F and 32R302F only.
Sony 32GB Pen Drive
worth Rs. 1,300/-
Available with 32R202F only.
Upgrade with easy EMIs
Pay As Per Screen Size** | Screen Size x 100 = EMI
SIZE | 215cm (85) | 189cm (75) | 164cm (65) | 139cm (55) | 123cm (49)
EMI (Rs.) | 8,500/- | 7,500/- | 6,500/- | 5,500/- | 4,900/-
BAJAJ FINSERV
EMI Tenure up to 36 months
SPECIAL FINANCE OFFERS^
Up to 10% ADDITIONAL CASHBACK*
HDFC BANK We understand your world
ICICI Bank Credit Cards
AXIS BANK
Finance with No Processing Fees through:
BAJAJ FINSERV
CAPITAL FIRST
HDB FINANCIAL SERVICES
For Sales & Service
Toll Free: 1800-103-7799
Website: www.sony.co.in
To locate nearest dealer: www.sony.co.in/dealerlocator
e-mail: sonyindia.care@ap.sony.com
For corporate enquires e-mail: b2bindia@ap.sony.com
FOLLOW US ON
facebook.com/SonyIndia
twitter.com/sony_india
Warranty Offer
2 YEAR WARRANTY*
*1 Year standard +1 Year additional on panel only
Limited period offer with BRAVIA models only
**Fraction amount if any will be taken along with last EMI. Maximum term 36 months. Scheme applicable only with Bajaj Finserv. ^Special Finance Offers are applicable on select products only. Down payment of Rs.1/- (Select Product/Day only) and rest in 9 EMI through BAJAJ Finance/ Capital First. Contact Finance Co./Banks for coverage /network area. Finance at the sole discretion of the financier. Limited Period Offer. Product images/features may differ for each model. Please check range leaflet/website for feature details. 4K = 3840 x 2160 pixels / Please update the software to the latest version. Google and Android TV are trademarks of Google LLC. Product feature/colour may vary for each model of each product as per the stock availability. Please check leaflet/website for further details. All MRP/Price inclusive of all taxes. Quoted MRP/Price is for 1U (unit) of the product. *Special Festive Offer applicable for select products and in select city only. Offers are for limited period only or till stocks last, whichever is earlier. #For 10% Cashback Minimum Transaction amount Rs. 32,000/- & Maximum cashback Rs. 6,000/- (Bravia 40 inch & above). Upto 10% cashback through Capital First on BRAVIA 43 inch & above (max Rs. 6,000/-). For 5% Cashback Minimum Transaction amount Rs, 15,000/- & Maximum cashback Rs. 3,000/- (on Bravia 32 inch & Below). Cash Back will be posted within 90 Days from end of the offer period. Cashback applicable on HDFC Bank, ICICI Bank and Axis Bank Credit & HDFC Bank Debit Cards, CD loans. Offer valid till 15th Nov'18 and T&C apply, for more details visit (www.sony.co.in/microsite/finance-offer/)
RECYCLE SMART
For recycling your electronic waste, please call us on Toll Free number 1800-103-7799 or visit: www.sony.co.in
Regd. Office: Sony India Pvt. Ltd., A-18, Mohan Co-operative Indl. Estate, Mathura Road, New Delhi-110 044. Ph: 6600 6600 Fax: 26959141. CIN No : U74899DL1994PTC062781
Visit your nearest store for the entire range of BRAVIA products and accessories | Sony Center The Ultimate Sony Experience

## ପ୍ରଥମ ପୃଷ୍ଠାରୁ...

# ହକି ବିଶ୍ୱକପ୍ ସ୍ମରଣୀୟ ...

ଆୟୋଜନ ଆମ ପାଇଁ ଗର୍ବର ବିଷୟ। ଅନେକ ଦଶନ୍ଧିଧରି ଓଡ଼ିଶା ହକିର ଅନ୍ତୁଡ଼ିଶାଳ ପାଲଟି ଯାଇଛି। ଓଡ଼ିଶାରୁ ଅନେକ ଖେଳାଳି ଜାତୀୟ ଦଳରେ ପ୍ରତିନିଧିତ୍ୱ କରି ସାରିଛନ୍ତି। ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ଚିତ୍ତାକର୍ଷକ କରି ଖେଳ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ଆମେ ଏକ ଭିନ୍ନସ୍ତରକୁ ନେବାକୁ ଯାଉଛୁ, ଯାହାକି ବିଶ୍ୱର ହକିପ୍ରେମୀଙ୍କ ମନରେ ଦୀର୍ଘଦିନ ସ୍ମରଣୀୟ ହୋଇ ରହିବ। ଦର୍ଶକମାନଙ୍କୁ ଆମେ ଅବିସ୍ମରଣୀୟ ବିଶ୍ୱକପ ଭେଟି ଦେବାକୁ ଚାହୁଁ। ଏଥିରେ ଭାଗ ନେବାକୁ ଯାଉଥିବା ୧୬ଟି ଯାକ ଦଳ ଖେଳୁଆଡ଼ ମନୋଭାବ ନେଇ ଖେଳିବେ ବୋଲି ମୁଁ ଆଶା କରୁଛି। ହକିର ମହାକୁମ୍ଭ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଏ ସମ୍ପର୍କରେ ସ୍ୱାଭାବିକ ଭାବେ ଆଲୋଚନା ଚାଲିଛି। ତେବେ ଲୋକମାନେ ଯେପରି କେବଳ ହକି ନୁହେଁ, ସବୁ ଖେଳ ସମ୍ପର୍କରେ ଆଲୋଚନା କରିବେ ସେ ଦିଗରେ ଲେଖାମାନ ପ୍ରକାଶ ପାଇବା ଉଚିତ। କ୍ରୀଡ଼ା ସାହିତ୍ୟ ଲୋକମାନଙ୍କ ମନରେ ଖେଳପ୍ରତି ସ୍ୱତନ୍ତ୍ର ଉତ୍ସାହ ସୃଷ୍ଟି କରିବ। ଖେଳର ପ୍ରଭାବ, ଖେଳାଳିଙ୍କ ସଂଘର୍ଷର କଥା, ବିଜୟ ଏବଂ ଉତ୍ସବର ମାହୋଲ, ବିଫଳତା ଏବଂ ନୈରାଶ୍ୟ ଏଥିରେ ପ୍ରତିଫଳିତ ହେବ। ଖେଳ ଜୀବନର ଗତିପଥ ବଦଳାଇ ଦେଇପାରେ, ଜୀବନପ୍ରତି ଦୃଷ୍ଟିଭଙ୍ଗୀ ମଧ୍ୟ ପରିବର୍ତ୍ତନ କରିପାରେ। ଦୁଇଦିନିଆ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପ୍ରତିଷ୍ଠିତ କ୍ରୀଡ଼ା ବ୍ୟକ୍ତିତ୍ୱ ଏବଂ ଖେଳ ପ୍ରେମୀଙ୍କୁ ଏକାଠି କରିଛି। ଆଗାମୀ ହକି ବିଶ୍ୱକପ ପାଇଁ ଏହା ଉପଯୁକ୍ତ ଭେଟି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସଚିବ ବିଶାଳ ଦେବ, ୧୯୭୫ ହକି ବିଶ୍ୱକପ ବିଜୟୀ ଭାରତୀୟ ଦଳର ଅଧିନାୟକ ଅଜିତ ପାଲ ସିଂ, କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ, ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ହକି ବାଇଟ୍ସ ମାଗାଜିନ ଉନ୍ମୋଚନ କରିଥିଲେ।

''କ୍ରୀଡ଼ା ସହିତ ଓଡ଼ିଶାର ସମ୍ପର୍କ ମଧୁର। କ୍ରୀଡ଼ା ଦ୍ୱାରା ରାଜ୍ୟର ସଂସ୍କୃତି ସମୃଦ୍ଧ ହୋଇଛି, ରାଜ୍ୟ ମଧ୍ୟ ବିଭିନ୍ନ ବିଭାଗର କ୍ରୀଡ଼ା ଦିଗରେ ପଦକ୍ଷେପ ନେଉଛି। ଏହି ଲିଟ୍ ଫେଷ୍ଟ ଓଡ଼ିଶା ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଓଡ଼ିଶା ଏବେ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହେବା ପଥରେ ରହିଛି। ଏହି ଫେଷ୍ଟିଭାଲ ବିଶ୍ୱର କେତେକ ପ୍ରତିଷ୍ଠିତ ବକ୍ତାଙ୍କ ବକ୍ତବ୍ୟ ଶୁଣିବାର ସୁଯୋଗ ସୃଷ୍ଟି କରିଛି'' ବୋଲି କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ''ବିଭିନ୍ନ ନିଷ୍ପତ୍ତିକୁ ଦାୟିତ୍ୱର ସହ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ କର୍ପୋରେଟ ସଂସ୍ଥାଭଳି କାମ କରୁଛି। ଓଡ଼ିଶା ଏଭଳି ଏକ ରାଜ୍ୟ ଯାହାର କି ପ୍ରତି ଲିଗ୍ ପାଇଁ ନିଜସ୍ୱ ଟିମ୍ ରହିଛି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ଦ୍ରୁତ ବିକାଶ ଘଟୁଛି। ଯାହାଫଳରେ ଆମେ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକୁ ଆୟୋଜନ ପାଇଁ ପ୍ରସ୍ତୁତ ହୋଇ ରହିପାରିବୁ'' ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ପ୍ରକାଶ କରିଛନ୍ତି।

ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ପ୍ରଥମ ଦିବସରେ ଏକାଧିକ ସେସନ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ଅତୀତରେ ଆତଙ୍କ ସୃଷ୍ଟି କରିଥିବା ଅଷ୍ଟ୍ରେଲିଆ ଫାଷ୍ଟବୋଲର ଜେଫ୍ ଥମ୍ପସନ 'ଦି ଡେଥ୍ ଅଫ ଦି ଟେଷ୍ଟ ଫାଷ୍ଟ ବୋଲର' ଏବଂ ପୂର୍ବତନ ହକି ଖେଳାଳି ଓ କୋଚ୍ ରିକ୍ ଚାଲ୍ସୱର୍ଥ 'ସେକ୍ସପିୟର ଦି କୋଚ୍' ବିଷୟ ଉପରେ ନିଜ ମତ ରଖିଥିଲେ। ହକି କିମ୍ବଦନ୍ତୀ ଧନରାଜ ପିଲେ, ଦିଲୀପ ତିର୍କୀ, ଅଜିତପାଲ ସିଂ ଓ ଅଷ୍ଟ୍ରେଲିଆର ବ୍ରେଣ୍ଟ ଲିଭ୍ରମୋର ହକି ବିଶ୍ୱକପ-୨୦୧୮ ଉପରେ ପୂର୍ବାନୁମାନ କରିଥିଲେ। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଜୀବନୀକୁ ନେଇ ପୁସ୍ତକ ଲେଖିଥିବା ଭାରତ ସୁନ୍ଦରେସନ 'ଦି ଧୋନୀ ଟଚ୍' ଉପରେ ଆଲୋଚନା କରିଥିଲେ। 'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକର ରଚୟିତା ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା ପରିସଂଖ୍ୟାନ କେବେ ଭୁଲ ନୁହେଁ ସମ୍ପର୍କରେ ନିଜ ମତ ରଖିଥିଲେ। ଶେଷରେ 'ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ' ଆଲୋଚନାଚକ୍ର ବେଶ୍ ଭାବଗର୍ଭକ ହୋଇଥିଲା। ଏଥିରେ ଭାଗନେଇଥିଲେ ଅଷ୍ଟ୍ରେଲିଆର ମିଡଲ ଡିଷ୍ଟାନ୍ସ ରନର ମେଡଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପୀ ଶଙ୍କର ମଦୁରାଇ।

# ୭ ପ୍ରସ୍ତାବକୁ କ୍ୟାବିନେଟ...

କରିବାକୁ ରାଜ୍ୟ ସରକାର ଉକ୍ତ ସଂସ୍ଥାକୁ ବିଭିନ୍ନ ସମୟରେ ଋଣ ପ୍ରଦାନ କରିଆସିଛନ୍ତି। ୧୯୯୧ରେ ସରକାରଙ୍କ ଦ୍ୱାରା ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ଟିଡିସିସିକୁ ୧୦.୬୫ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ୨୦୧୫ ଜାନୁୟାରୀ ୩୧ ସୁଦ୍ଧା ଏହି କ୍ରମ ବର୍ଦ୍ଧିଷ୍ଣୁ କ୍ଷତିର ପରିମାଣ ୫୨.୭୮ କୋଟି ଟଙ୍କାରେ ପହଞ୍ଚିଛି। ଇତିମଧ୍ୟରେ ଟିଡିସିସି ୧୪.୩୪ କୋଟି ସରକାରୀ ଋଣ ପରିଶୋଧ କରିସାରିଛି। ଋଣ ବକେୟା ଥିବାରୁ ଉକ୍ତ ସଂସ୍ଥା ବଜାରରୁ ଆବଶ୍ୟକତା ଅନୁଯାୟୀ ଋଣ ଉଠାଇ ପାରୁ ନ ଥିଲା। ରାଜ୍ୟ ସରକାର ଉକ୍ତ ମୂଳ ଓ ସୁଧକୁ ପୁଞ୍ଜି ଆକାରରେ ପରିବର୍ତ୍ତନ କରିବା ଦ୍ୱାରା ଏଣିକି ଟିଡିସିସି ବାହାରୁ ଋଣ ଆଣିପାରିବ। ଏଥିଯୋଗୁ ମାଣ୍ଡିଆ ,ବାଜରା ଆଦି କ୍ରୟ କରିବାରେ ସେହି ସଂସ୍ଥାକୁ ସହଜ ହେବ। ଶୁକ୍ରବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ମୋଟ ୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ବୈଠକ ଶେଷରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ଅନ୍ୱେଷା ଯୋଜନାରେ ନିର୍ମାଣ କରାଯାଇଥିବା ଛାତ୍ରୀନିବାସ ଓ ଛାତ୍ରାବାସଗୁଡ଼ିକ ଦାୟିତ୍ୱରେ ଜଣେ ଲେଖାଏ ୱେଲଫେୟାର ଏକ୍ସଟେନଶନ ଅଫିସର(ଡବ୍ଲୁଇଓ) ରହିବେ। ସେହି ଅଧିକାରୀମାନେ ଛାତ୍ରୀନିବାସ ଓ ଛାତ୍ରାବାସର ସମସ୍ତ ସମସ୍ୟା ବୁଝିବେ। ଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ ଏହି ବିଭାଗ ଅଧୀନରେ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ଏଗୁଡ଼ିକର ପରିଚାଳନା ପାଇଁ ଜଣେ ଅଧିକାରୀ ନିଯୁକ୍ତି ପାଇବେ। ଏହାଛଡ଼ା ରାଜ୍ୟସ୍ତରୀୟ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୃଷ୍ଟି କରାଯିବ। ସେହିପରି ସମନ୍ୱିତ ଜନଜାତି ଉନ୍ନୟନ ପ୍ରକଳ୍ପ(ଆଇଟିଡିଏ) ଏବଂ ଉପଖଣ୍ଡଗୁଡ଼ିକରେ ଜଣେ ଲେଖାଏ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏତଦ୍‌ବ୍ୟତୀତ ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପଦବୀଗୁଡ଼ିକ ମଧ୍ୟ ସୃଷ୍ଟି କରାଯାଇଛି। ଏଥିପାଇଁ ଏସ୍‌ସି/ଏସ୍‌ଟି ୱେଲଫେୟାର ସର୍ଭିସ କ୍ୟାଡର ପୁନର୍ଗଠନ କରାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। କ୍ୟାଡର ପୁନର୍ଗଠନ ଫଳରେ ୭୧ ଅତିରିକ୍ତ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ୯ ଜିଲା ମଙ୍ଗଳ ଅଧିକାରୀ, ୮ ଉପନିର୍ଦ୍ଦେଶକ, ୩ ଯୁଗ୍ମ ଉପନିର୍ଦ୍ଦେଶକ ଏବଂ ୧ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି।

ରାଜ୍ୟରେ ଗ୍ରାମାଞ୍ଚଳ ଲୋକଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ମାତ୍ର ଏହି କାର୍ଯ୍ୟ ପରିଚାଳନା କରିବା ପାଇଁ ଉପଯୁକ୍ତ ବୈଜ୍ଞାନିକ ଜ୍ଞାନକୌଶଳସମ୍ପନ୍ନ ଅଧିକାରୀଙ୍କର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପଯୁକ୍ତ ଜଳ ଉତ୍ସ ଅନୁସନ୍ଧାନ, ଆକଳନ ତଥା ପରିଚାଳନା ନିମନ୍ତେ ପଞ୍ଚାୟତିରାଜ ବିଭାଗରେ ଭୂବୈଜ୍ଞାନିକ (ଜିଓଲୋଜିଷ୍ଟ) କ୍ୟାଡର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ମେଧାବୀ ତଥା କୁଶଳୀ ଜିଓଲୋଜିଷ୍ଟମାନଙ୍କୁ ଆକୃଷ୍ଟ କରିବାକୁ ଏଣିକି ମୂଳସ୍ତରରେ ଥିବା କ୍ଲାସ-୨(ଗ୍ରୁପ-ବି) ପଦବୀଗୁଡ଼ିକ ଜୁନିୟର କ୍ଲାସ-୧କୁ ଉନ୍ନୀତ କରାଯାଇଛି। କ୍ୟାଡଖର ପୁନର୍ଗଠନ ପରେ ଏହି ପଦବୀ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। କ୍ୟାଡର ପୁନର୍ଗଠନ ପରେ ୧ ଅତିରିକ୍ତ ନିର୍ଦ୍ଦେଶକ (ଜିଓଲୋଜି) ପଦବୀ ସୃଷ୍ଟି ହୋଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ (ଜିଓଲୋଜି) ୨, ଡେପୁଟି ନିର୍ଦ୍ଦେଶକ (ଜିଓଲୋଜି) ୬ ଏବଂ ଜିଓଲୋଜିଷ୍ଟ /ଜିଓଫିଜିଷ୍ଟ ୩୦ଟି ପଦବୀ ସୃଷ୍ଟି କରାଯାଇଛି।

ଏହାକୁ ଦୃଷ୍ଟିରେ ରଖି ଓଡିଶା ଉଦ୍ୟାନ କୃଷି ସେବା(ନବ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ ୨୦୧୪ର ୫ମ ନିୟମର ଧାରା ୨(ଗ)ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଉଦ୍ୟାନ କୃଷି ଉପଦର୍ଶକଙ୍କ ଯୋଗ୍ୟତା ୧୦ମ ପରିବର୍ତ୍ତେ ଯୁକ୍ତ ଦୁଇ ବିଜ୍ଞାନ ରହିବ। ଖାଲି ଥିବା ୧୪ଟି ପଦବୀରେ ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତାଧାରୀ ନିଯୁକ୍ତି ପାଇବେ। ପୂର୍ବରୁ ନିଯୁକ୍ତି ହୋଇଥିବା ଉଦ୍ୟାନ କୃଷି ଉପଦର୍ଶକ ଓ ପ୍ରଦର୍ଶନ ସହାୟକଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ବାଦ ଦେଲେ ଅନ୍ୟ କାହାର ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତା ନାହିଁ। ଫଳରେ ସେହି କର୍ମଚାରୀମାନେ ପଦୋନ୍ନତିର ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

# ୩ ଜଣଙ୍କୁ ବାର୍‌ରୁ ...

ଅସିମ୍ ଅମିତାଭ ଦାସ, ଆବାହକ ମିଳନ କାନୁନ୍‌ଗୋ ଓ ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ଉପସଭାପତି ବଂଶୀଧର ଶତପଥୀଙ୍କୁ ବାର୍‌ରୁ ବହିଷ୍କାର କରାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସଂଘ ବିରୋଧୀ କାର୍ଯ୍ୟ ଓ ଓକିଲ ଏକତାକୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଏମାନଙ୍କୁ ବହିଷ୍କାର କରାଯାଇଥିବା ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି। ତେବେ ଆଡଭୋକେଟ ମହାନ୍ତି ପରବର୍ତ୍ତୀ ସମୟରେ ବାର୍‌କୁ ଚିଠିଲେଖି କ୍ଷମା ମାଗିଥିବାରୁ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ବହିଷ୍କାର ସମ୍ପର୍କରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ତଥା ବରିଷ୍ଠ ଆଡଭୋକେଟ ଦାସ କୁହନ୍ତି, ଏନେଇ କୌଣସି ପ୍ରତିକ୍ରିୟା ଦେବାର ନାହିଁ। କ'ଣ ହୋଇଛି ସେ ସମ୍ପର୍କରେ ଆମେ ଚିନ୍ତା କରୁଛୁ। ସୂଚନାଥାଉକି, ପ୍ରାୟ ୨ ମାସ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବା ପରେ ଗତ ଶନିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଯାଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ପଦରୁ ବଂଶୀଧର ଶତପଥୀ ଇସ୍ତଫା ଦେଇଥିଲେ। ଗତ ସୋମବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ କାର୍ଯ୍ୟରେ ଯୋଗଦେବା ପାଇଁ ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରିବା ବେଳେ ତୁମୁଳକାଣ୍ଡ ଘଟିଥିଲା। ଏହାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ତତ୍ତ୍ୱାବଧାନରେ ଜାରି ରହିଛି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚକୁ ନଭେମ୍ବର ୯ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସେ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି।

# ସୁପ୍ରିମକୋର୍ଟରେ ୪ ନୂଆ ...

୪ ନୂଆ ବିଚାରପତିଙ୍କ ନିଯୁକ୍ତି ସଂକ୍ରାନ୍ତ କଲେଜିୟମ୍‌ର ସୁପାରିସକୁ ଗୁରୁବାର ମୋହର ମାରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ପ୍ରକାଶ ଯେ, ସର୍ବୋଚ୍ଚ ଅଦାଲତରେ ବିଚାରପତିଙ୍କ ସଂଖ୍ୟା ୩୧ ରହିବ ବୋଲି ମଞ୍ଜୁର ହୋଇଛି। ୪ ନୂଆ ବିଚାରପତିଙ୍କୁ ମିଶାଇଲେ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୨୮ ହୋଇଛି। ଆହୁରି ୩ ବିଚାରପତି ପଦବୀ ଏବେ ବି ଖାଲିପଡ଼ିଛି।

# ହାତୀକୁ ମାରି ପୋଡ଼ିଦେଲେ

ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ରାଜଗାଙ୍ଗପୁର ବନାଞ୍ଚଳ ଅନ୍ତର୍ଗତ କୁଟୁଣିଆ ପଞ୍ଚାୟତର ମାଲୁପଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ହାତୀକୁ ଗତ ୨୦ ଦିନ ତଳେ ହତ୍ୟା କରାଯାଇଥିଲା । ସେହି ହାତୀର ମୃତଦେହକୁ ଏକ ଖାଲରେ ପକାଇ ଶୁକ୍ରବାର ପୋଡ଼ି ଦିଆଯାଇଛି। ଏହି ଘଟଣାରେ ବନ ବିଭାଗ ହେମ୍ବ୍ରମ କେର୍କେଟା ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। କର୍ତ୍ତବ୍ୟରେ ଅବହେଳା ଯୋଗୁ ଫରେଷ୍ଟର ହରିଶ ଚନ୍ଦ୍ର ଜେନା ଓ ଫରେଷ୍ଟ ଗାର୍ଡ ସବିତା କିଷାନଙ୍କୁ ନିଲମ୍ବନ କରାଯାଇଛି। ରାଉରକେଲା ବନଖଣ୍ଡ ଅଧିକାରୀ ସଞ୍ଜୟ ଚନ୍ଦ୍ର ସ୍ୱାଇଁ ରାଜଗାଙ୍ଗପୁର ରେଞ୍ଜର ଚନ୍ଦ୍ର ଶେଖର ଗଡ଼ନାୟକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## e-PROCUREMENT NOTICE

No.922-O

Tender Online No. 07 of 2018-19

| | | |
|---|---|---|
| 1 | Name of the Work | Building works for 2018-19 mentioned in column 2 of table of N.I.T. |
| 2 | Estimated cost | Specified against each work in column 3 of table of N.I.T. excluding Goods and Services Tax. |
| 3 | Earnest Money Deposit | Specified against each work in column 4 of table of N.I.T. |
| 4 | Period of completion | Specified against each work in column 6 of table of N.I.T. |
| 5 | Class of contractors | Specified against each work in column 5 of table of N.I.T. |
| 6 | Cost of Tender Paper | Specified against each work in column 7 of table of N.I.T |

Other details for the N.I.T.:

| | | |
|---|---|---|
| 1 | Procurement Officer | Executive Engineer, Rural Works Division, Jagatsinghpur |
| 2 | Date & time of availability of bid documents in Portal | 05.11.2018 at 11:00 hrs |
| 3 | Last date & time for receipt of bids in Portal | 15.11.2018 at 17:00 hrs |
| 4 | Last date & time of seeking of Bid clarification | 14.11.2018 at 15:00 hrs |
| 5 | Opening of tender | 16.11.2018 at 11:30 hrs at the Office of Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

Executive Engineer
Rural Works Division, Jagatsinghpur

25056/11/0008/1819

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା
ଶିଥିଳତା
ଧାତୁ ପତଳା
ଶିଘ୍ର ପତନ
ପରିସ୍ରାରେ ଧାତୁ
ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା
ସ୍ତ୍ରୀ ରୋଗ
ଗୋପନରେ ମଦ ଛଡ଼ାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

## ପୂର୍ବ ତଟ ରେଳପଥ

### ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଖାଦ୍ୟ ସରବରାହ ସେବା ବ୍ୟବସ୍ଥା

ଟେଣ୍ଡର ବିଜ୍ଞପ୍ତି ସଂ.G129/Catg/Stalls/SMU & SMU(Ladies)/KUR Divn., ତା.29.10.2018ରିଖ

**(1) ଭୁବନେଶ୍ୱର ଷ୍ଟେସନ :** ଷ୍ଟେସନ ବର୍ଗ - 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-02(ନୂଆ ଷ୍ଟଲ), SMU ବର୍ଗ - FF/WW/WRE ଇତ୍ୟାଦି, ସ୍ଥାନ - ପ୍ଲାଟଫର୍ମ ନଂ.6 (ପିଲର ନଂ.153 ଏବଂ 154 ମଧ୍ୟରେ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 25.50 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 1,27,500/- ।

**(2) ଭୁବନେଶ୍ୱର ଷ୍ଟେସନ :** ଷ୍ଟେସନ ବର୍ଗ - 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-03(ନୂଆ ଷ୍ଟଲ), SMU ବର୍ଗ - ଅନୁସୂଚିତ ଜାତି(ମହିଳା), ସ୍ଥାନ - ପ୍ଲାଟଫର୍ମ ନଂ. 4/5 (ହାଓଡ଼ା ପଟରୁ-ୱାଟର ବୁଥ୍ ନଂ. 45 ଏବଂ 52 ମଧ୍ୟରେ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 24.75 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 1,23,800/- ।

**(3) ଖୋର୍ଦ୍ଧା ରୋଡ଼ ଷ୍ଟେସନ :** ଷ୍ଟେସନ ବର୍ଗ - 'A', ଖାଦ୍ୟ ସରବରାହ ୟୁନିଟ୍ : ତାଜା ଫଳ ଏବଂ ଜୁସ୍ ଷ୍ଟଲ(ପ୍ରଚଳିତ ଷ୍ଟଲ), SMU ବର୍ଗ - ଦିବ୍ୟାଙ୍ଗ (PH-ମହିଳା), ସ୍ଥାନ - ପ୍ଲାଟଫର୍ମ ନଂ.3 (ମଧ୍ୟ ଭାଗ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 7.00 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 35,000/- ।

**(4) ପୁରୀ ଷ୍ଟେସନ :** ଷ୍ଟେସନ ବର୍ଗ : 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-08 (ନୂଆ ଷ୍ଟଲ), SMU ବର୍ଗ - ଅନୁସୂଚିତ ଜନଜାତି (ମହିଳା), ସ୍ଥାନ - ପ୍ଲାଟଫର୍ମ ନଂ.1/2 (ପ୍ଲାଟଫର୍ମର ମଧ୍ୟ ଭାଗ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 18.75 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 93,800/- ।

**(5) ପୁରୀ ଷ୍ଟେସନ :** ଷ୍ଟେସନ ବର୍ଗ - 'A1', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-09 (ନୂଆ ଷ୍ଟଲ), SMU ବର୍ଗ - ଗରିବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି(BPL), ସ୍ଥାନ - ପ୍ଲାଟଫର୍ମ ନଂ. 5/6 (ଖୋର୍ଦ୍ଧା ରୋଡ଼ ପଟରୁ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ)- 18.75 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 93,800/- ।

**(6) ପଲାସା ଷ୍ଟେସନ :** ଷ୍ଟେସନ ବର୍ଗ - 'A', ଖାଦ୍ୟ ସରବରାହ ୟୁନିଟ୍ - ଖାଦ୍ୟ ସରବରାହ ଷ୍ଟଲ-01 (ନୂଆ ଷ୍ଟଲ), SMU ବର୍ଗ - ଗରିବ ସୀମାରେଖା ତଳେ ରହୁଥିବା ବ୍ୟକ୍ତି(BPL), ସ୍ଥାନ - ପ୍ଲାଟଫର୍ମ ନଂ. 2/3 (ବିଶାଖାପାଟଣା ପଟରୁ, ରାମ୍ପ୍ ନିକଟବର୍ତ୍ତୀ), 5 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 11.00 ଲକ୍ଷ, ମୋଟ୍ ମୂଲ୍ୟ ର 5% EMD ଜମା (ଟଙ୍କାରେ)- 55,000/- ।

ବିଡ୍ ନଥିପତ୍ର ବିକ୍ରି ହେବା ତାରିଖ ଓ ସମୟ : ତା.02.11.2018 ରିଖ 1000 ଘଟିକାରୁ ତା.27.11.2018 ରିଖ 1700 ଘଟିକା ପର୍ଯ୍ୟନ୍ତ, ବିଡ୍ ଗ୍ରହଣ କରାଯିବା ତାରିଖ ଓ ସମୟ : ତା.27.11.2018 ରିଖ 1200 ଘଟିକା ପର୍ଯ୍ୟନ୍ତ, ବିଡ୍ ଖୋଲାଯିବା ତାରିଖ ଓ ସମୟ : ତା.27.11.2018 ରିଖ 1230 ଘଟିକାରେ ।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ : ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ସା/ପୋଷ୍ଟ:ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ପିନ୍ - 752050ଙ୍କ କାର୍ଯ୍ୟାଳୟରେ । ବିଡ୍ ନଥିପତ୍ର ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ)/
ଖୋର୍ଦ୍ଧା ରୋଡ଼

PR-372/J/18-19

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109 7750060137
Email Id- ramcogroup283@gmail.com

ଫାଇନାନ୍ସ
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466 8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861 7379665376

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଇନ୍ତୁ, ଧୋକା ଦେଇନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382 7078299164
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଆଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।



ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।



(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ



ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678 8337956019

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731 9996602452

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now: 8295564405 7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836 07060557597

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

ଜୈବିକ ମହୋତ୍ସବରେ ଦାରିଙ୍ଗବାଡ଼ିର ମହିଳା ଗୋଷ୍ଠୀ

# କନ୍ଧମାଳ ହଳଦୀ କିଣିଲେ ସୋନିଆ

ଦାରିଙ୍ଗବାଡ଼ି, ୨।୧୧(ଡି.ଏନ.ଏ)

ନୂଆଦିଲ୍ଲୀରେ ଚାଲିଛି ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଜୈବିକ ମହୋତ୍ସବ। ଜନପଥ ରୋଡ୍‌ରେ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୪ ତାରିଖରେ ସରିବ। ଏଥିରେ ଓଡ଼ିଶାରୁ ୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଏବଂ କ.ନୂଆଗାଁ ବ୍ଲକର ୨ଟି ଗୋଷ୍ଠୀ ନିଜସ୍ୱ ଉତ୍ପାଦିତ ଦ୍ରବ୍ୟ ବିକ୍ରି ପାଇଁ ଷ୍ଟଲ୍ ପକାଇଛନ୍ତି। ଜୈବିକ ମହୋତ୍ସବରେ ଯୋଗଦେଇଥିବା ଦାରିଙ୍ଗବାଡ଼ିର ଶ୍ରୀୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ୍‌ରୁ ବୁଧବାର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ ଗୁଣ୍ଡ କିଣିଛନ୍ତି। ୧ କିଲୋ



ହଳଦୀ ଗୁଣ୍ଡକୁ ସେ ୨ଶହ ଟଙ୍କା ଦେଇ କିଣିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଝରଣା ସାହୁ କହିଛନ୍ତି। ଏଥିସହ ସେ କନ୍ଧମାଳ ଜିଲାର ସମସ୍ତ ଜଙ୍ଗଲଜାତ ପଦାର୍ଥ ଓ ହଳଦୀ, ଅଦା, ଆମ୍ବୁଲ, ଝୁଣା, ସୋରିଷ, ଡାଲଚିନି, ତେଜପତ୍ର, ତେନ୍ତୁଳୀ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଗୁଡ଼ିକ କିପରି ସଂଗ୍ରହ କରାଯାଏ ଓ ପ୍ରସ୍ତୁତ ହୁଏ ସେ ସମ୍ପର୍କରେ ମହିଳା ଗୋଷ୍ଠୀ ସଭ୍ୟାମାନଙ୍କୁ ପଚାରି ବୁଝିଥିଲେ। କନ୍ଧମାଳ ହଳଦୀ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବାରୁ ସାରା ବିଶ୍ୱରେ ଏହାର ଚାହିଦା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗ୍ କରିବାକୁ ୨୦୧୭ରେ ଆବେଦନ କରାଯାଇଛି। ଏହାକୁ ମାନ୍ୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରୁଛନ୍ତି।




For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive

**BHUBANESWAR: Bapujinagar:** Post Office Lane, Ph: 0674 -2597141, Mob : 9937138998 • **Pani Tanki Lane**, Ph: 0674 2597685. **10 Janpath:** Ph: 0674 2573408, 8280056821; **IRC Village:** I.D. Market, Mob: 9861404879; **Raghunathpur:** Nandankanan Road, Ph-8280056821. **PURI**: Behind Gundicha Temple, Ph-7978547991. **CUTTACK**: **Dolmundai:** Haripur Road, Ph: 0671 2411580; Mob: 8018706736; **CDA:** Markat Nagar, Ph: 0671-2366774, Mob: 8280079702. **KENDRAPARA**: Kakat Chhak, Ph: 06727 221241; Mob: 9040562233. **JAGATSINGHAPUR:** Central Market, 06724221090/ 06724221080. **DHENKANAL:** I.G. Super Market; Mob: 9090305696; **SAMBALPUR, Golbazaar:** Mob: 9338194750; **BOLANGIR**: A.B.S.S. Road, Ph: 06652 232419; Mob: 9437331171, 9437241863. **BARGARH:** NH-6, Main Road, Ph-9937171761/ 9556446300, 06646230124 **BERHAMPUR, One Way Traffic Road**: Mob: 9437358402; **JEYPORE:** Main Road, Ph: 06854 231221, Mob: 7008402905. **RAYAGADA:** Main Road, Ph-9439239394/ 8249517365. **SUNDARGARH:** Private Bus Stand, Mob: 9438076828, 9438575757, **ROURKELA:** Apna Kitchen- 9777457774;

*PRESTIGE PRIORITY RETAILER :-* **BHUBANESWAR:** Reeta, Ph: 0674-2597111, Utkal Light House, Ph: 9937019272; **CUTTACK :** Union Sales Emporium, Ph:2307878. *AUTHORISED DISTRIBUTORS:-* **BHUBANESWAR:** Manorama Trading Co., Ph No.9437279239; Rath Distributors, Ph.No.9338547101 (For Chimney & Cleaning Solutions); **JATINI:** Kanha Agencies, Ph. No.9437090516; **CUTTACK:** Mahavir Enterprise, Chauliganga, Ph. No.9937092599; **TALCHER:** Sidharth Enterprises, Hatatota, Ph. No.9437003384; **ROURKELA:** Shah Distributor, Ph-0661-2506904, 9438712456; **SAMBALPUR:** Gayatri Traders, Ph-9937074072,9437925273; **BALASORE:** Satyabhama Sales, Ph. No.7008096876); **BHADRAK:** Akhandalamani Enterprise, Ph No.9437436221,9437960230; **MAYURBHANJ:** Cooling Point Ph No.9437161333; **KEONJHAR:** Hridhaan Enterprises , Ph. No.9777642632; Ganjam & Phulbani – Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. **AUTHORISED DEALERS :-** **BHUBANESWAR:** Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar ,Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics , Ph.9938274127. Sai Associates-7381065641.Sonamona VarietyStore , Ph.9437287620.Situ Plastic, Ph. 9861772109.S.R.Electronics, Ph.-6861155300. Kitchen Queen, Ph.7894082707.Karan Electricals, Ph.-9778337345. A.S.Enterprises, Ph.8249658303.Das & DAS Home Appliances & Fan , Ph.8895014877.Galaxy Enterprises,Ph.9937133040.Utkal Sales, Ph9853150619. **CUTTACK:** Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222. **SALEPUR:-** Sanjay Electronics NX, Ph. 9777777329. **ANGUL:** Saralia Trading Co. Ph-9439471222,Shree Agency-Ph 9437013144.**TALCHER-** Beauty Palace-9437118065, Home Maker-9776173777; **DHENKANAL:** Beauty House-9777190558. **NTPC:** Pani Enterprise, Ph 9437056860. **PARADEEP:** Krishna Enterprise, Ph. 9937451474. **KENDRAPARA :-** Purnamasi Electrical ,Ph. 9937070448. UMARKOT:- Balaji Metal Store ,Ph 9437524982. **ROURKELA:-** Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:**-Ganapati Electricals,Ph.9938669100. **BARIPADA:** Aerovision, Ph 9861828643. **AUTHORISED SERVICE CENTRE: Cuttack:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; **Bhubaneswar:** Ph -9776322880. **Rourkela:** Ph. 9853522686. **Berhampur :** Ph. 0680-2228066. **Sambalpur:** Ph. 8895149244. **Bolangir:** Ph 06652-234443. **Angul:** Ph. 9437903195. **Balasore:** Ph. 9937393936, **Jeypore:** Ph. 9438445339, 06854-232339; **Jajpur Road:** Ph 9658464643;






ପୂର୍ବତନ ଅଷ୍ଟ୍ରେଲିଆ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍।




ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ପ୍ରଥମ ଦିବସରେ ହକି ବାଇଟ୍ସ ମାଗାଜିନକୁ ଉନ୍ମୋଚନ କରୁଛନ୍ତି (ବାମରୁ) ଦିଲୀପ ତିର୍କୀ, କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା,ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡା ସଚିବ ବିଶାଲ ଦେବ




ନ୍ୟୁ ସାଉଥ୍ ୱେଲ୍ସ ଦଳ।

# ‘କ୍ରିକେଟ ଏବେ ବ୍ୟାଟିଂ ଫ୍ରେଣ୍ଡଲି’

ଭୁବନେଶ୍ୱର,୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଏସିଆର ପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଶୁକ୍ରବାର ଭୁବନେଶ୍ୱରରେ ପୂରା ଉତ୍ସାହ ଓ ଉଦ୍ଦୀପନାରେ ଆରମ୍ଭ ହୋଇଛି। ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠ ଦେଖାଇଥିବା ବ୍ୟକ୍ତିବିଶେଷମାନେ ଏହି ହାଇପ୍ରୋଫାଇଲ ଫେଷ୍ଟିଭାଲରେ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ସାମିଲ ଥିଲେ ଟେଷ୍ଟ କ୍ରିକେଟ ଇତିହାସର ଦ୍ରୁତତମ ଫାଷ୍ଟ ବୋଲର ଅଷ୍ଟ୍ରେଲିଆର ଜେଫ୍ ଥମ୍ପସନ। ଏହି ଉତ୍ସବରେ ଥମ୍ପସନ ନିଜର ଚିରାଚରିତ ମଜାଳିଆ ଢଙ୍ଗରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ କ୍ରିକେଟର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ‘ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର’ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ସଞ୍ଚାଳକ ନିଖିଲ ନାଜଙ୍କ ସହ ବାର୍ତ୍ତାଳାପ କରିଥିଲେ ଓ ଉପସ୍ଥିତ ପ୍ରଶଂସକଙ୍କ କେତେକ ପ୍ରଶ୍ନର ଉତ୍ତର ବେଶ୍ ଅତି ସୁନ୍ଦରଭାବେ ପ୍ରଦାନ କରିଥିଲେ।

ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଟିଂକୁ ସୁହାଇଲା ଭଳି କ୍ରିକେଟ ଖେଳାଯାଉଛି। ଅର୍ଥାତ୍ କ୍ରିକେଟ ଏବେ ବ୍ୟାଟିଂ ଫ୍ରେଣ୍ଡଲି ହୋଇଛି। କିନ୍ତୁ ଦ୍ରୁତ ବୋଲିଂକୁ ଏବେ ସେତେଟା ଧ୍ୟାନ ଦିଆଯାଉନାହିଁ, ଯଦିଓ ଏବେକାର କ୍ରିକେଟରେ ଦ୍ରୁତ ବୋଲିଂର ଦବ୍‌ଦବା ବଳବତ୍ତର ରହିଛି। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଦ୍ରୁତ ବୋଲରଭାବେ ପରିଗଣିତ ହେଉଥିବା ଥମ୍ପସନ ପରୋକ୍ଷରେ ନିଜକୁ ଦ୍ରୁତତମ ବୋଲର ବୋଲି ଅଭିହିତ କରିବାକୁ ପଛାଇ ନାହାନ୍ତି। ଏବେ ଯେଉଁ ଭଳି ବୋଲିଂ ତଥା ବଲର ଗତି ମପାଯାଉଛି, ଯଦି ଆମ ସମୟରେ ଏହି ପଦ୍ଧତିକୁ ଅନୁସରଣ କରାଯାଇଥାନ୍ତା ତାହେଲେ ମୋ ବୋଲିଂର ବେଗ ଘଣ୍ଟାପ୍ରତି ୧୧୦ ମାଇଲ ରହିଥାନ୍ତା। ଆମ ସମୟରେ ଯେଉଁଭଳି ବୋଲିଂ ଗତି ମପାଯାଉଥିଲା ତାହା ବର୍ତ୍ତମାନଠାରୁ ଭିନ୍ନ। ସେତେବେଳେ ବ୍ୟାଟ୍ ସହିତ ବୋଲର ଇମ୍ପାକ୍ଟକୁ ନେଇ ଗତି ମପାଯାଉଥିଲା। ବର୍ତ୍ତମାନ କିନ୍ତୁ ବୋଲରଙ୍କ ହାତରୁ ବଲ ଖସିବା ପରେ ବଲ୍‌ର ଗତି ମପାଯାଉଛି। ତେଣୁ ଏବେକାର ନିୟମକୁ ଅନୁସରଣ କରାଗଲେ ସେତେବେଳେ ମୋର ଗତି ନିଶ୍ଚିତ ଘଣ୍ଟାପ୍ରତି ୧୭୫ କିଲୋମିଟର ହୋଇଥାନ୍ତା। ମୁଁ ବିଶ୍ୱର ସର୍ବକାଳୀନ ଦ୍ରୁତ ବୋଲର ବୋଲି ଥମ୍ପସନ ପରୋକ୍ଷରେ କହିଥିଲେ।

ଯେତେବେଳେ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଗ୍ରାଉଣ୍ଡରେ ମୁଁ ବୋଲିଂ କରୁଥିଲି ସେତେବେଳେ ବଲ ବ୍ୟାଟ୍ସମ୍ୟାନଙ୍କ ପାଖରେ ବାଉନ୍ସ କରି ସାଇଡ ସ୍କ୍ରିନ୍‌ରେ ବାଜୁଥିଲା। ଏହି କଥା ଶୁଣି ଉପସ୍ଥିତ ପ୍ରଶଂସକ ତାଳି ମାରୁଥିଲେ।

ଏକଦା ଥମ୍ପସନଙ୍କ ବଲ୍ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ ଦୁଲୀପ ମେଣ୍ଡିସ୍‌ଙ୍କ ଦେହରେ ବାଜିଥିଲା। ଫଳରେ ସେ ଥମ୍ପସନଙ୍କ ନାଁରେ ପୋଲିସରେ ଅଭିଯୋଗ କରିଥିଲେ ବୋଲି ତାଙ୍କୁ ଏହି ଉତ୍ସବରେ ପ୍ରଶ୍ନ କରାଯାଇଥିଲା। ତେବେ ସେ ଏ ବିଷୟରେ ବିଶେଷ କିଛି ଜାଣିନାହାନ୍ତି ବୋଲି କହିଥିଲେ। କିନ୍ତୁ ମୁଁ ଅବସର ନେବା ପର୍ଯ୍ୟନ୍ତ କୌଣସି ବ୍ୟାଟ୍ସମ୍ୟାନ ମୋ ବଲରେ ଗୁରୁତର ଭାବେ ଆହତ ହୋଇ ନ ଥିଲେ ବୋଲି ସେ ସ୍ପଷ୍ଟ କରିଥିଲେ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେତେବେଳେ ହେଲମେଟ୍ ପିନ୍ଧା ଯାଉ ନ ଥିଲା। ପୁଣି ବାଉନ୍ସର ପକାଇବାରେ କୌଣସି ସୀମା ମଧ୍ୟ ନ ଥିଲା। ତେବେ ଏହା ସତ୍ତ୍ୱେ ସେତେବେଳେ ମୋ ବଲ୍‌ରେ କୌଣସି ବ୍ୟାଟ୍ସମ୍ୟାନ ଗୁରୁତର ଭାବେ ଆହତ ହୋଇ ନ ଥିଲେ। ଅବଶ୍ୟ ଏହା ଖୁସି କଥା ବୋଲି ସେ ମଜାରେ କହିଥିଲେ।

ଏବେ ଅବଶ୍ୟ କଥା ଅଲଗା ହୋଇଛି। ବ୍ୟାଟ୍ସମ୍ୟାନଙ୍କୁ ସୁହାଇବା ଭଳି ପିଚ୍ ତଥା ଉଇକେଟ ପସ୍ତୁତ କରାଯାଇଛି। କାରଣ ଏହା ଦର୍ଶକ ତଥା ପ୍ରଶଂସକଙ୍କୁ ଆନନ୍ଦ ଦେବା ସହ ମନୋରଞ୍ଜନର ଖୋରାକ ଯୋଗାଉଛି। ପିଚ୍ ଗୁଡିକ ଏବେ ଫ୍ଲାଟ ହୋଇଗଲାଣି। ପୁଣି ବଲ୍‌ରେ ମଧ୍ୟ ପରିବର୍ତ୍ତନ ହୋଇଛି। ପଡିଆର ସୀମା ତଥା ବାଉଣ୍ଡାରୀକୁ ଏବେ ଛୋଟ କରିଦିଆ ଗଲାଣି। ବ୍ୟାଟଗୁଡିକୁ ଆହୁରି ଓଜନିଆ କରିଦିଆ ଗଲାଣି। ପୁଣି ଭୁଲରେ ବଲ ଯଦି ବ୍ୟାଟରେ ବାଜିଗଲା ତାହା ସହଜରେ ଛକାରେ ପରିଣତ ହେଉଛି। ତେଣୁ କ୍ରିକେଟରେ ବହୁତ ପରିବର୍ତ୍ତନ ହୋଇଛି। ଦ୍ରୁତ ବୋଲରମାନେ ଏବେ କ୍ରିକେଟରେ ଦ୍ୱିତୀୟ ଶ୍ରେଣୀର ନାଗରିକ ବନିଗଲେଣି ବୋଲି ଥମ୍ପସନ୍ କହିଛନ୍ତି।

ବିଶ୍ୱର ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ବୋଲିଂ କରିଥିବାର ଅଭିଜ୍ଞତା ସମ୍ପର୍କରେ ସେ ନିଜର ମତ ରଖିଥିଲେ। ମୋ କ୍ୟାରିୟରରେ ବୋଲିଂ କରିଥିବା ସମୟରେ ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନ ହେଲେ ବ୍ରାଏନ ଲାରା, ଭିଭିଆନ ରିଚାର୍ଡ୍ସ, ସୁନୀଲ ଗାଭାସ୍କର, ଗ୍ରେଗ ଚାପେଲ ଓ ବେରି ରିଚାର୍ଡ୍ସ ବୋଲି ସେ କହିଥିଲେ। ଯଦିଓ ମୁଁ ଅବସର ନେବା ପରେ ଲାରା ଖେଳିବା ଆରମ୍ଭ କରିଥିଲେ, ତାଙ୍କୁ ବୋଲିଂ କରିବା ଏକ ପ୍ରକାର ଚ୍ୟାଲେଞ୍ଜ୍ ଥିଲା। କିନ୍ତୁ ଡନ୍ ବ୍ରାଡମ୍ୟାନ ଓ ଗ୍ୟାରୀ ସୋବର୍ସଙ୍କ ବିପକ୍ଷରେ ମୁଁ ବୋଲିଂ କରି ନ ଥିଲି। ତେଣୁ ଏହି ଦୁଇ ବ୍ୟାଟ୍ସମ୍ୟାନ ମୋ ପସନ୍ଦର ତାଲିକାରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଥିଲେ।

ଭାରତର ଅଗାମୀ ଅଷ୍ଟ୍ରେଲିଆ ଗସ୍ତ ସମ୍ପର୍କରେ ସେ ମତ ରଖିଥିଲେ। ଏହି ଗସ୍ତରେ ଭାରତ ଏକ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଆଡିଲେଡ୍‌ରେ ଡିସେମ୍ବର ୬ ତାରିଖରେ ପ୍ରଥମ ଟେଷ୍ଟମ୍ୟାଚ୍ ଆରମ୍ଭ ହେବ। ଆଗାମୀ ଟେଷ୍ଟ ସିରିଜରେ ଭାରତ ଫେଭରାଇଟ୍ ବୋଲି ଥମ୍ପସନ କହିଛନ୍ତି। ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତି ଭ୍ରମଣକାରୀ ଭାରତୀୟ ଦଳ ପାଇଁ ସୁଯୋଗ ସୃଷ୍ଟି କରିବ ଓ ଏହା ଦ୍ୱାରା ଅଷ୍ଟ୍ରେଲିଆ ପ୍ରଦର୍ଶନ ପ୍ରଭାବିତ ହେବ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ବିନା ଅଷ୍ଟ୍ରେଲିଆ ବ୍ୟାଟିଂ ନିହାତି ସାଧାରଣ ମନେ ହେଉଛି। ଉଲ୍ଲେଖଥାଉ କି, ବହୁ ଚର୍ଚ୍ଚିତ କେପ୍‌ଟାଉନ୍ ବଲ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନର ଦୋଷୀ ସାବ୍ୟସ୍ତ ହୋଇ କ୍ରିକେଟରୁ ୧୨ ମାସ ବାସନ୍ଦ ହୋଇଥିଲେ।

ଅପରପକ୍ଷରେ ଭାରତ ଏକ ସଲିଡ ଟମ୍ ବୋଲି ଥମ୍ପସନ କହିଛନ୍ତି। ଭାରତର ବୋଲିଂ ବିଭାଗ ବେଶ୍ ଦୃଢ଼ ମନେହେଉଛି। ଆଗାମୀ ସିରିଜରେ ଯଦି ଖେଳାଳିମାନେ ପରିଶ୍ରମ କରନ୍ତି, ତେବେ ଭାରତ ବିଜୟୀ ହେବ ବୋଲି ଥମ୍ପସନ ପୂର୍ବାନୁମାନ କରିଛନ୍ତି। ତେଣୁ ଅଷ୍ଟ୍ରେଲିଆକୁ ଭାରତ କାହିଁକି ହରାଇପାରିବ ନି ତାର କିଛି କାରଣ ନାହିଁ ବୋଲି ସେ କହିଥିଲେ। ସ୍ମିଥ୍ ଓ ୱାର୍ନରଙ୍କ ଅନୁପସ୍ଥିତିରୁ ଭାରତ ଫାଇଦା ଉଠାଇ ପାରିବ ବୋଲି ୬୮ ବର୍ଷୀୟ ଥମ୍ପସନ କହିଛନ୍ତି।

ଏହି କ୍ରମରେ ସେ ଏକ ଉଦାହରଣ ଦେଇଥିଲେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଗତ ଟେଷ୍ଟ ସିରିଜରେ ପାକିସ୍ତାନଠାରୁ ଅଷ୍ଟ୍ରେଲିଆ ୦-୧ରେ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳ ଫୁଟୱାର୍କ ଓ ଟେକ୍‌ନିକ୍‌ର ଅଭାବ ପରାଜୟର ମୁଖ୍ୟ କାରଣ ଥିଲା ବୋଲି ଥମ୍ପସନ କହିଥିଲେ। ଲମ୍ବା ଶଟ୍ ମାରି ପଡିଆ ତଥା ପାର୍କ ବାହାରକୁ ବଲ ପଠାଇବାକୁ ପ୍ରୟାସ କରି ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲେ। ଅବଶ୍ୟ ଅତ୍ୟଧିକ ଟି୨୦ ଓ ଦିନିକିଆ ଖେଳିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଥିଲେ। ନିଜର ୧୨ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ଥମ୍ପସନ ୫୧ଟି ଟେଷ୍ଟ ଖେଳି ୨୦୦ଟି ଉଇକେଟ ହାସଲ କରିଥିଲେ। ସେ ଆନ୍ତର୍ଜାତିକ କ୍ରିକେଟରେ ୧୯୭୩ରୁ ୧୯୮୫ ପର୍ଯ୍ୟନ୍ତ ସକ୍ରିୟ ଥିଲେ।

କେପ୍‌ଟାଉନ ବଲ ଟ୍ୟାମ୍ପରିଂ ମାମଲା ଅଷ୍ଟ୍ରେଲିଆ କ୍ରୀଡ଼ାକୁ ଦୋହଲାଇ ଦେଇଛି। ତେବେ ସ୍ମିଥ୍ ଓ ୱାର୍ନରଙ୍କୁ ୧୨ ମାସ ବାସନ୍ଦ କରାଯିବାର ନିଷ୍ପତ୍ତି ଅଧିକ ହୋଇଗଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ଏହି ଦୁଇ ତାରକା କ୍ରିକେଟରଙ୍କ ପ୍ରତି ଅନ୍ୟାୟ ହୋଇଛି। ଏହି ଦଣ୍ଡାଦେଶ ହାସ୍ୟସ୍ପଦ। ତେବେ କ୍ରିକେଟର ଧାରଧାରୁ ନ ଥିବା ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ବଲ୍ ଟ୍ୟାମ୍ପରିଂ ବାବଦରେ ଅଯଥାରେ ମୁଣ୍ଡ ଖେଳାଇଥିଲେ। ଫଳରେ ଦୁଇ କ୍ରିକେଟରଙ୍କୁ ୧୨ମାସ ବାସନ୍ଦ ହେବାକୁ ପଡିଛି ବୋଲି ଥମ୍ପସନ କହିଛନ୍ତି।

ତେବେ ଭାରତୀୟ ଅଧିନାୟକ ବିରାଟ କୋହଲି ନୂଆ ସଚିନ ତେନ୍ଦୁଲକର କି ବୋଲି ପଚରାଯାଇଥିବା ପ୍ରଶ୍ନକୁ ସେ ଏଡାଇ ଯାଇଥିଲେ। ଏ ସଂକ୍ରାନ୍ତରେ ସେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇ ନ ଥିଲେ। କୋହଲି ଏବେ ଏକ ଶ୍ରେଷ୍ଠ ଖେଳାଳିଭାବେ ଉଭା ହେଉଛନ୍ତି। ତେବେ ପୂର୍ବରୁ ଖେଳିଥିଲେ ତାଙ୍କ ଖେଳ ଭିନ୍ନ ପ୍ରକାର ହୋଇଥାନ୍ତା। ଏବେକାର ବ୍ୟାଟ୍ସମ୍ୟାନ ଦୁଇ ଓଭର ଖେଳି ସ୍କୋର କରିବାକୁ ଚେଷ୍ଟା କରୁନାହାନ୍ତି। କିନ୍ତୁ ଏହାପରେ ବୁନ୍ଧୁଙ୍କ ଭଳି ବାଉଣ୍ଡାରୀମାରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ପୂର୍ବରୁ ଆଉଟ ନ ହେବାକୁ ବ୍ୟାଟ୍ସମ୍ୟାନ ଚେଷ୍ଟା କରୁଥିଲେ ଓ ଏ ନେଇ ପଣ କରିନେଉଥିଲେ। ତେବେ କୋହଲିଙ୍କ ଭଳି ଭାରତର ଅନ୍ୟ କ୍ରିକେଟରମାନେ ଖେଳିବା ଉଚିତ୍। କୋହଲି ଆଉଟ୍ ହେବା ପରେ ଦଳର ଅନ୍ୟ ଖେଳାଳିମାନେ ଲଢେଇ ଜାରି ରଖିବା ଉଚିତ୍। ଅଷ୍ଟ୍ରେଲିଆରେ ଅତିକମ୍‌ରେ ୩୦୦- ୩୫୦ରନ ସ୍କୋର କରିପାରିଲେ ବିଜୟୀ ହେବା ସମ୍ଭବ ହେବ ବୋଲି ଥମ୍ପସନ୍ କହିଥିଲେ। ଫିଟନେସ ଉପରେ ମଧ୍ୟ ନିଜର ମତ ରଖିଥିଲେ। ୬୮ ବର୍ଷ ବୟସରେ ମଧ୍ୟ ମୁଁ ଏବେ ବି ଫିଟ୍ ଅଛି। ଦ୍ରୁତଗତିରେ ବୋଲିଂ କଲାବେଳେ ମଧ୍ୟ କ୍ୟାରିୟରରେ ମୁଁ କେବେବି ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇନାହିଁ ବୋଲି ଥମ୍ପସନ ସ୍ପଷ୍ଟ କରିଥିଲେ। ଶେଷରେ ଥମ୍ପସନ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଓ ଏହାର ଆୟୋଜକ ସମେତ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିବାକୁ ପଛାଇ ନ ଥିଲେ। ଭୁବନେଶ୍ୱର ଓ ଏହାର କ୍ରୀଡ଼ା ପ୍ରଶଂସକଙ୍କୁ ସେ ଭୂୟସୀ ପ୍ରଶଂସା କରିଥିଲେ। କେବଳ କ୍ରିକେଟ ନୁହେଁ ଅନ୍ୟ କ୍ରୀଡ଼ାରେ ମଧ୍ୟ ଭାରତର ଭବିଷ୍ୟତ ଉଜ୍ଜ୍ୱଳ। ତେବେ ଏଥିପାଇଁ ବହୁତ କିଛି କରିବାକୁ ପଡିବ।




ଜେଫ୍ ଥମ୍ପସନ




## ସଂକ୍ଷେପରେ

### ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

**ତିର୍ତ୍ତୋଲ, ୨।୧୧ (ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ବିଫଳତା ଏବଂ ଭ୍ରଷ୍ଟାଚାର ବିରୋଧରେ ଶୁକ୍ରବାର ଭାଜପା ତରଫରୁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଭାଜପା କର୍ମୀମାନେ ତିର୍ତ୍ତୋଲ କୁମାର ଉତ୍ସବ ସମିତି ଜୟପ୍ରକାଶ ମଇଦାନରୁ ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଭାରୀ ଲଲାଟେନ୍ଦୁ ବଡୁ ସଭାପତିତ୍ୱ କରିଥିଲେ। ରମାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ହରିହର ବେହେରା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ଦାସ, ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ବିଜୟ ଦାଶ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଚୌଧୁରୀ ବିଜୟ ସୂତାର, କୋଷାଧକ୍ଷ ସୁଧୀର ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଜିଲା ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଦାଶ, ସମ୍ପାଦକ ସୁଦୀପ୍ତ ନାଥ, ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ ସାମିଲ ହୋଇଥିଲେ।

### ଲୁଟ୍ ବେଳେ ଧରାପଡିଲେ ଯୁବକ

**ବିଞ୍ଝାରପୁର, ୨।୧୧ (ଡି.ଏନ.ଏ):** ଗୁରୁବାର ବିଳମ୍ବିତ ରାତିରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇନ୍ଦା ଛକ ଓ ସିଂହପୁର କଲେଜ ରୋଡରେ ଥିବା ଦୋକାନରୁ ଲୁଟ କରୁଥିବାବେଳେ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରିଛନ୍ତି। ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଜଗତ୍‌ସିଂହପୁର ଅଫିସ, ୨।୧୧**

ଜଗତ୍‌ସିଂହପୁର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଅଧ୍ୟକ୍ଷତା କରି ସମସ୍ତ ଅତିଥି, ଅଧିକାରୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ମୂଳୋତ୍ପାଟନ ପାଇଁ ଶପଥପାଠ କରାଇଥିଲେ। ମଣିଷ ଇଚ୍ଛା ଓ ଲୋଭର ବସବର୍ତ୍ତୀ ହୋଇ ଦୁର୍ନୀତି କରେ। ଏହାଦ୍ୱାରା ସୁଖ ଓ ଶାନ୍ତି ମିଳେ ନାହିଁ। ନିଜକୁ ନିୟନ୍ତ୍ରିତ କରିପାରିଲେ ସମାଜରୁ ଦୁର୍ନୀତି ଲୋପ ପାଇବ ବୋଲି ସେ କହିଥିଷଲ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଯାହା ନୀତି ବିରୋଧରେ କରାଯାଏ, ତାହା ଦୁର୍ନୀତି। ତେଣୁ ଦୁର୍ନୀତି ନିବାରଣ ପାଇଁ ଆମେ ସଂକଳ୍ପ ନେବା ଉଚିତ ବୋଲି ସେ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ ବିଭାଗ କଟକ ବିଭୁଦେନ୍ଦୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନଙ୍କ ଉଦ୍ଦେଶ୍ୟ ହେଉଛି ଦେଶରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବା। ପୃଥିବୀରେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ସାମୟିକ ଆରାମ ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇଥାନ୍ତି। କିନ୍ତୁ ଏଥିରେ ସେମାନଙ୍କର ବିରାଟ କ୍ଷତି ହୋଇଥାଏ। ଦୁର୍ନୀତି ଏକ ସାମାଜିକ ବ୍ୟାଧି ଓ ଏହାଦ୍ୱାରା ପିଲାମାନେ ପଥଭ୍ରଷ୍ଟ ହୁଅନ୍ତି। ତେବେ ସୂଚନା ଅଧିକାର ଆଇନ କିଛି ପରିମାଣରେ ଦୁର୍ନୀତିକୁ ପ୍ରତିହତ କରିପାରିଛି ବୋଲି ସେ କହିଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଯୋଗଦେଇ ଦୁର୍ନୀତି ନିବାରଣ ପାଇଁ ମାନସିକତାରେ ପରିବର୍ତ୍ତନ କରିବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ। ଉପଆରକ୍ଷୀ ଅଧିକ୍ଷକ ଭିଜିଲାନ୍ସ ସୁଶାନ୍ତ କୁମାର ସେନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଆରକ୍ଷୀ ଅଧିକ୍ଷକ ଏସ୍‌ଆରପିସି ବାମଦେବ ସିଂହ ଯୋଗଦେଇ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାକୁ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ଟାଉନ ହଲଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଜୁ ଯୁବବାହିନୀର ପ୍ଲାଷ୍ଟିକ ବର୍ଜନ ଆହ୍ୱାନ

**ବାଲିଆ, ୨।୧୧**

ବିରିଡ଼ି ବ୍ଲକ କୁଳକଇଜଙ୍ଗା ପଞ୍ଚାୟତ ବିଜୁ ଯୁବବାହିନୀ ତରଫରୁ ପ୍ଲାଷ୍ଟିକ ବର୍ଜନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବବାହିନୀର ସଭାପତି ଭାଗଗ୍ରାହୀ ସ୍ୱାଇଁ, ସଭ୍ୟ ମକର ଧ୍ୱଜ ମୁଦୁଲି, ପ୍ରକାଶ ଭୋଇ, ରାଜେଶ ଦାସ, ପ୍ରିତମ ମହାନ୍ତି, ସୁଶୀଲ ସେଠୀ, ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିଭାବେ ବିରିଡି ବ୍ଲକ ୨ ନଂ ଜୋନ ଜିଲା ପରିଷଦ ସଭ୍ୟା ଲତା ଦାସ, ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାରାଣୀ ବେହେରା ଯୋଗଦେଇ ପ୍ଲାଷ୍ଟିକ ବର୍ଜନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଚେତନତା ଶୋଭାଯାତ୍ରା କୁଳକଇଜଙ୍ଗା କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପ୍ରମିଳା ବେହେରା, ଶର୍ମିଷ୍ଠା ରାଉତ, ରୂପାଲି ପରିଜା, ମିରୁ ବାସ୍କେ, ପ୍ରଭାତ ମହାପାତ୍ର, ନୁନ୍ଦୁ ସିଂ, ବିଭୂତି ଭୁଷଣ ତ୍ରିପାଠି ପ୍ରମୁଖ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଘରଭଡ଼ାକୁ କେନ୍ଦ୍ରକରି ବୋମାମାଡ଼

**ବାଲିକୁଦା, ୨।୧୧ (ସ୍ୱ.ପ୍ର.)**

ବାଲିକୁଦା ଥାନା ବାହାରଣା ପଞ୍ଚାୟତର କୁଳ ବଜାର-ହରିପା ରାସ୍ତାର ଚନ୍ଦାହୁରାଠାରେ ଗୁରୁବାର ରାତିରେ ବୋମାମାଡ଼ ହୋଇଛି। ମାର୍କେଟ କମ୍ପ୍ଲେକ୍ସ ଘରଭଡ଼ାକୁ ନେଇ ଏହି ବୋମାମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହି ବୋମା ମାଡରେ କାହାରି କିଛି କ୍ଷତି ହୋଇନାହିଁ। କେବଳ ବୋମା ମାଡରେ ମାର୍କେଟ କମ୍ପ୍ଲେକ୍ସର ଗ୍ରୀଲ ଭାଙ୍ଗି ଯାଇଛି। ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଯୋଗେନ୍ଦ୍ର ମୁଦୁଲିଙ୍କ ଚନ୍ଦାହୁରାଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଅଛି। ଏହି କମ୍ପ୍ଲେକ୍ସରୁ ଗୋଟିଏ ଘର ଭଡ଼ାକୁ ନେଇ କେହିଜଣେ ଦୋକାନ କରିବାକୁ ତାଙ୍କୁ କହୁଥିଲେ। ମାତ୍ର ଘର ନାହିଁ ସବୁ ବୁକ୍ ହୋଇଯାଇଛି ବୋଲି ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହିଥିଲେ। ଏଥିରେ ପ୍ରତିକ୍ରୀୟାଶୀଳ ହୋଇ ସମ୍ପୃକ୍ତ ବ୍ୟକ୍ତି ବୋମାମାଡ଼ କରିବାକୁ ଧମକ ଦେଇଥିଲେ। ବୋମାମାଡ଼ ହେବା ସମ୍ପର୍କରେ ଶୁକ୍ରବାର ଜାଣିବା ପରେ ମୁଦୁଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ

**ନାଉଗାଁ, ୨।୧୧ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ପ୍ରଦତ୍ତ ନୂତନ ଖାଉଟି କାର୍ଡ ପ୍ରଦାନ କରାଯାଇଛି। ସରପଞ୍ଚ ଶିବ ନାୟକ, ସଭ୍ୟ ପଦ୍ମ ରାଉତ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ତ୍ରିପାଠୀ ଉପସ୍ଥିତ ରହି ୯୩ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିଥିଲେ।



SOUMIK JEWELS
1ST FLOOR OF HERO TWOWHEELER SHOW ROOM, JAJPUR ROAD
PHONE - 06726 - 221540 / 6371771930



CRIMSOUNE CLUB

FASHION WEAR: ODISHA: BHUBANESWAR: BHAWANI MALL: (Ph: 0674-6002132), FORUM MART: (Ph: 0674-2380834), KESHRI MALL: (Ph: 0674-2532877), PAL HEIGHT: (Ph: 0674-6055700), BALAGIR: (Ph: 06652-232801), BHAWANIPATNA: (Ph: 06670-231500), CUTTAK: (Ph: 0671-2418625), JAJPUR ROAD: (Ph: +91 9776525254), TALCHER: (Ph: 0676-0242888), ANGUL: (Ph: +91 9437015719), RAYAGADA: (Ph: +91 9437055033), Radhagobinda Market Complex BARIPADA (Ph: +91-9861271830) | Sai Garments Plot No-4763/4764, Khatano-3470/3277, Dhenkanal Mauza, Meena Bazar DHENKANAL (Ph: +91-9853130307) | SIS: Tulsi Showroom (Kantabanji), Planet Harjeet (Sambalpur), Indira Plaza (Rourkela), Kaluram Durgaprasad Megashop (BARIPADA), SRI DURGA RETAIL PVT LTD, (BERHAMPUR), The Fashion Planet (Dhenkanal), Modi Collection (ANGUL), PLAZA FASHION WORLD (BARIPADA), S.G Fashion (Rajkhariar), Kanak Garment (KEONJHAR), Triveni Royal (JAJPUR ROAD), Fashion House (Semiliguda), Shree Ashoka Fashions Shop (Bhadrak) | JRS FASHION. NEW STORE: Mauza, Jatni Town Jihas Mahal, PS Jatni, Khordha, Odisha | Also available at all leading stores & Reliance Trends | Mail us: mail@crimsouneclub.com

Now available at: www.crimsouneclub.com | JABONG MYNTRA AJIO Flipkart snapdeal paytm Fynd LIMEROAD

DSPL - 233



"After the successful organisation of Make in Odisha Conclave 2016, our focus has been on converting intents into investments through our mantra of 3Ts – Transparency, Technology and Teamwork."

# Grounding New Opportunities for Broad-based Industrial Growth

**Following up on the 3rd Ground-breaking /inauguration of 15 industrial units on August 23, 2018, Invest Odisha is pleased to announce...**

## 4th phase of Ground-breaking ceremony of 15 new industrial projects spanning 6 sectors

*by*

**Hon'ble Chief Minister**

## Shri Naveen Patnaik

**at 11:30 AM on November 03, 2018**

**GROUND-BREAKING**

◆ Ultratech Cement ◆ Welspun Orissa ◆ Chettinad Cement ◆ Surya Foods
◆ P & A Bottlers Pvt Ltd ◆ Oriplast ◆ CRPL Infra (P) Ltd ◆ Vijaynagar Bio-tech (P) Ltd
◆ Coastal Corporation ◆ Truism Resource LLP ◆ Wild Lotus Fashions Pvt. Ltd
◆ Flaminquo Sharimpex Pvt. Ltd ◆ Amarsagar Sea Food Pvt. Ltd
◆ Jharana Steel Industries ◆ Sabri Food Products Pvt Ltd

***Investment of Rs. 1,807.92 Cr with employment to 8883 persons***

Govt. of Odisha

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

For Registrations, please visit: https://mio.investodisha.gov.in/

Or download the 'Make in Odisha 2018' app from Google Play App Store

Follow us on @investInOdisha /investOdisha

Scan QR Code to Register

14005/13/0044/1819

## ସଂକ୍ଷେପରେ

### ବିଶ୍ୱକପ୍ ହକି ମାସ୍କଟ ଓଲିକୁ ସମ୍ବର୍ଦ୍ଧନା



ବିରିଡ଼ି,୨।୧୧ (ଡି.ଏନ.ଏ.): ବିଶ୍ୱକପ ହକି ୨୦୧୮ର ମାସ୍କଟ ଓଲିକୁ ଶୁକ୍ରବାର ସନ୍ଧ୍ୟାରେ ବିରିଡ଼ି ଛକଠାରେ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଓଲି କଟକରୁ ଜଗତସିଂହପୁର ଅଭିମୁଖେ ଯାତ୍ରା କରିବା ସମୟରେ ବିରିଡ଼ିରେ ଏବିଡିଓ ଗିରିଜା ପ୍ରସାଦ ବାରିକ, ସିଡିପିଓ ଗୌରୀ ଦେଈ, ପଞ୍ଚାୟତ ଜନପ୍ରତିନିଧି, ବିଜୁ ଯୁବବାହିନୀର କର୍ମକର୍ତ୍ତା, ଏସଏଚଜି ସଦସ୍ୟା ଓ ସାଧାରଣ ଜନତା ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ।

**ଶହୀଦ ଫଟୋ ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି**

ବାଲିକୁଦା,୨।୧୧(ସ୍ୱ.ପ୍ର.): ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଦୂରଦର୍ଶନର ଫଟୋ ଖବରଦାତା(କ୍ୟାମେରା ମ୍ୟାନ) ଅଚ୍ୟୁତାନନ୍ଦ ସାହୁଙ୍କୁ ବାଲିକୁଦାର ଖବରଦାତାମାନଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିସହ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବାଲିକୁଦା ଜଳସମ୍ପଦ ଡାକବଙ୍ଗଳା ଠାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ସମିତି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୨।୧୧(ଡି.ଏନ.ଏ.): ବିରିଡ଼ି ବ୍ଲକ ଉତ୍ତରଶାସନ ସେବା ସମବାୟ ସମିତିର ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସିଂହଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମିତିର ସଭାପତି ପୀତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସିସିବି ବିରିଡ଼ି ଶାଖା ପରିଚାଳକ ରାଧାକୃଷ୍ଣ ସ୍ୱାଇଁ ମୁଖ୍ୟଅତିଥି, ଝରେନ୍ଦ୍ର ପାତ୍ର, ଭାଗବତ ପ୍ରସାଦ ଦାଶ, ଡ. ସୁରେଶ ଚନ୍ଦ୍ର ଜେନା, ବିଜୟ କୁମାର ଭୂୟାଁ, ଗୀତି କବି ବାମଦେବ ସ୍ୱାଇଁ, ଦିବାକର ସାହୁ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଉତ୍ତମ ଦାଶ, ଅକ୍ଷୟ କୁମାର ବ୍ରହ୍ମା, କାଳୀପ୍ରସାଦ ମହାପାତ୍ର, ଉମାକାନ୍ତ ବେହେରା, ଧୀରେନ୍ଦ୍ର ବହାପାତ୍ର, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସିଂହଙ୍କ କର୍ତ୍ତବ୍ୟ ନିଷ୍ଠା ସମ୍ପର୍କରେ କହିଥିଲେ।

# ଏମ୍‌ଏସ୍‌ଏମ୍‌ଇରେ ରହିଛି ବ୍ୟାପକ ସୁଯୋଗ

**ପାରାଦୀପରେ କେନ୍ଦ୍ରମନ୍ତ୍ରୀ**



କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ମନସୁଖ ଏଲ୍ ମାଣ୍ଡଭିୟା ଉଦ୍‌ଘାଟନ କରୁଛନ୍ତି।

- ଏମ୍‌ଏସ୍‌ଏମ୍‌ଇରେ ୧୨ ନୀତି ଗୃହୀତ
- ଭିଡିଓ କନ୍‌ଫରେନ୍ସରେ ଘୋଷଣା କଲେ ପ୍ରଧାନମନ୍ତ୍ରୀ

ପାରାଦୀପ,୨।୧୧(ସ୍ୱ.ପ୍ର.)

କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ, ଜାହାଜ ଚଳାଚଳ, କେମିକାଲ ଓ ଫର୍ଟିଲାଇଜର ରାଷ୍ଟ୍ରମନ୍ତ୍ରୀ ମନସୁଖ ଏଲ୍ ମାଣ୍ଡଭିୟା ଶୁକ୍ରବାର ପାରାଦୀପ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ କେନ୍ଦ୍ର ସରକାର ଗ୍ରହଣ କରିଥିବା କେତେକ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ କେତେକ ପରିବର୍ତ୍ତନ ଓ ୧୨ଟି ସଂସ୍କାରମୂଳକ ପଦକ୍ଷେପ ଘୋଷଣା କରିଛନ୍ତି। ସେହି ଘୋଷଣାକୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଦେଶର ୧୦୦ ଜିଲାରେ ଉଦ୍‌ଘାଟନ କରାଯାଇଥିଲା। ସେହି ଜିଲା ମଧ୍ୟରେ ଜଗତ୍‌ସିଂହପୁର ଜିଲା ରହିଛି। ଏଥିପାଇଁ ପାରାଦୀପର ଜୟଦେବ ସଦନଠାରେ ଭିଡିଓ କନ୍‌ଫରେନ୍ସିଂ କରାଯାଇଥିଲା। ସେଥିରେ କେନ୍ଦ୍ରମନ୍ତ୍ରୀ ମାଣ୍ଡଭିୟା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପୂର୍ବରୁ ଏମ୍‌ଏସ୍‌ଏମ୍‌ଇ ସମ୍ପର୍କରେ ୩୫ ମିନିଟ୍ ବକ୍ତବ୍ୟ ରଖିଥିଲେ। ୫୯ ମିନିଟ୍‌ରେ ବ୍ୟାଙ୍କ୍ ଋଣ, ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ବ୍ୟାଙ୍କ ପ୍ରତିବନ୍ଧକ ନ ଥିବା, ଜିଏସ୍‌ଟି ସଂଯୋଗ, ସୁଧରେ ୨ ପ୍ରତିଶତ ରିହାତି, କ୍ଷୁଦ୍ର ଉଦ୍ୟୋଗ ପାଇଁ ପରିବେଶ ମଞ୍ଜୁରୀକୁ ସରଳୀକରଣ କରିବା ଆଦି ୧୨ ପ୍ରସଙ୍ଗ ଉପରେ ସଂସ୍କାର ଅଣାଯାଇଥିବା ସେ କହିଥିଲେ। ଏହାଦ୍ୱାରା ବେକାର ଯୁବତୀ ଯୁବକମାନେ କ୍ଷୁଦ୍ର ଉଦ୍ୟୋଗ କରିବା ସହ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ। ସେହି କ୍ଷୁଦ୍ର ଉଦ୍ୟୋଗର ସାମଗ୍ରୀକୁ ବିକିବା ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତ କାମକୁ ଖୋଦ୍ ପ୍ରଧାନମନ୍ତ୍ରୀ ୧୦୦ ଦିନ ମଧ୍ୟରେ ସମୀକ୍ଷା କରିବେ। ଏହି ବ୍ୟବସ୍ଥା ପାରାଦୀପରେ ନିବେଶକଙ୍କ ପାଇଁ ଭରପୂର ସୁଯୋଗ ସୃଷ୍ଟି କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଆମଦାନୀ ଭିତ୍ତିକ କାଠଶିଳ୍ପ, ତୈଳ ବିଶୋଧନାଗାର ପଲି ପ୍ରପଲିନକୁ ନେଇ ପ୍ଲାଷ୍ଟିକ ଶିଳ୍ପ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବା ସେ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ନିକୁଞ୍ଜ କିଶୋର ସୁନ୍ଦରରାୟ, ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ଏଡିଏମ୍ କାହ୍ନୁଚରଣ ଧିର, ୟୁକୋ ବ୍ୟାଙ୍କ ମୁଖ୍ୟ ଟି.ବି.ନେଗି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ୟୁକୋ ବ୍ୟାଙ୍କ ଆୟୋଜନ କରିଥିଲା ଓ ଅନ୍ୟ ବ୍ୟାଙ୍କମାନେ ଏମ୍‌ଏସ୍‌ଏମ୍‌ଇ ସମ୍ପର୍କରେ ବିଭିନ୍ନ ପ୍ରକାର ସଚେତନତା ଷ୍ଟଲ ଖୋଲିଥିଲେ। ଏହି ଅବସରରେ କେତେକ ଉଦ୍ୟୋଗୀଙ୍କୁ କେନ୍ଦ୍ରମନ୍ତ୍ରୀ ତତ୍କାଳ ଋଣ ପ୍ରଦାନ କରିଥିଲେ। ତେବେ ପାରାଦୀପ ବନ୍ଦର, ଜାତୀୟ ରାଜପଥ ସମସ୍ୟା କିମ୍ବା ଜଙ୍ଗଲ ପରିବେଶ ସମ୍ପର୍କରେ ସେ ପଦୁଟିଏ ବି କହି ନ ଥିଲେ। ମନ୍ତ୍ରୀଙ୍କୁ ସଭାସ୍ଥଳରେ ମାଛଧରା ଟ୍ରଲର ମାଲିକ ସଂଘ ପକ୍ଷରୁ ମହାନଦୀ ଖନନ ପ୍ରସଙ୍ଗରେ ଏକ ଦାବିପତ୍ର ଦିଆଯାଇଥିଲା।

## ବାବା ଦିବାକର ଦାସଙ୍କ ଜୟନ୍ତୀ

ବିରିଡ଼ି,(ଡି.ଏନ.ଏ.)/ବାଲିଆ,୨।୧୧

ବିରିଡ଼ି ବ୍ଲକ ବାଲିଆ ଝୁଲା ଗୋପୀନାଥଙ୍କ ନିକଟରେ ଶୁକ୍ରବାର ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସଙ୍କ ୨୯ତମ ଜୟନ୍ତୀ ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପ୍ରଭାତରୁ ଝୁଲା ଗୋପୀନାଥଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହିତ ଗୋପୂଜା କରାଯାଇଥିଲା। ବାବା ଦାସ ତାଙ୍କ ପ୍ରବଚନ ମାଧ୍ୟମରେ କହିଲେ ଯେ ଜନ୍ମଦିନ ପାଳନ କରିବାମାନେ ନିଜର କେତେ ବର୍ଷ ଆୟୁଷ ଫେଡି ହୋଇଯାଇଛି ତାହା ଚିନ୍ତା କରିବାର ବିଷୟ। ସେହି ଫେଡି ହୋଇଯାଇଥିବା ଆୟୁଷ ଭିତରେ କେତେ ସମୟ ସମାଜ ସେବାରେ ଅନ୍ୟର ହିତରେ ବିନିଯୋଗ ହୋଇପରିଲା, ତାହା ମନନ କରିବା ସାଧୁର ଚିନ୍ତାଧାରା। ଗୋମାତାର ସେବା ଦ୍ୱାରା ମାନବ ସମାଜର ମଙ୍ଗଳ ହେବା ସହିତ ବୌଦ୍ଧିକ ଚେତନା ଜାଗ୍ରତ ହୋଇଥାଏ। ଏହି ଅବସରରେ ବହୁ ଆଧ୍ୟାତ୍ମିକ ପ୍ରେମୀ ଓ ଭକ୍ତ ବାବାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ଧାନକୁଦ ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ। ପଣ୍ଡିତ ଗୁରୁ ଚରଣ ରଥ, ବୈଷ୍ଣବ କବି ତ୍ରିଲୋଚନ ଦାସ, ଗୀତି କବି ବାମଦେବ ସ୍ୱାଇଁ, କବି ପୀତାମ୍ବର ମହାପାତ୍ର, କବି ମାଗୁଣୀ ଚରଣ ଭୋଇ, ବନମାଳି ବେହେରା, ବିଭୂତି ରାୟ, ପ୍ରିୟତମା ସାହୁ, କାଦମ୍ବିନୀ ପରିଜା, ଖଗେଶ୍ୱର ମହାରଣା, ଉମାକାନ୍ତ ରଥ, ଶିବ ପ୍ରସାଦ ମାଝୀ, ବିଜୟ ଦାସ, ରମାକାନ୍ତ ନାୟକ ପ୍ରମୁଖ ବହୁ କବୟିତ୍ରୀ ଓ କବି ଯୋଗଦେଇ ବାବା ଦିବାକର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଦୁର୍ନୀତି ବିରୋଧରେ ଭାଜପାର ବିକ୍ଷୋଭ



ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଏରସମା,୨।୧୧(ସ୍ୱ.ପ୍ର.)

ଏରସମା ବ୍ଲକ ପ୍ରଶାସନର ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବାଟ ମାରଣା କରୁଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏରସମା ତେଲଟାଙ୍କି ଛକ ପାଖରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଭାଜପା ନେତା ଓ କର୍ମୀମାନେ ଆସି ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ସଭାସ୍ଥଳରେ ପହଞ୍ଚିଥିଲେ। ନିର୍ଲିପ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପ୍ରଭାରୀ ଗତିକୃଷ୍ଣ ଶତପଥୀ, ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ରଘୁନନ୍ଦନ ଦାସ, ରୋହିତ ମହାନ୍ତି, ଅକ୍ଷୟ ସ୍ୱାଇଁ, ନୃସିଂହ ସାହୁ, ଅମିତା ଦାସ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ଓ ବ୍ଲକ ପ୍ରଶାସନ ବିରୋଧରେ ବର୍ଷିଥିଲେ। ବିଶେଷ କରି ରାସ୍ତାଘାଟର ଦୁରବସ୍ଥା, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନରେ ଅନିୟମିତତା, ବିଜୁ ପକ୍କାଘର ପାଇଁ ହିତାଧିକାରୀ ଚୟନରେ ପ୍ରିୟାପ୍ରୀତି ତୋଷଣ କରଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଧିକାଂଶ କାର୍ଯ୍ୟରେ ୩୦ ପ୍ରତିଶତ ପିସି ଖୋଲାଖୋଲି ନିଆଯାଉଥିବାରୁ ଏହା ଉପରେ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ଏଥିରେ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ।



ବିଜେଡି ନେତା ଓ କର୍ମୀମାନେ ରାସ୍ତାରୋକୋ କରିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଜେଡିର ରାସ୍ତାରୋକୋ

ପାରାଦୀପ,୨।୧୧(ସ୍ୱ.ପ୍ର.)

କେନ୍ଦ୍ରମନ୍ତ୍ରୀ ମନସୁଖ ଏଲ ମାଣ୍ଡଭିୟାଙ୍କ ପାରାଦୀପ ଗସ୍ତ ପୂର୍ବରୁ ଶୁକ୍ରବାର ଏଠାରେ ବିଜେଡି ପ୍ରତିବାଦ ପ୍ରଦର୍ଶନ କରିଛି। ୫ନଂ.(କ) ଜାତୀୟ ରାଜପଥ ମରାମତି କରା ନ ଯିବା ପ୍ରତିବାଦରେ ସ୍ଥାନୀୟ ବିଜୟଚନ୍ଦ୍ରପୁରଠାରେ ବିଜେଡି ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ ବଶ୍ୱାଳ, ସମ୍ପାଦକ ବସନ୍ତ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ରାଜପଥ ଉପରେ ପ୍ରାୟ ୩ ଘଣ୍ଟା ବସିରହିଥିଲେ। ଏହି ରାସ୍ତା ଅବରୋଧକୁ ସ୍ଥାନୀୟ ବିଜୟଚନ୍ଦ୍ରପୁର ନାଗରିକ ପରିଷଦ, ପାରାଦୀପ ଗଡ଼ ପଞ୍ଚାୟତ, ଭୁତମୁଣ୍ଡାଇ ପଞ୍ଚାୟତର ମୁରବୀଙ୍କ ସମେତ ଟ୍ରକ୍ ମାଲିକ ସଂଘ ସମର୍ଥନ କରିଥିଲେ। ସେମାନେ କହିଛନ୍ତି ଯେ ୫ନଂ.(କ) ଜାତୀୟ ରାଜପଥର ଅଠରବାଙ୍କୀଠାରୁ ଭୁତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ସେହି ରାସ୍ତାରେ ଯାତାୟାତ କରିବା ସମସ୍ତଙ୍କ ପାଇଁ ବିପଦ। ଏ ସମ୍ପର୍କରେ ବାରମ୍ବାର ବିଜେଡି ସମେତ କେତେକ ସଂଗଠନ ଓ ଜିଲା ପ୍ରଶାସନ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ଏପରି କି ଗତ ସେପ୍ଟେମ୍ବର ୧୫ରେ ବିଜେଡି ରାଜପଥ ଅବରୋଧ କରିବ ବୋଲି ଚେତାବନୀ ଦେଇଥିଲା। ଏବେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଆମେ ବିରୋଧ କରୁନାହୁଁ। ତାଙ୍କୁ ଚେତାବନୀ ଦେବା ପାଇଁ ଏହି ପ୍ରତିକାତ୍ମକ ବିରୋଧ କରାଯାଇଛି। ତୁରନ୍ତ ରାସ୍ତା ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଦଳ ରାଜପଥ ଓ ପାରାଦୀପ ବନ୍ଦରରେ ଆର୍ଥିକ ଅବରୋଧ କରିବ ବୋଲି ବିଜେଡି ନେତାମାନେ କହିଛନ୍ତି। ଅବରୋଧସ୍ଥଳରେ କୁଜଙ୍ଗ ତହସିଲଦାର ରବୀନ୍ଦ୍ର ପଣ୍ଡା ପହଞ୍ଚିବା ପରେ ତାଙ୍କୁ ଦାବିପତ୍ର ଦିଆଯାଇ ରାସ୍ତା ଅବରୋଧ ପ୍ରତ୍ୟାହାର କରାଯାଇଥିଲା। ରାସ୍ତା ଅବରୋଧ ଅପରାହ୍ନ ୧ଟାରେ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ମନ୍ତ୍ରୀ ମାଣ୍ଡଭିୟା ଅପରାହ୍ନ ୩ଟାରେ ସେହି ରାସ୍ତାରେ ପାରାଦୀପ ଆସିଥିଲେ। ତେବେ ଭାଜପା ମଧ୍ୟ ଏହି ଅବସରରେ ନିଜର ଦମ୍ ଦେଖାଇଥିଲା। ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଦୋଛକିଠାରୁ ଜୟଦେବ ସଦନ ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ପାଛୋଟି ନିଆଯାଇଥିଲା। ରାସ୍ତା ମରାମତି ଓ ବିଜେଡିର ଦାବି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କୁ ପଚାରିବାରେ ସେ କହିଲେ ଯେ ଓଡ଼ିଶାକୁ ରାଜପଥ ସଂଯୋଗ କ୍ଷେତ୍ରରେ ବିପୁଳ ସୁଯୋଗ ଦିଆଯାଇଛି। ଯେଉଁ ମରାମତି କଥା ବିଜେଡି ଉଠାଉଛି, ସେଠାରେ କିଛି ଟ୍ରକ୍ ରହୁଥିବାରୁ ଏଭଳି ସମସ୍ୟା ହୋଇଛି। ଏହା ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ବ୍ଲାକରୋଜ ବୁଡିର ସିବିଆଇ ତଦନ୍ତ ପ୍ରସଙ୍ଗରେ ପଚାରିବାରୁ ସେ ନୋ କମେଣ୍ଟ୍ସ ବୋଲି କହି ଚାଲିଯାଇଥିଲେ।

## ମଦ ଜବତ, ଜଣେ ଗିରଫ

ବାଲିକୁଦା,୨।୧୧(ସ୍ୱ.ପ୍ର.)

ବାଲିକୁଦା ଅବକାରୀ ଥାନା ପକ୍ଷରୁ ଖାଙ୍କରପୁର ଗାଁରେ ଚଢାଉ କରାଯାଇ ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେ ହେଲେ ପ୍ରଶାନ୍ତ କାଣ୍ଡି। ଅବକାରୀ ଥାନା ଓଆଇସି ଚନ୍ଦ୍ରକାନ୍ତ ଦାସ, ଏଏସଆଇ କୈଳାସ ଦାସ, ତିର୍ତ୍ତୋଲ ଅବକାରୀ ଥାନା ଏଏସଆଇ ପ୍ରସନ୍ନ ପାଣି, କନଷ୍ଟେବଲ ଚିତ୍ତରଞ୍ଜନ ଦାସ, ଜଗତ୍‌ସିଂହପୁର ଅବକାରୀ ଥାନା ଏଏସଆଇ କଳ୍ପନା ଜେନା, ପ୍ରକାଶ ରାଉତ, ହିମାଂଶୁ ନାୟକ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ସେହିପରି ବଡାଗର ଗାଁରୁ ୧୭ ବୋତଲ ବିଦେଶୀ ମଦ ଜବତ ହୋଇଛି।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ବିରିଡି,୨।୧୧(ଡି.ଏନ.ଏ.)

ବିରିଡ଼ି ବ୍ଲକ ଅଳକା ମହାବିଦ୍ୟାଳୟ ୟୁକ୍ତ ୨ ଓ ୟୁକ୍ତ ୩ ପକ୍ଷରୁ ଆୟୋଜିତ ଜାତୀୟ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଉଭୟ ବାଳକ ବିଭାଗର ଶିବିରାର୍ଥୀମାନେ ନିଜ କ୍ୟାମ୍ପଠାରୁ ପ୍ଲା କାର୍ଡ ଧରି ପ୍ରଥମେ ଜୟଶୋଳ, ବସନ୍ତପୁର, ସଢେଇଶାସନ ଓ ଦଣ୍ଡିଲୋ ଅତିକ୍ରମ କରି ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଓୟୁଏଟିର ପ୍ରାକ୍ତନ ପ୍ରଫେସର ଡ. ମନୋରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ତରିକୁନ୍ଦ ଶାଖା ପରିଚାଳକ ନରହରି ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ୟୁକ୍ତ ୨ ପ୍ରୋଗ୍ରାମ ଅଫିସର ପ୍ରସନ୍ନ କୁମାର ପାଢୀ ଓ ୟୁକ୍ତ ୩ ପ୍ରୋଗ୍ରାମ ଅଫିସର ଅକ୍ଷୟ କୁମାର ଭଦ୍ର ସଂଯୋଜନା କରିଲେ। ଅକ୍ଷୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ଶିବିରାର୍ଥୀଙ୍କୁ ନିଷ୍ଠା, ସାଧୁତା, ସାମାଜିକ କର୍ତ୍ତବ୍ୟ ପରାୟଣତା ଦ୍ୱାରା କିପରି ଛାତ୍ର ଜୀବନରେ ପୂର୍ଣ୍ଣତା ଆସିଥାଏ ସେ ବିଷୟରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବେହେରା ଛାତ୍ରମାନଙ୍କୁ ଶୃଙ୍ଖଳା ଦ୍ୱାରା କିପରି ସମାଜର ସବୁସ୍ତରର ଲୋକାମାନଙ୍କ ହୃଦୟ ଜିଣି ହେବ ସେ ବିଷୟରେ ବୁଝାଇଥିଲେ। ଓୟୁଏଟିର ଡ. ମିଶ୍ର କହିଲେ ଯେ ବର୍ତ୍ତମାନ ଯେଉଁଭଳି ଭାବରେ ବାୟୁମଣ୍ଡଳ ପରିବର୍ତ୍ତନ ହେଉଛି, ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର। ଖାଦ୍ୟଶସ୍ୟ ପନିପରିବା ଗଛରେ ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଶାଖା ପରିଚାଳକ ତ୍ରିପାଠୀ ଛାତ୍ରମାନଙ୍କୁ କିଭଳି ଭାବରେ ସଞ୍ଚୟ ଓ କି ପ୍ରକାର ବୀମା କଲେ ଲାଭ ମିଳିଥାଏ, ସେ ସମ୍ବନ୍ଧରେ ବୁଝାଇଥିଲେ। ପରେ ଦୁର୍ନୀତି ନିବାରଣ ପାଇଁ ସମସ୍ତେ ସତ୍ୟପାଠ କରିଥିଲେ। ଅଧ୍ୟାପିକା ମମତା ମଞ୍ଜରୀ ବେହେରା ଧନ୍ୟବାଦ ଦେଇଥିଲେ।

## ୭ ଦିନ ହେବ ଚେଲିତୋଳ ବାଲିଯାତ୍ରା

ତିର୍ତ୍ତୋଲ,୨।୧୧(ଡି.ଏନ.ଏ.)

ତିର୍ତ୍ତୋଲର ଚେଲିତୋଳ ବାଲିଯାତ୍ରା ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ସଭାପତିତ୍ୱ କରିଥିଲେ। ତହସିଲଦାର ସୁଜାତା ପାତ୍ର, ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି, ଏବିଡିଓ ଭଞ୍ଜ କିଶୋର ନାୟକ, ଅତିରିକ୍ତ ତହସିଲଦାର ସଙ୍ଗୀତା ଖଟୁଆ, ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ସିଡିପିଓ ତନୁପ୍ରଭା ବେଉରା, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲି ରାଉଳ, ଡେଜାଲିନ ମହାପାତ୍ର, ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶ୍ୱିନୀ ଦାସ, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ବାଲିଯାତ୍ରା ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା।






## ସଂକ୍ଷେପରେ

### କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ୩ୟ ଦିନ ଭସାଣିରେ ସାମିଲ ହେଲା ୨୫ମେଢ଼

**କେନ୍ଦ୍ରାପଡ଼ା ଅଫିସ, ୨।୧୧:** କେନ୍ଦ୍ରାପଡା ସହରର ଗଜଲକ୍ଷ୍ମୀ ଭସାଣି ଶୋଭାଯାତ୍ରା ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଶେଷ ହୋଇଛି। ପ୍ରଶାସନ ଓ ମେଳଣ କମିଟି ନିଷ୍ପତ୍ତି ଅନୁସାରେ ୨ ଦିନ ମଧ୍ୟରେ ମେଳଣ ଓ ଭସାଣି ଉତ୍ସବ ଶେଷ ହେବାକୁ ଥିବା ବେଳେ ଶୁକ୍ରବାର ୩ୟ ଦିନରେ ଏହା ଶେଷ ହୋଇଛି। ପରମ୍ପରା ଅନୁଯାୟୀ ଥାନପତି ପୁରୁଣା ବସଷ୍ଟାଣ୍ଡର ଗଜଲକ୍ଷ୍ମୀଙ୍କୁ ସହରର ତୁଳସୀ ବଜାର ଗଜଲକ୍ଷ୍ମୀ ମଣ୍ଡପ କମିଟି ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଠାରେ ମା'ଙ୍କୁ ଏକ ସ୍ୱତନ୍ତ୍ର ପଦ୍ମ ମଣ୍ଡଳରେ ଉପବେସନ କରାଯାଇ ଭୋଗ ଲାଗି ପରେ ବିସର୍ଜନ ପାଇଁ ଗୋବରୀ ନଦୀକୁ ନିଆଯାଇଥିଲା। ଏହି ଅବସରରେ ତୁଳସୀ ବଜାର ପୂଜା କମିଟି ସଦସ୍ୟମାନେ ପୁରୁଣା ବସଷ୍ଟାଣ୍ଡର ସାହି ମୁରବିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ପ୍ରତ୍ୟୁତ୍ତରରେ ଥାନପତି ଗଜଲକ୍ଷ୍ମୀଙ୍କ ଛଡ଼ା ଫୁଲହାର ତୁଳସୀ ବଜାର କମିଟି ସଦସ୍ୟଙ୍କୁ ଦିଆଯାଇଥିଲା। ପରେ ପୁରୁଣା ବସଷ୍ଟାଣ୍ଡ ଓ ତୁଳସୀ ବଜାର ଗଜଲକ୍ଷ୍ମୀ କ୍ରମାନ୍ୱୟରେ ବିସର୍ଜନ ପାଇଁ ପାଣିକୁ ଯାଇଥିଲେ। ଗୁରୁବାର ରାତି ୧୨ଟା ସୁଦ୍ଧା ମାତ୍ର ୧୬ଟି ମେଢ଼ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇପାରିଥିଲେ। ଶୁକ୍ରବାର ସକାଳ ସୁଦ୍ଧା ସହରର ବିଭିନ୍ନ ସ୍ଥାନରେ ୨୫ରୁ ଊର୍ଦ୍ଧ୍ୱ ମେଢ଼ ବିସର୍ଜନ ହୋଇଥିଲା।

### ଗୋଗୁଆରେ ଗଜଲକ୍ଷ୍ମୀ ଭସାଣି ଶେଷ

**କେନ୍ଦ୍ରାପଡ଼ା ଅଫିସ୍, ୨।୧୧:** କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତସ୍ଥିତ ଗୋଗୁଆ ବଜାରଠାରେ ୯ଦିନ ଧରି ଚାଲିଥିବା ଗଜଲକ୍ଷ୍ମୀ ଭସାଣି ଉତ୍ସବ ଶୁକ୍ରବାର ଶେଷ ହୋଇଛି। ଦୀର୍ଘ ବର୍ଷ ହେବ ଏଠାରେ ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଅଞ୍ଚଳବାସୀ ପ୍ରତିବର୍ଷ ଖୁବ୍ ଧୁମ୍‌ଧାମରେ ଏହାକୁ ପାଳନ କରନ୍ତି। ସେହିପରି ଗାଙ୍ଗପଡ଼ା ଛକରେ ରାଧାକୃଷ୍ଣ ପୂଜା କମିଟି ପକ୍ଷରୁ ରାଧାକୃଷ୍ଣ, ମହାବୀର ପୂଜା କମିଟି ପକ୍ଷରୁ ଶ୍ରୀ ହନୁମାନ, ଭାରତମାତା ପୂଜା କମିଟିର ଭାରତ ମାତା ଓ ଅନନ୍ତ ଶୟନ ପୂଜା କମିଟି ପକ୍ଷରୁ ମା'ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। ଶାନ୍ତି କମିଟି ସଦସ୍ୟ ସୁରେନ୍ଦ୍ର ପାତ୍ର, ଅନନ୍ତ ତ୍ରିପାଠୀ, ପ୍ରମୋଦ ସାହୁ, ପ୍ରଫୁଲ୍ଲ ପରିଡ଼ାଙ୍କ ସମେତ ପଟ୍ଟାମୁଣ୍ଡାଇ ପୋଲିସ ପ୍ରଶାସନ ଆଇନ ଶୃଙ୍ଖଳା ପ୍ରତି ନଜର ରଖିଥିଲେ।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ମାର୍ଶାଘାଇ, ୨।୧୧ (ଡିଏନଏ):** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବୁଧବାର ମାର୍ଶାଘାଇ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲା ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ, ଏପିଓ ମଳୟ କୁମାର ପାତ୍ର, ବ୍ଲକ ସାମାଜିକ ସମୀକ୍ଷକ ରମାକାନ୍ତ ସ୍ୱାଇଁ, ଜିଲା ସାମାଜିକ ସମୀକ୍ଷକ ମୃତ୍ୟୁଞ୍ଜୟ ବେହେରା, ୨୪ ନଂ ଜୋନ୍ ଜିଲା ପରିଷଦ ସଭ୍ୟା ସାଗରିକା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୧୭-୨୦୧୮ ବର୍ଷର ବ୍ଲକର ୨୪ ଟି ପଞ୍ଚାୟତରେ ଏମଜିଏନଆରଇଜିଏସ ଯୋଜନାରେ କରାଯାଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି ଯୋଜନାରେ ଜବ୍‌କାର୍ଡଧାରୀମାନଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସରକାରଙ୍କ ତରଫରୁ ଚାଷୀମାନଙ୍କୁ ଏହି ଯୋଜନାରେ ଜିଆ ଖତ ପ୍ରକଳ୍ପ ଓ ଗୁହାଳ ଘର ନିର୍ମାଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସମସ୍ତ ପଞ୍ଚାୟତ ଅଧିକାରୀ ଓ ଗ୍ରାମ ରୋଜଗାର କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ଜଳପୋକ ପଞ୍ଚାୟତର ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ଅନ୍ନପୂର୍ଣ୍ଣା ପଟ୍ଟନାୟକ, ମେହେନ୍ଦି ନଗର ପଞ୍ଚାୟତର ଅର୍ଚ୍ଚନା ପଲ୍ଲାର, ତାଳସଙ୍ଗା ପଞ୍ଚାୟତର ରେଖାଞ୍ଜଳି ନାୟକ, କୁହୁଡି ପଞ୍ଚାୟତର ସୌଦାମିନୀ ନାୟକ, ଗରଜଙ୍ଗା ପଞ୍ଚାୟତର ସୁଜାତା ସାମନ୍ତରାୟ, ହିନ୍ଦୁଳିଆ ପଞ୍ଚାୟତର ନିଳିମା ପ୍ରିୟଦର୍ଶିନୀ ସ୍ୱାଇଁ, ଦଶିପୁର ପଞ୍ଚାୟତର ରାଜଶ୍ରୀ ସ୍ୱାଇଁଙ୍କ ସହିତ ୨୪ ଗୋଟି ପଞ୍ଚାୟତର ଗ୍ରାମ୍ୟ ସମ୍ବଳ ବ୍ୟକ୍ତିମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

■ ଧୋୟାଞ୍ଚଳବାସୀଙ୍କ ନିଦ ହଜାଇଛି କାଣି ନଦୀ

# ଅତଡ଼ା ଖସିବାରୁ ଘର ଛାଡ଼ିଲେ ୩ ପରିବାର

**ଆଳି, ୨।୧୧ (ଡି.ଏନ୍.ଏ.)**

ଆଳି ବ୍ଲକ ଅଞ୍ଚଳକୁ ଚତୁଃପାର୍ଶ୍ୱରୁ ଘେରି ରହିଛି ଖରସ୍ରୋତା, ବ୍ରାହ୍ମଣୀ ଓ କାଣି ନଦୀ। ନଦୀ କୂଳବର୍ତ୍ତୀ ଅଞ୍ଚଳର ଲୋକେ ବର୍ଷା ଦିନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନ୍ୟଦିନେ ବି ଲୋକମାନେ ବିଭିନ୍ନ ଅସୁବିଧା ଭୋଗନ୍ତି। ତେବେ ଅନେକ ସମୟରେ ନଦୀ ଅତଡ଼ା ଖସି ଧନଜୀବନ ହାନୀ କରୁଥିବା ବେଳେ କେତେକ ଗ୍ରାମ ମଧ୍ୟ ନଦୀ ଗର୍ଭରେ ଲୀନ ହୋଇଛି।

ପ୍ରକାଶ ଯେ, ଡିମିରିପାଳ ପଞ୍ଚାୟତ ମାହାରକୂଳ ଗ୍ରାମ ନିକଟରେ ଖରସ୍ରୋତା ନଦୀ ବନ୍ଧରୁ ଅତଡ଼ା ଖସିବା ଯୋଗୁ ଲୋକମାନେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଫଳରେ ନଦୀ ଅତଡ଼ାରେ ଝୁଲି ରହିଥିବା ଉକ୍ତ ଗ୍ରାମର ୧୦ ପରିବାର ମଧ୍ୟରୁ ୩ ପରିବାର ଗୁରୁବାର ରାତିରୁ ଘର ଛାଡି ସ୍ଥାନୀୟ ଏକ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ଗ୍ରାମର ଶରତ ଜେନା କୁହନ୍ତି, ନଦୀ ଅତଡ଼ା ଖସିବା ଯୋଗୁ ଆମମାନଙ୍କ ବାସଗୃହ ନଦୀ ଗର୍ଭରେ ଏୀନ ହେବାକୁ ବସିଛି। ରାତିରେ କୌଣସି ଅଘଟଣ ଘଟିବା ଭୟରେ ଆମେମାନେ ଘର ଛାଡି ଆସି ସ୍କୁଲ ଘରେ ଆଶ୍ରୟ ନେଇଛୁ। ଶରତଙ୍କ ସହ ପ୍ରଫୁଲ ଜେନା ଓ ଗଗନ ଜେନାଙ୍କ ପରିବାର ମଧ୍ୟ ଗାଁ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ଗ୍ରାମର ଅଲେଖ ନାୟକ, ବଟକୃଷ୍ଣ ଜେନା, ସାବିତ୍ରୀ ନାୟକ, ଦୁଃଖିଶ୍ୟାମ ନାୟକ, ଶୁକଦେବ ନାୟକ, ସୁଭାଷ ଚନ୍ଦ୍ର ନାୟକ ଓ ସତ୍ୟାଭାମା ନାୟକଙ୍କ ଘର ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଖବରପାଇ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଓ ଆଳି ତଟ ବନ୍ଧ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ସ୍କୁଲ ଘରେ ଆଶ୍ରୟ ନେଇଥିବା ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ତୁରନ୍ତ ଗ୍ରାମକୁ ନଦୀ କବଳରୁ ରକ୍ଷା କରିବା ପାଇଁ ଉଚ୍ଚ କୋଟିର ପଥର ସ୍ପର ନିର୍ମାଣ କରିବା ପାଇଁ ସରପଞ୍ଚଙ୍କ ପ୍ରତିନିଧି ଦୁଷ୍ମନ୍ତ ସାମଲ, ବିଶ୍ୱଜିତ ସାମଲ, ହିମାଦ୍ରୀ ଶେଖର ପତି ପ୍ରମୁଖ ଦାବି କରିଛନ୍ତି।


ଅତଡ଼ା ଖସିଥିବା ସ୍ଥାନ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,**
**ଦେବତା ହେଲେ ବି ମରଇ ।**

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଜିଏସ୍‌ଟି ସମ୍ପର୍କିତ କର୍ମଶାଳା

**କେନ୍ଦ୍ରାପଡା ଅଫିସ୍, ୨।୧୧**

ଡିଆରଡିଏ ସଭା କକ୍ଷରେ ଜିଲାସ୍ତରୀୟ ଦ୍ରବ୍ୟ ଓ ସେବାକର (ଜିଏସଟି) ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଏସଟି ଅଧିକାରୀ ସମରେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ସରକାରୀ କାର୍ଯ୍ୟାଳୟ ପାଇଁ ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ କିଣା ଯାଉଥିବା ସାମଗ୍ରୀରେ ଯୋଗାଣ ସଂସ୍ଥାଠାରୁ ୨% ଜିଏସ୍‌ଟି କାଟି ରଖି ୧% ରାଜ୍ୟ ଓ ୧% କେନ୍ଦ୍ର କୋଷାଗାରରେ ଜମା ଦେବେ ବୋଲି ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ଦାଶରଥି ଶତପଥୀ, ପିଡି ଦିଲୀପ କୁମାର ପରିଡ଼ା, ରାଜ୍ୟ ବାଣିଜ୍ୟକର ବିଭାଗର ଉପାୟୁକ୍ତ ଦୀପଙ୍କର ସାହୁ, ଗୌତମ ପ୍ରଧାନ ଓ ଜିଲା କୋଷାଗାର ଅଧିକାରୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ଦର୍ଶାଇଥିଲେ ଯେ, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ମୁଖ୍ୟ ଅଧିକାରୀଙ୍କ ନାମ ଜିଏସ୍‌ଟି ଅଫିସରେ ପଞ୍ଜୀକରଣ କରି ଏକ ନମ୍ବର ନେବେ। ଏହି ସବୁ କାର୍ଯ୍ୟ ଇ-ଦରଖାସ୍ତ ମାଧ୍ୟମରେ ହେବ। ଅତିରିକ୍ତ ବାଣିଜ୍ୟକର ଅଧିକାରୀ ଅଭୟା କୁମାରୀ ପାତ୍ର କର୍ମଶାଳା ପରିଚାଳନା କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଆଲୋଚକଗଣ।

## ଅପହୃତା ନାବାଳିକା ଉଦ୍ଧାର

**ମହାକାଳପଡ଼ା, ୨।୧୧ (ଡି.ଏନ୍.ଏ)**

ମହାକାଳପଡ଼ା ବ୍ଲକ ଜମ୍ବୁ ମେରାଇନ୍ ଥାନା ଅଞ୍ଚଳର ଜନୈକା ଅପହୃତା ନାବାଳିକାଙ୍କୁ ପୋଲିସ ଶୁକ୍ରବାର ଖୋର୍ଦ୍ଧା ଜିଲା ଭୁଷଣ୍ଡପୁର ଅଞ୍ଚଳରୁ ଗିରଫ କରିଛି। ଶନିବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ୧୬୪ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି। ନାବାଳିକାଙ୍କ ବୟାନ ରେକର୍ଡ ପରେ ଅପହରଣ କାରୀଙ୍କ ସମ୍ପର୍କରେ ପ୍ରକୃତ ତଥ୍ୟ ମିଳିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ୭୧/୧୮ ନଂ.ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ସୋମବାର ନାବାଳିକା ଜଣକ ସ୍ଥାନୀୟ ଏକ ଶିକ୍ଷାନୁଷ୍ଠାନକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନଥିଲେ। ଝିଅକୁ କେହି ଦୁର୍ବୃତ୍ତ ଅପହରଣ କରି ନେଇଥିବା ତାଙ୍କ ବାପା ବୁଧବାର ଜମ୍ବୁ ମେରାଇନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଥିଲା।

# ୩ ଦୋକାନ ଭସ୍ମୀଭୂତ

**ପଟ୍ଟାମୁଣ୍ଡାଇ,୨।୧୧(ସ୍ୱ.ପ୍ର.)**

ଗୁରୁବାର ବିଳମ୍ବିତ ରାତିରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ହାଟ ସଂଲଗ୍ନ ବଜାରରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୩ଟି ଦୋକାନ ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ଏଥିଯୋଗୁ ୩ ବ୍ୟବସାୟୀ ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି। ପ୍ରକାଶ ଯେ, ବଜାରରେ ଥିବା ଶେଖ ରହେମଦ ଓରଫ ରାଜୁଙ୍କର ମୋଟର ସାଇକେଲ ଗ୍ୟାରେଜରେ ପ୍ରଥମେ ନିଆଁ ଲାଗିଯାଇଥିଲା। ଗ୍ୟାରେଜରେ ମରାମତି ପାଇଁ ଥିବା ୧୬ଟି ମୋଟର ସାଇକେଲ ଓ ସ୍କୁଟି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଏହାଛଡା ଗ୍ୟାରେଜ ପାଖରେ ଥିବା ବିଜୟ ସାହୁଙ୍କ ମିଷ୍ଟାନ୍ନ ଭଣ୍ଡାରରେ ନିଆଁ ଲାଗି ଫ୍ରିଜ, ଗ୍ୟାସ ସିଲିଣ୍ଡର ସହ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। ସେହିପରି ଶରତ ସାହୁଙ୍କ ମିଷ୍ଟାନ୍ନ ଭଣ୍ଡାରରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଛି। ନିଆଁ ଲିଭାଇବାକୁ ସ୍ଥାନୀୟ ଲୋକେ ଉଦ୍ୟମ କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇରୁ ନିଆଁଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର ସଠିକ୍ କାରଣ ଜଣା ପଡି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଯାଇଥିବା କୁହାଯାଇଛି।


ଅଗ୍ନିକାଣ୍ଡରେ ଦୋକାନ ପୋଡିଯିବା ପରେ ଦୁଃଖରେ ମ୍ରିୟମାଣ ଦୋକାନୀମାନେ।

# ମାନସିକ ଭିନ୍ନକ୍ଷମଙ୍କ ପାଇଁ ଜିଲା ବୋର୍ଡ ଗଠନକୁ ଗୁରୁତ୍ୱ

**କେନ୍ଦ୍ରାପଡ଼ା ଅଫିସ୍, ୨।୧୧**

ମାନସିକ ଭିନ୍ନକ୍ଷମମାନେ ସମାଜରେ ବହୁ ସମୟରେ ଅବହେଳାର ଶିକାର ହେଉଛନ୍ତି। ଜିଲା ବୋର୍ଡ ଗଠନ ହୋଇ ନ ଥିବାରୁ ଏମାନଙ୍କୁ ପ୍ରମାଣପତ୍ର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିବର୍ତ୍ତେ କଟକ ବଡ଼ ମେଡିକାଲକୁ ଯିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ସହରସ୍ଥ ପୁନର୍ବାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାଜ୍ୟ ଭିନ୍ନକ୍ଷମ କମିଶନର ଡା. ମିନତି ବେହେରାଙ୍କୁ ଏକ ଦାବିପତ୍ର ବହୁ ପୂର୍ବରୁ ପ୍ରଦାନ କରାଯାଇଥିଲା। ତେବେ ଅଦ୍ୟାବଧି ଏହାର ସମାଧାନ ହୋଇ ନ ଥିବାରୁ ପୁନର୍ବାସ ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁନର୍ବାସ ସମ୍ପାଦିକା ବନସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶେଷଦେବ ଦାସ, ଜ୍ୟୋତିରଞ୍ଜନ ନାୟକ, ଗୌତମ ସାହୁ, ମିହିର ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏଠାରେ ଭିନ୍ନକ୍ଷମଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ର୍‍ୟାମ୍ପ ନିର୍ମାଣ, ୭୦ ବଦଳରେ ୪୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ, ମାସିକ ଭତ୍ତା ୩୦୦ ବଦଳରେ ୧୦୦୦ ଟଙ୍କାକୁ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଆସିଥିଲା। ଏହି ଦାବିପତ୍ର ଆସନ୍ତା ସପ୍ତାହରେ ଜିଲାପାଳ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

## ୩କିମି ରାସ୍ତା ମରାମତି କଲେ ସାମାଜିକ କର୍ମୀ

**ଡେରାବିଶ, ୨।୧୧ (ସ୍ୱ.ପ୍ର)**

ଡେରାବିଶ ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳଠାରୁ ଦାନପୁର ଲୁଣା ସେତୁ ପର୍ଯ୍ୟନ୍ତ ପ୍ରାୟ ୩କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିଲା। ଦୈନିକ ଏହି ରାସ୍ତାରେ ଏକାଧିକ ଦୁର୍ଘଟଣା ଘଟୁଥିବା ବେଳେ ଏହାର ମରାମତି ପ୍ରତି ଦୃଷ୍ଟି ଯାଉନଥିବାରୁ ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ନିଜ ଉଦ୍ୟମରେ ଏହି ରାସ୍ତା ମରାମତି କାର୍ଯ୍ୟ କରାଇଛନ୍ତି। ଏହି ରାସ୍ତାରେ କ୍ରସର ଗୁଣ୍ଡ ପକାଯାଇ ଖାଲ ମରାମତି କରାଯିବା ସହ ରାସ୍ତାକୁ ଯାତାୟାତ ଉପଯୋଗୀ କରାଯାଇଛି। ସାମାଜିକ କର୍ମୀ ରାଉତଙ୍କ ଏଭଳି କାର୍ଯ୍ୟ ପାଇଁ ଚାନ୍ଦୋଳ ବଜାର କମିଟି ସଭପତି ନିଶାମଣି ବେହେରଙ୍କ ସମେତ ଦାନପୁର, ଚାନ୍ଦୋଳ, ହରିଅଙ୍କ, ଇନ୍ଦାଳୋ, ଯଅଁରାବାରିମୂଳ ପଞ୍ଚାୟତବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମାର୍ଶାଘାଇରେ ଗଜଲକ୍ଷ୍ମୀଙ୍କ ଭସାଣି

**ମାର୍ଶାଘାଇ,୨।୧୧(ଡିଏନ୍ଏ)**

ମାର୍ଶାଘାଇ ବଜାରର ବିଭିନ୍ନ ପୂଜା ମଣ୍ଡପରେ ଦୀର୍ଘ ୯ ଦିନ ଧରି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପରେ ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିସର୍ଜନ ଘାଟରେ ମା'ଙ୍କୁ ବିଦାୟ ଦେଇଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଘଣ୍ଟ, ଘଣ୍ଟା, ଢୋଲ ଓ ବିଭିନ୍ନ ବାଦ୍ୟର ତାଳେ ତାଳେ ମା'ଙ୍କୁ ଘାଟକୁ ନିଆ ଯାଇଥିଲା । ପ୍ରଥମେ ମାର୍ଶାଘାଇ କୁମ୍ଭାର ସାହିର ଥାନପତି ଆସ୍ଥାନ ଛାଡି କୁମ୍ଭାର ସାହି, ବନ୍ଧସାହି, ଗାଁ ମାର୍ଶାଘାଇ, ବନମାଳୀ ଛକ ଦେଇ ବଜାର ପରିକ୍ରମା କରି ଜୁଣ ଗ୍ରାମକୁ ଯାଇ ଭୋଗ ଖାଇଥିଲେ। ଅପରାହ୍ନ ୩ଟାରେ ଲକ୍ ଛକରେ ପହଞ୍ଚି ସେଠାରୁ ବିରାଟ ଶୋଭାଯାତ୍ରାରେ ମେଳଣ ପଡିଆକୁ ଯାଇ ଭୋଗ ଖାଇ ବିସର୍ଜନ ଘାଟକୁ ଯାଇଥିଲେ। ଏହାପରେ ଲକ୍ ଛକ, ହାଟ ଲକ୍ଷ୍ମୀ, ଜୁଣ ଛକ, ବନମାଳୀ ଛକ, ଅନନ୍ତ ଶୟନ, କଷୋଟି ଏବଂ ହନୁମାନ ପୂଜା କମିଟିର ମେଢ ମେଳଣ ପଡିଆରେ ଭୋଗ ଖାଇ ବିସର୍ଜନ ଘାଟକୁ ଯାଇଥିଲେ। ମେଳଣ ପଡିଆରେ ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ସ୍ୱାଇଁ, ସଂପାଦକ ସୁନାକର ଗାହାଣ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ସ୍ୱାଇଁ, ମନୋରଞ୍ଜନ ଦଳାଇ, ବିଚିତ୍ରାନନ୍ଦ ବେହେରା, ମଧୁସୂଦନ ବେହେରା, ଜ୍ଞାନ ରଞ୍ଜନ ରାଉତ, ବିଷ୍ଣୁପ୍ରସାଦ ନାୟକ, ଗିରିଜା ପ୍ରସାଦ ନାୟକ, ସୁବ୍ରତ ରାଉୟ, ଅରକ୍ଷିତ ମହାପାତ୍ର, ତ୍ରିଲୋଚନ ଯେନା ପ୍ରମୁଖ ଭସାଣି ଉତ୍ସବ ପାଇଁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରାଙ୍କ ନେତୃତ୍ୱରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା।


ମା'ଙ୍କୁ ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଛି।

# ଶିକ୍ଷକ, ଛାତ୍ରୀଛାତ୍ର ହେଉଛନ୍ତି ବିଦ୍ୟାଳୟର ସମ୍ପତ୍ତି



ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଆଳି,୨।୧୧(ଡି.ଏନ.ଏ.)**

ଆଳିବ୍ଲକସ୍ଥିତ ଶରତ କୁମାର ଦେବ ନୋଡାଳ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସ୍କୁଲର ୩ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏବିଇଓ ପ୍ରଦୀପ୍ତ କୁମାର ରଥ ମୁଖ୍ୟଅତିଥି, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସରୋଜ କାନ୍ତ ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଶିକ୍ଷାବିତ୍ ଶ୍ରୀଧର ପାତ୍ର, ଏବିଇଓ ପବନୀ କୁମାର ରାଉତ, ଆଳି ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସୁବୁଦ୍ଧି, ସହଦେବ ବାଳିକା ନୋଡାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର, ଶରତ ରାୟ, ଶିକ୍ଷକ ବିଜୟ କୁମାର ବୋଇତି, ନିରଞ୍ଜନ ଦାଶ ଓ ଗଣେଶ୍ୱର ପାତ୍ର ଯୋଗଦେଇଥିଲେ। ଶିକ୍ଷକ ଓ ଛାତ୍ରୀଛାତ୍ର ହେଉଛନ୍ତି ବିଦ୍ୟାଳୟର ସମ୍ପତି ବୋଲି ଅତିଥିମାନେ ସଭାରେ ମତବ୍ୟକ୍ତ କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଅଖିଳ କୁମାର ବଳ, ଖେଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ଓ ଅନ୍ୟତ୍ର ବଦଳି ହୋଇଯାଇଥିବା ପ୍ରଧାନ ଶିକ୍ଷକ ବି ଏମ ସେନାପତିଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୁକାନ୍ତ କୁମାର ଦାଶ, ରବୀନ୍ଦ୍ର ବାରିକ, ରୋଜାଲିନ ସାମନ୍ତରାୟ, ରୀତାଞ୍ଜଳି ପଣ୍ଡା, ସୁକେଶିନୀ ପ୍ରଧାନ, ସସ୍ମିତା ସାହୁ ଓ ଗୀତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଟ୍ଟାମୁଣ୍ଡାଇ ବ୍ଲକରେ ପି-ପାସ୍ ପ୍ରଶିକ୍ଷଣ

**ପଟ୍ଟାମୁଣ୍ଡାଇ,୨।୧୧(ସ୍ୱ.ପ୍ର.)**

ପି-ପାସ୍ ମାଧ୍ୟମରେ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଅନ୍‌ଲାଇନରେ ଧାନ କିଣିବା ଓ ପ୍ରାପ୍ୟ ପ୍ରଦାନ କରିବା ପାଇଁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ପଟ୍ଟାମୁଣ୍ଡାଇ ବ୍ଲକ ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜିଲା ସମବାୟ ବିଭାଗର ଜିଲା ଉପ ସହକାରୀ ନିବନ୍ଧକ ଅଶୋକ ବେହେରା, ଜିଲା ସହକାରୀ ଯୋଗାଣ ଅଧିକାରୀ ରଶ୍ମିତା ସାହୁ, ସହକାରୀ ଯୋଗାଣ ଅଧିକାରୀ ଭବାନୀ ପ୍ରସାଦ ଦାଶ, ମାଷ୍ଟର ପ୍ରଶିକ୍ଷକ ଶିବାଜୀ ନାୟକ ଓ ଶୁଭଙ୍କର ନାଥ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ, ରାଜନଗର, ଆଳି ଓ ରାଜକନିକା ପ୍ରଭୃତି ୪ ଗୋଟି ବ୍ଲକରେ ଧାନମଣ୍ଡି ଖୋଲାଯାଇଥିବା ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଓ ଡାଟା ଅପରେଟରମାନେ ଯୋଗଦେଇ ପି-ପାଶ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଶିବିରାର୍ଥୀମାନେ ପି-ପାଶ୍ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ପି-ପାଶ ମାଧ୍ୟମରେ ଯୋଗାଣ ବିଭାଗ ପକ୍ଷରୁ ଚାଷୀମାନଙ୍କ ବ୍ୟାଙ୍କ ଜମାବହିକୁ ସିଧାସଳଖ ଭାବେ ପ୍ରାପ୍ୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ୪ ଗୋଟି ବ୍ଲକର ଧାନ ମଣ୍ଡିଥିବା ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଓ ଡାଟା ଅପରେଟରମାନଙ୍କୁ ନେଇ ଜିଲା ଯୋଗାଣ ବିଭାଗ ପି-ପାଶ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିବା ବେଳେ ଜିଲା ବଜାର ନିୟନ୍ତ୍ରଣ କମିଟି ପକ୍ଷରୁ ସହଯୋଗ କରାଯାଇଥିଲା।



ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀ ଓ ଅଧିକାରୀମାନେ।

## ଡେରାବିଶରେ ଲକ୍ଷ୍ମୀ ପୂଜା ଛଟା ମେଳଣ ପାଇଁ ବ୍ୟାପକ ପ୍ରସ୍ତୁତି

**ଡେରାବିଶ, ୨।୧୧ (ସ୍ୱ.ପ୍ର.)**

କୁମାର ପୂର୍ଣ୍ଣିମାଠାରୁ ଡେରାବିଶ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା ଶୁକ୍ରବାର ୧୦ ଦିନରେ ପହଞ୍ଚିଛି। ଇତିମଧ୍ୟରେ କେତେକ ସ୍ଥାନରେ ଭସାଣି ଉତ୍ସବ ଶେଷ ହୋଇଥିବା ବେଳେ ଚାଟରାଚକଡ଼ା ପଞ୍ଚାୟତର ଓଳଡ଼ି ଓ ଛଟା ଛକରେ ଶୁକ୍ରବାର ଗଜଲକ୍ଷ୍ମୀ ପୂଜାର ଦଶମ ସନ୍ଧ୍ୟାରେ ଅନୁଷ୍ଠିତ ମେଲୋଡି କାର୍ଯ୍ୟକ୍ରମକୁ ଦର୍ଶକ ଖୁବ୍ ଉପଭୋଗ କରିଛନ୍ତି। ତେବେ ଶନିବାର ରାତିରେ ଛଟାଠାରେ ହେବାକୁ ଥିବା ମେଳଣ ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମେଳଣ ପାଇଁ ୫ ନଂ. (କ) ଜାତୀୟ ରାଜପଥରେ ଗୁରୁବାରଠାରୁ ବିଭିନ୍ନ ଫାଷ୍ଟଫୁଡ୍ ଦୋକାନ, ଘରକରଣା ସାମଗ୍ରୀ ଦୋକାନ ଓ ଖେଳଣା ଦୋକାନଅସ୍ଥାୟୀ ଦୋକାନମାନ ଖୋଲିଛି। ଗଜଲକ୍ଷ୍ମୀ ପୂଜାର ଦଶମ ସନ୍ଧ୍ୟାରେ ପାଟକୁରାର ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ସାହୁ ଓ ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ଧରଣୀଧର ନାୟକ ବିଭିନ୍ନ ମଣ୍ଡପ ପରିଦର୍ଶନ କରିଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ।। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୧୯.୯ |
| ଚାନ୍ଦବାଲି | ୩୧.୫ | ୨୨.୫ |
| କଟକ | ୩୧.୫ | ୨୧.୦ |
| ପାରାଦ୍ୱୀପ | ୩୦.୭ | ୨୩.୩ |
| ଭୁବନେଶ୍ୱର | ୩୨.୭ | ୨୨.୫ |
| ଗୋପାଳପୁର | ୩୩.୦ | ୨୩.୪ |
| ପୁରୀ | ୩୧.୫ | ୨୩.୪ |
| ଅନୁଗୋଳ | --- | ୨୦.୦ |
| ବାରିପଦା | ୩୦.୪ | ୨୨.୬ |
| ଝାରସୁଗୁଡ଼ା | ୩୩.୦ | ୨୦.୭ |
| କେନ୍ଦୁଝର | ୨୯.୮ | ୧୮.୫ |
| ସମ୍ବଲପୁର | ୩୩.୨ | ୨୧.୧ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୨.୯ | ୨୧.୧ |
| ତାଳଚେର | ୩୩.୮ | ୨୨.୩ |
| ଭବାନୀପାଟଣା | ୩୧.୦ | ୧୯.୦ |
| ବଲାଙ୍ଗୀର | ୩୨.୫ | ୨୧.୦ |
| କୋରାପୁଟ | ୩୦.୦ | ୧୬.୬ |
| ଫୁଲବାଣୀ | ୩୦.୦ | ୧୪.୬ |
| ଟିଟିଲାଗଡ଼ | ୩୦.୫ | ୧୫.୫ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୨.୨ | ୨୦.୨ |
| ଦାରିଙ୍ଗିବାଡ଼ି | ୨୬.୫ | ୧୪.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା

**ବେଙ୍ଗାଲୁରୁ,୨।୧୧**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ଏଠାରେ ତାଙ୍କର ପ୍ରାକ୍-ପରିଣୟ ଉତ୍ସବ ପାଳିତ ହୋଇଛି। ପାରମ୍ପରିକ ରୀତିରେ ଏହି ଉତ୍ସବ ପାଳନ କରାଯାଇଥିଲା। କମଳାରଙ୍ଗର ବସ୍ତ୍ର ପରିଧାନ କରିବା ସହିତ ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧି ବେଶ୍ ହସହସ ମୁହଁରେ ଶୋଭାମୟ ଦେଖାଯାଉଥିଲେ ଦୀପିକା। ତାଙ୍କ ଶାଢ଼ିର



ଡିଜାଇନ୍ ପ୍ରସ୍ତୁତ କରିଥିଲେ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ। ଦୀପିକା ଉକ୍ତ ଶାଢ଼ି ପିନ୍ଧି ଏକ ନୂଆ ଜୀବନ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି ସବ୍ୟସାଚୀ। 'ଆପଣଙ୍କର ଏକ ନୂତନ ଏବଂ ଉଚ୍ଛ୍ୱାସଭରା ଜୀବନଯାତ୍ରା ଏହି ମାତ୍ର ଆରମ୍ଭ ହୋଇଛି। ଆମେ ସମସ୍ତେ ଆପଣଙ୍କ ଶୁଭ କାମନା କରୁଛୁ' ବୋଲି ମୁଖାର୍ଜୀ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୀପିକା ଦୀର୍ଘ ୬ବର୍ଷ ହେଲା ଅଭିନେତା ରଣବୀରଙ୍କ ସହିତ ଡେଟିଂ କରି ଆସୁଛନ୍ତି। ସେ ପୂଜାସ୍ଥଳରୁ ଷ୍ଟାଇଲ୍‌ଯୁକ୍ତ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ଏହି ପ୍ରେମୀଯୁଗଳଙ୍କ ବିବାହ ନଭେମ୍ବର ୧୪-୧୫ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି କିଛିଦିନ ତଳେ ସେମାନେ ଘୋଷଣା କରିଥିଲେ। ଏହା ପୂର୍ବରୁ ସେମାନଙ୍କ ବିବାହ ନେଇ ଦର୍ଶକ ଓ ପ୍ରଶଂସକଙ୍କ ମହଲରେ ନାନାଦି କଳ୍ପନା ଜଳ୍ପନା ଲାଗି ରହିଥିଲା। ଦୀପିକା ଏବଂ ରଣବୀର 'ଗୋଲିଓଁ କି ରାସଲୀଲା: ରାମ-ଲୀଲା', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍' ଭଳି ଫିଲ୍ମରେ ଅଭିନୟ କରି ଖୁବ୍ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଛନ୍ତି।

## ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କଲେ ମାଓବାଦୀ

**ମାଲକାନଗିରି, ୨।୧୧(ଡି.ଏନ.ଏ.)**

ଛତିଶଗଡ଼ର ଦାନ୍ତେୱାଡ଼ା ଜିଲା ଅରନପୁରରେ ଗତ ୩୦ରେ ମାଓବାଦୀଙ୍କ ଆକ୍ରମଣରେ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମାଓବାଦୀ ସଙ୍ଗଠନ ଦୁଃଖ ପ୍ରକାଶ କରିଛି। ଛତିଶଗଡ଼ରେ ବିଧାନସଭା ନିର୍ବାଚନ ଏକ ମିଥ୍ୟା ନିର୍ବାଚନ ବୋଲି ମାଓବାଦୀ ସଙ୍ଗଠନ ଅଭିହିତ କରିଛି। ଏଥିସହ ସେଠାକାର ପୋଲିସ ପ୍ରତିଦିନ ମିଥ୍ୟା ଆତ୍ମସମର୍ପଣ ଓ ଗିରଫଦାରି ନାଟକ ରଚି ଗଣମାଧ୍ୟମ ସମ୍ମୁଖରେ ନିରୀହ ଲୋକଙ୍କୁ ଦେଖାଉଥିବା ସଙ୍ଗଠନ କହିଛି।






# ଚୌକି ପାଇ ପ୍ରତିଶ୍ରୁତି ଭୁଲିଛି ଭାଜପା

**କଟକ ରୋଡ (ଡି.ଏନ୍.ଏ.), ଭୁବନେଶ୍ୱର, ୨।୧୧ (ବ୍ୟୁରୋ)**

ଭୁବନେଶ୍ୱର, ୨।୧୧ (ବ୍ୟୁରୋ)-ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେତିକି ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ଦୁଇଦିନ ତଳେ ଆୟୁଷ୍ମାନ ଯୋଜନାକୁ ନେଇ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଥିଲେ। ଏମିତି କି ବିପିଏଲ୍ କାର୍ଡ ଦେଖି ରୋଗ ଆସେନି ବୋଲି ସେ କହିଥିଲେ। ଏନେଇ ଆଲୋଚନା ଥମି ନ ଥିବା ବେଳେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କାର୍ଡ ଖେଳି ମୁଖ୍ୟମନ୍ତ୍ରୀ ଅଧିକ ଶାଣିତ ରଣନୀତିର ପ୍ରାକ୍ ସୂଚନା ଦେଇଥିବା କୁହାଯାଉଛି। ଲକ୍ଷ୍ମୀସାଗର ମେଳଣ ପଡିଆରେ ଶୁକ୍ରବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଭାଜପା ଉପରେ ବର୍ଷିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି-ଭାଜପା ଏକାଠି ଶାସନ କରୁଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରସ୍ତାବ ଦେବା ପାଇଁ ଏକାଠି ଲଢୁଥିଲେ। ୨୦୦୯ ପରେ ମଧ୍ୟ ଉଭୟ ଦଳ ଏଥିପାଇଁ ଉଦ୍ୟମ ଜାରି ରଖିଥିଲେ। ଏପରି କି ୨୦୧୪ ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପ୍ରସଙ୍ଗକୁ ଏକ ନମ୍ବର କାର୍ଯ୍ୟସୂଚୀ ଭାବେ ଭାଜପା ଅଭିହିତ କରିଥିଲା, ଯାହା ତାଙ୍କୁ ଖୁସି ଦେଇଥିଲା । ଏହା ଦ୍ୱାରା ଓଡ଼ିଶାବାସୀ ନ୍ୟାୟ ପାଇବେ ବୋଲି ସେ ମନେ କରିଥିଲେ। କିନ୍ତୁ ଦୁଃଖର କଥା, ଚୌକି ପାଇ ଭାଜପା ତା'ର ପ୍ରତିଶ୍ରୁତି ଭୁଲିଗଲା। ଓଡ଼ିଶାବାସୀଙ୍କ ଆଶା କେବଳ ଆଶାରେ ରହିଗଲା ବୋଲି ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି। ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସ୍ୱତନ୍ତ୍ର ପାହ୍ୟା ପାଇବା ପାଇଁ ଏକା କ'ଣ ଯଥାର୍ଥ ବୈଶିଷ୍ଟ୍ୟ ନୁହେଁ କି। ୨୦୧୪ରେ ଭାଜପା ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ୨୦୧୯ ନିର୍ବାଚନରେ ଲୋକମାନେ ମନେପକାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେହିଭଳି ଓଡ଼ିଶା ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ ଓଡ଼ିଶାବାସୀ ନ୍ୟାୟ ପାଇବେ। ଯୁବତୀ, ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସହ ଟିକସ ରିହାତି ମିଳିବ। ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ୫୦ଭାଗ ଅନୁଦାନ ରହୁଛି। ହେଲେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ କେନ୍ଦ୍ରର ୯୦ ଓ ରାଜ୍ୟର ୧୦ ପ୍ରତିଶତ ରହିବ। ଏହି ବଳକା ଅର୍ଥ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ,ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶରେ ଖର୍ଚ୍ଚ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଜନସମ୍ପର୍କ ପଦଯାତ୍ରାରେ ବର୍ଷିଲେ ମୁଖ୍ୟମନ୍ତ୍ରୀ



ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।




■ ପୁରୀ ହିଂସା

## ସଚେତନ ନାଗରିକ ମଞ୍ଚ ସଭାପତି ଗିରଫ

**ପୁରୀ ଅଫିସ, ୨।୧୧:** ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଶୁକ୍ରବାର ପୋଲିସ ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ ଦାଶଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଫଳରେ ଏହି ଘଟଣାରେ ଗିରଫଦାରି ସଂଖ୍ୟା ୧୧୩ ଛୁଇଁଛି। ପୁରୀ ବନ୍ଦକୁ ସମର୍ଥନ ଜଣାଇବା ଏବଂ ବନ୍ଦ ଦିନ ସକାଳେ ଅନୁଷ୍ଠିତ ଶୋଭାଯାତ୍ରାର ନେତୃତ୍ୱ ନେଇଥିବାରୁ ମଞ୍ଚ ସଭାପତି ଦାଶଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାଶ କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ସିଂହଦ୍ୱାର ବ୍ୟାରିକେଡ୍ ଭଙ୍ଗାରୁଜାକୁ ନେଇ ରୁଜୁ ମାମଲା ନଂ.୧୮୬/୧୮ରେ ତାଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ମଞ୍ଚ ସଭାପତି ଦାଶ ପୁରୀ ଏସ୍‌ଡିଜେଏମ୍‌ଙ୍କୁ ଏକ ଲିଖିତ ପିଟିଶନ ଦେଇଥିବା ଜଣାପଡିଛି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଜଣେ ଆଇନଜୀବୀ। ପୁରୀ ବନ୍ଦ ବେଳେ ହୋଇଥିବା ହିଂସାତ୍ମକ କାର୍ଯ୍ୟକଳାପରେ ମୋର କୌଣସି ଉପସ୍ଥିତି ନାହିଁ। ଏହା ସତ୍ତ୍ୱେ ପୋଲିସ ମୋତେ ବେଆଇନ ଭାବେ ଗିରଫ କରିଛି। ଗିରଫ ହେବାଠାରୁ କୌଣସି ଖାଦ୍ୟ ଓ ପାନୀୟ ଗ୍ରହଣ ନ କରି ନ୍ୟାୟ ଦାବିରେ ଆମରଣ ଅନଶନ ଚଳାଇଛି। ଅନ୍ୟପକ୍ଷରେ ଜେଲର କହିଛନ୍ତି, ସେ ଜେଲ୍ କର୍ତ୍ତୃପକ୍ଷଙ୍କୁ ଅନଶନ ସମ୍ପର୍କରେ ଲିଖିତ ଭାବେ ଜଣାଇନାହାନ୍ତି। ତେଣୁ ସେ ଅନଶନ କରିଛନ୍ତି ବୋଲି ଆମେ କହିପାରିବୁ ନାହିଁ। ଅନ୍ୟପକ୍ଷରେ ପୁରୀ ହିଂସା ଘଟଣାରେ ପୋଲିସ ସଙ୍ଗିନ ଦଫା ଲଗାଇ ଆଖିବୁଜା ଗିରଫ କରୁଥିବା ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଗଣତନ୍ତ୍ରରେ ବନ୍ଦ ମାଧ୍ୟମରେ ପ୍ରତିବାଦ କରିବା ନୂଆ କଥା ନୁହେଁ। ସିସିଟିଭି ଫୁଟେଜ୍‌କୁ ଦେଖି ସମସ୍ତ ଆନ୍ଦୋଳନକାରୀଙ୍କ ବିରୋଧରେ ୩୯୫ ଓ ୩୦୭ ଦଫା ଲଗାଇ ଗିରଫ କରି ଭୟ ସୃଷ୍ଟି କରିବା ସମ୍ପୂର୍ଣ୍ଣ ଭାବେ ବେଆଇନ। ତେଣୁ ଆଖିବୁଜା ଗିରଫଦାରିରୁ ପୋଲିସ ନିବୃତ୍ତ ରହିବାକୁ ସେ ଦାବି କରିଛନ୍ତି।

## ପରିତ୍ୟକ୍ତ କୂଅରୁ ଦନ୍ତା ଉଦ୍ଧାର

**ଢେଙ୍କାନାଳ ଅଫିସ, ୨।୧୧:** ଢେଙ୍କାନାଳ ସଦର ରେଞ୍ଜ୍ ମହୀଧରପୁର ଗ୍ରାମ ମୁଣ୍ଡଖମଣ ଜଙ୍ଗଲ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ଖସିପଡ଼ିଥିବା ଦନ୍ତାହାତୀକୁ ବନ ବିଭାଗର ଉଦ୍ୟମରେ ଉଦ୍ଧାର କରାଯାଇଛି। ଏଥିଲାଗି କର୍ମଚାରୀଙ୍କୁ ଦୀର୍ଘ ସମୟ କସରତ କରିବାକୁ ପଡ଼ିଥିଲା। ଶୁକ୍ରବାର ପୂର୍ବାହ୍ଣ ପ୍ରାୟ ୮ଟାରେ ଜଙ୍ଗଲକୁ ଯାଉଥିବା ସ୍ଥାନୀୟ ଅଞ୍ଚଳର ମହିଳାମାନେ କୂଅ ଭିତରେ ହାତୀ ପଡ଼ିଥିବା ଦେଖିଥିଲେ। ସୂଚନାପାଇ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ରେଞ୍ଜର ଦର୍ଶନିଆ ଭୋଇ, ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଏବଂ ଗ୍ରାମବାସୀ ପହଞ୍ଚିଥିଲେ। ଜେସିବି ମେସିନ ସହାୟତାରେ ର୍‍ୟାମ୍ପ ଖୋଳି ହାତୀକୁ ଉଦ୍ଧାର କରାଯାଇଥିଲା। ଏଥିପାଇଁ ୧ଘଣ୍ଟା ୧୫ ମିନିଟ ସମୟ ଲାଗିଥିବା ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି। ହାତୀଟି ବହୁ କଷ୍ଟରେ କୂଅରୁ ବାହାରି ଜଙ୍ଗଲକୁ ଦୌଡ଼ି ପଳାଇଥିଲା। ବାହାରକୁ ବାହାରିବା ପରେ କୂଅ ନିକଟରେ ଥିବା ବାଇକ୍‌କୁ ଭାଙ୍ଗି ଦେଇଥିଲା। ଅଞ୍ଚଳରେ ୪୦ ଟିକିଆ ହାତୀପଲ ଗୁରୁବାରଠାରୁ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ଶୁକ୍ରବାର ଭୋର୍ ସମୟରେ ଧାନ ଖାଇ ଫେରୁଥିବାବେଳେ ଉକ୍ତ ଦନ୍ତା ଇନ୍ଦ୍ରମଣି ନାୟକଙ୍କ ପରିତ୍ୟକ୍ତ କୂଅରେ ଖସିପଡ଼ିଥିଲା। ହାତୀର ଆନୁମାନିକ ବୟସ ୮ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



କୂଅ ଭିତରେ ହାତୀ।

## ଅପରିବର୍ତ୍ତିତ ରହିବ ଯୁକ୍ତ୨ ପ୍ରଶ୍ନପତ୍ର ଢାଞ୍ଚା

**ଭୁବନେଶ୍ୱର, ୨।୧୧(ବ୍ୟୁରୋ):** ୨୦୧୯ରେ ହେବାକୁ ଥିବା ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ବାର୍ଷିକ ପରୀକ୍ଷାରେ ପ୍ରଶ୍ନପତ୍ର ଢାଞ୍ଚା ପୂର୍ବପରି ଅପରିବର୍ତ୍ତିତ ରହିବ। ଗତ ଅକ୍ଟୋବର ୩୦ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକାଡେମୀ କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉଭୟ ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଢାଞ୍ଚା ଅପରିବର୍ତ୍ତିତ ରହିବ। ପରୀକ୍ଷା ସମୟ ପାଖେଇ ଆସୁଥିବାରୁ ପ୍ରଶ୍ନପତ୍ର ଢାଞ୍ଚାରେ ପରିବର୍ତ୍ତନ କରାଗଲେ ଛାତ୍ରୀଛାତ୍ର ସମସ୍ୟାରେ ପଡିବା ଆଶଙ୍କା ରହିଛି। ସେଥିପାଇଁ ସିଏଚ୍ଏସ୍ଇ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ତେବେ ୨୦୧୯-୨୦ରେ ହେବାକୁ ଥିବା ଯୁକ୍ତ୨ ବାର୍ଷିକ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଢାଞ୍ଚାରେ ପରିବର୍ତ୍ତନ ନିମନ୍ତେ ପରିଷଦର ପ୍ରସ୍ତାବ ରହିଛି। ଏନେଇ ଆସନ୍ତା ଶିକ୍ଷା ବର୍ଷ ପ୍ରାରମ୍ଭରୁ ନିଷ୍ପତ୍ତି ନିଆଯିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ ସୂଚନା ମିଳିଛି।

■ ବୈଜୟନ୍ତଙ୍କ ହେଲିକପ୍ଟର ସିଜ୍ ଘଟଣା

## ଡିଜିପିଙ୍କୁ ଚିଠି ଲେଖିଲେ ବୈଜୟନ୍ତ

**କଟକ ଅଫିସ୍, ୨।୧୧:** ଚିଲିକାରେ ବେଆଇନ ଉଡାଣ କରିବା ଅଭିଯୋଗରେ ପୁରୀ ପୋଲିସ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ୩ ହେଲିକପ୍ଟରକୁ ଜବତ କରିଥିଲା। ଗତ ୨୫ ତାରିଖରେ ଡିଜିସିଏ ବୈଜୟନ୍ତଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ପୋଲିସ ୨ଟି ହେଲିକପ୍ଟରକୁ ମୁକ୍ତ କରିଥିଲା। ଏନେଇ ବୈଜୟନ୍ତ ଶୁକ୍ରବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଚିଠି ଲେଖି କହିଛନ୍ତି ଯେ, ଡିଜିସିଏ କ୍ଲିନ୍‌ଚିଟ୍ ଦେବା ପରେ ମଧ୍ୟ ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ହେଲିକପ୍ଟରକୁ ଅଟକ ରଖିଛି। ଦେଶରେ ବେସାମରିକ ବିମାନ ଉଡାଣ ନେଇ ମାମଲାର ତଦନ୍ତ ଡିଜିସିଏ କରିବା କଥା। ହେଲେ ପୋଲିସ ଏଥିରେ ହସ୍ତକ୍ଷେପ କରି ଜାଣିଶୁଣି ତାଙ୍କୁ ହଇରାଣ କରୁଛି। ସ୍ପଷ୍ଟ କରାଯାଉ ଯେ, ପୋଲିସ କେଉଁ ଉଡାଣ ନିୟମର ଉଲ୍ଲଂଘନ ପାଇଁ ତଦନ୍ତ କରିବାକୁ ଚାହୁଁଛି। ସେ ଆହୁରି ଦର୍ଶାଇଛନ୍ତି ଯେ, ଦୈନନ୍ଦିନ ରକ୍ଷଣାବେକ୍ଷଣ ନ ହେଲେ ହେଲିକପ୍ଟର କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଥାଏ। ଜବତ ହୋଇଥିବା ଯୋଗୁ ହେଲିକପ୍ଟର ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ଏଥିପାଇଁ ପୋଲିସ ଏବଂ ସରକାରୀ କର୍ମଚାରୀମାନେ ଦାୟୀ ରହିବେ ବୋଲି ସେ ଚିଠିରେ ଦର୍ଶାଇଛନ୍ତି।

## କଂଗ୍ରେସ ଛାଡ଼ିଲେ ଖଡ଼ିଆଳ ରାଣୀ ରାଜଶ୍ରୀ ଦେବୀ

**ଖଡ଼ିଆଳ, ୨।୧୧(ଡି.ଏନ.ଏ.):** ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଖଡ଼ିଆଳ ରାଜା ସ୍ୱର୍ଗତ ଅନୁପ ସିଂଦେଓଙ୍କ ବଡ ବୋହୂ ରାଜଶ୍ରୀ ଦେବୀ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏନେଇ ସେ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଥିବା କହିଛନ୍ତି। ଦଳରେ ବରିଷ୍ଠ କର୍ମକର୍ତ୍ତାଙ୍କୁ ଅଣଦେଖା କରାଯାଉଛି। କୌଣସି ଦଳୀୟ କାର୍ଯ୍ୟକ୍ରମ ହେଲେ ସେମାନଙ୍କୁ ସୂଚନା ମିଳୁନାହିଁ। ଦଳୀୟ କର୍ମକର୍ତ୍ତାଙ୍କ ଏପରି ନୀତି ଯୋଗୁ ସେ ଦଳ ଛାଡିଥିବା କହିଛନ୍ତି।

■ ରାଜ୍ୟ ସରକାରଙ୍କୁ ଭାଜପାର ଟାର୍ଗେଟ

# ମିଲରଙ୍କ ହାତରେ ଚାଷୀଙ୍କ ଭାଗ୍ୟ

**ଭୁବନେଶ୍ୱର, ୨।୧୧(ବ୍ୟୁରୋ)**

ଓଡ଼ିଶାରେ ଲଗାତର ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ପ୍ରକାର କ୍ଷୟକ୍ଷତି ଏବଂ ଋଣଭାର ଯୋଗୁ ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାର ଚାଷୀ ଆତ୍ମହତ୍ୟାକୁ ପ୍ରଥମେ ସ୍ୱୀକାର କରିବା ସହ କ୍ଷତିଗ୍ରସ୍ତଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରନ୍ତୁ। ଚାଷୀଙ୍କ ଭାଗ୍ୟ ଡୋରି ଏବେ ମିଲରମାନଙ୍କ ହାତରେ ବନ୍ଧା ପଡିଛି। ଚାଷୀଙ୍କଠାରୁ ଠିକ୍ ସମୟରେ ଧାନ ସଂଗ୍ରହ କରାଯାଉ ନାହିଁ। ମିଲରମାନେ ସରକାରଙ୍କ କଥା ଶୁଣୁନାହାନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଖାଦ୍ୟ ଯୋଗାଣ ବିଭାଗ ମିଲରମାନଙ୍କ ଦ୍ୱାରା ପରିଚାଳିତ। ତେବେ କାହା ନିର୍ଦ୍ଦେଶରେ ମିଲରମାନେ ମନ୍ତ୍ରୀଙ୍କ କଥା ଶୁଣୁନାହାନ୍ତି ବୋଲି ଭାଜପା ସଭାପତି ବସନ୍ତ ପଣ୍ଡା ପ୍ରଶ୍ନ କରିଛନ୍ତି।

ଭାଜପା ମୁଖ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସନ୍ତ କହିଛନ୍ତି ଯେ, ଭାଜପା ଶାସିତ ରାଜ୍ୟଗୁଡିକରେ ବିନା ସୁଧରେ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉଛି। ଏଠି ମଧ ଚାଷୀଙ୍କ ଋଣଛାଡ କରାଯାଉ ବୋଲି ଭାଜପା ବାରମ୍ବାର ଦାବି କରୁଛି। ମାତ୍ର ଶାସକ ବିଜେଡି ଚାଷୀଙ୍କ ଋଣଛାଡ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମିଲରମାନେ ପିସି ଦେଉଥିବାରୁ ସରକାରଙ୍କ କଥା ଶୁଣୁନାହାନ୍ତି। ଦୀର୍ଘଦିନ ଧରି ସରକାର ଏବଂ ମିଲର ମଧ୍ୟରେ ଯେଉଁ ମଧୁଚନ୍ଦ୍ରିକା ଥିଲା, ତାହା ଏବେ ଗଡବଡ ହୋଇଯାଇଛି। ଏଥିପାଇଁ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମିଲରମାନେ ସରକାରଙ୍କ କଥା ମାନୁ ନ ଥିବା ବିବୃତି ରଖିଛନ୍ତି। ପଶ୍ଚିମ ଓଡିଶାରେ ଏବେ ସୁଦ୍ଧା ମଣ୍ଡି ଖୋଲା ଯାଇନାହିଁ। ସରକାରଙ୍କ ଘୋଷଣା ଅନୁଯାୟୀ ଯେଉଁ ଜିଲାରେ ମଣ୍ଡି ଖୋଲିବା ପାଇଁ କୁହାଯାଇଛି, ସେଠାରେ ଚାଷୀମାନେ ଅଧିକ ଆତ୍ମହତ୍ୟା କରୁଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ସରକାରଙ୍କ ଉପରୁ ଚାଷୀଙ୍କ ଭରସା ଉଠିଗଲାଣି। ନଭେମ୍ବର ମାସରେ ୯ଟି ଜିଲାର ମାତ୍ର କିଛି ପଞ୍ଚାୟତକୁ ମରୁଡି ଘୋଷଣା କରି ବାହାବା ନେବାକୁ ପ୍ରୟାସ କରିଛନ୍ତି। ସେପ୍ଟେମ୍ବରରେ ଆଦୌ ବର୍ଷା ନ ହେବା କାରଣରୁ ଭୟଙ୍କର ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର ସେପ୍ଟେମ୍ବର ଶେଷସୁଦ୍ଧା ମରୁଡି ଆକଳନ କରିବା ବଦଳରେ ନଭେମ୍ବରରେ ରିପୋର୍ଟ ଦେବା ଚାଷୀ ପରିବାର ପ୍ରତି ଥିବା ଖାମଖିଆଲ ମାନସିକତା ପ୍ରମାଣିତ କରୁଛି ବୋଲି ବସନ୍ତ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଜଳସେଚିତ ଅଞ୍ଚଳଗୁଡିକରେ ଚକଡା ପୋକ ଦ୍ୱାରା ହଜାର ହଜାର ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ଗତବର୍ଷ ଚକଡା ପୋକଜନିତ ବିପର୍ଯ୍ୟୟରୁ ସରକାର କୌଣସି ଶିକ୍ଷା ପାଇଲେ ନାହିଁ। ସୁରଭି ଯୋଜନା ମାଧ୍ୟମରେ ପ୍ରତି ବ୍ଲକ ଅଫିସ୍‌ରେ ଚାଷୀଙ୍କୁ ଉନ୍ନତ ମାନର ପୋକ ମରା ଔଷଧ ଯୋଗାଇଦେବା କଥା। ହେଲେ ସରକାର ଏଥିରେ ବିଫଳ ହୋଇଛନ୍ତି। ଚାଷୀଙ୍କୁ ନିମ୍ନମାନର ପୋକମରା ଔଷଧ ଯୋଗାଇ ଦେବା ଯୋଗୁ ଚକଡା ପୋକ ମରାଯାଇପାରୁ ନ ଥିବା ବସନ୍ତ କହିଛନ୍ତି। ବିଜୁ ଯୁବ ବାହିନୀ ଏବଂ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସମୟରେ ଚାଷୀମାନଙ୍କ କୃଷିଋଣ ଛାଡ କଲେ ସେମାନେ ଉପକୃତ ହୋଇପାରନ୍ତେ। ରାଜ୍ୟ ସରକାର ମରୁଡି ଘୋଷଣା କରିଥିବା ଜିଲାର ଚାଷୀମାନଙ୍କୁ ଖୁବଶୀଘ୍ର କ୍ଷତିପୂରଣ ନ ଦେଲେ ଆଗାମୀ ଦିନରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଭାଜପା ସଭାପତିଙ୍କ ଏଭଳି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କୁ ଚାଷୀ ଆତ୍ମହତ୍ୟା ନେଇ ଏକ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କେନ୍ଦ୍ର ସରକାର ତାହା ନ କରି ବାରମ୍ବାର ସମୟ ଗଡାଇ ଚାଲିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ସରକାର ଚାଷୀଙ୍କ ପାଇଁ ବହୁ ଭଲ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ରରେ ସରକାରକୁ ଆସିବା ପୂର୍ବରୁ ଭାଜପା ଦେଶରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପ୍ରଥମେ ସେ ପ୍ରତିଶ୍ରୁତି କେନ୍ଦ୍ର ସରକାର ପାଳନ କରନ୍ତୁ। ଭାଜପା ଚାଷୀଙ୍କୁ ନେଇ ଯେଉଁ ରାଜନୀତି କରିବାକୁ ଚାହୁଁଛି, ସେଥିରେ ସଫଳ ହେବନାହିଁ ବୋଲି ସମୀର କହିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା।

■ **ଅପାରଗତା ସ୍ୱୀକାର କଲେ ମନ୍ତ୍ରୀ: ବସନ୍ତ**

■ **ଚାଷୀଙ୍କୁ ନେଇ ଭାଜପା ରାଜନୀତି କରିବା ଛାଡୁ: ବିଜେଡି**

## ରୁପେର ସଫଳତାରେ ଘାବରେଇଲା ମାଷ୍ଟରକାର୍ଡ

**ୱାଶିଂଟନ, ୨-୧୧:** ଏନ୍‌ଡିଏ ସରକାର ଦେଶୀ ପେମେଣ୍ଟ ନେଟୱାର୍କ ବ୍ୟବସ୍ଥା 'ରୁପେ'ର ବ୍ୟବହାରକୁ ପ୍ରୋତ୍ସାହିତ କରୁଥିବାରୁ ଏହାକୁ ମାଷ୍ଟରକାର୍ଡ କମ୍ପାନୀ ବିରୋଧ କରିଛି। ରୁପେର ବ୍ୟବହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟତାବାଦ ସହ ଯୋଡିଦେବାରୁ ଏହା ବେଶ୍ ସଫଳ ହୋଇଛି ବୋଲି ଆମେରିକାର କମ୍ପାନୀ ମାଷ୍ଟରକାର୍ଡ ପକ୍ଷରୁ ଟ୍ରମ୍ପ ସରକାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ଆମେରିକା ସରକାର ଏ ଦିଗରେ ହସ୍ତକ୍ଷେପ କରିବାକୁ କମ୍ପାନୀ ପକ୍ଷରୁ କୁହାଯାଇଛି। ମାଷ୍ଟରକାର୍ଡ ଦର୍ଶାଇଛି ଯେ, ଭାରତ ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥାରେ ସଂରକ୍ଷଣବାଦ ନୀତି ଆପଣାଉଛି। ଏହାଦ୍ୱାରା ବିଦେଶୀ ପେମେଣ୍ଟ କମ୍ପାନୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି। ଭାରତରେ ଏବେ ପ୍ରାୟ ୧୦୦ କୋଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ ରହିଛି। ତେବେ ରୁପେ ପେମେଣ୍ଟ ବ୍ୟବସ୍ଥା ଜରିଆରେ ପ୍ରାୟ ୫୦ କୋଟି କାର୍ଡ ବ୍ୟବହୃତ ହେଉଛି। ଏଥିଯୋଗୁ ମାଷ୍ଟରକାର୍ଡ କମ୍ପାନୀର ବିସ୍ତାର ଗତି ଧିମେଇ ଯାଇଛି। ଉଲ୍ଲେଖଥାଉ କି, ମୋଦି ଦେଶୀ ପେମେଣ୍ଟ ବ୍ୟବସ୍ଥାକୁ ସମର୍ଥନ କରି ଏହାକୁ ଜାତୀୟତାବାଦ ସହ ଯୋଡିଛନ୍ତି। ଜୁନ୍ ୨୧ରେ ମାଷ୍ଟରକାର୍ଡ ପକ୍ଷରୁ ଅଫିସ୍ ଅଫ୍ ୟୁନାଇଟେଡ୍ ଷ୍ଟେଟ୍ସ ଟ୍ରେଡ୍ ରିପ୍ରେଜେଣ୍ଟେଟିଭରେ ଅଭିଯୋଗ କରାଯାଇଛି।

## ଆଉ ଜଣେ ଚାଷୀଙ୍କ ଆତ୍ମହତ୍ୟା

**କୋକସରା, ୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଚାଷୀ ଆତ୍ମହତ୍ୟା ଘଟଣା ଥମିବାର ନାଁ ଧରୁନି। ଗତ ୨୫ ତାରିଖରେ ଗମ୍ଭାରୀଗୁଡାର ଚାଷୀ ପରମାନ୍ଦ ଲହଜଲ ଓ ୨୬ ତାରିଖରେ ସୁନାମାଲ ଗ୍ରାମର ଗଣେଶ ସାହୁ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ଭୋରୁ ଏହି ବ୍ଲକ ଅଧୀନ କନ୍ଦାବୁଟୁରା ପଞ୍ଚାୟତ ଡୁନଗାଁ ଗ୍ରାମର ଚାଷୀ ସୁଦର୍ଶନ ମାଝି (୬୫) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଭୋରୁ ଘର ପାଖରେ ଥିବା ଏକ ପରିତ୍ୟକ୍ତ ପୋଖରୀରେ ଡେଇଁପଡି ସୁଦର୍ଶନ ଜୀବନ ହାରିଛନ୍ତି। ସ୍ତ୍ରୀ ଡମେନ ମାଝି ପୋଖରୀକୁ ଯାଇ ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ସେ ସେଥିରେ ବିଫଳ ହୋଇଥିଲେ। ଶେଷକୁ ସେ ପାଣି ଭିତରେ ଥିବା ଏକ ଅମରି ଗଛକୁ ଧରି ରକ୍ଷା ପାଇ ଯାଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଥିଲେ।

## ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ ଆଇଏମ୍ଏଫ୍‌ର ସମର୍ଥନ

**ନୂଆଦିଲ୍ଲୀ, ୨-୧୧:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସ୍ୱାୟତ୍ତତାକୁ ନେଇ ଆରମ୍ଭ ହୋଇଥିବା ବିବାଦକୁ ନେଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ବିବାଦ ଉପରେ ନଜର ରଖାଯାଇଛି ଏବଂ ଆର୍‌ବିଆଇ ସ୍ୱାୟତ୍ତତାକୁ ସୀମିତ କରିବା ଲାଗି ବିଶ୍ୱରେ ହେଉଥିବା ଉଦ୍ୟମକୁ ଏହା ବିରୋଧ କରି ଆସୁଛି ବୋଲି ଆଇଏମ୍ଏଫ୍ କହିଛି। ଆଇଏମ୍ଏଫ୍ କମ୍ୟୁନିକେଶନ ଡାଇରେକ୍ଟର ଗ୍ୟାରୀ ରାଇସ କହିଛନ୍ତି ଯେ, ଅନ୍ତଃରାଷ୍ଟ୍ରୀୟ ସ୍ତରରେ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟକଳାପ ଉପରେ କୌଣସି ପ୍ରକାର ହସ୍ତକ୍ଷେପ କରିବା ଆଦର୍ଶ ସ୍ଥିତି ନୁହେଁ। ଭାରତରେ ଆରମ୍ଭ ହୋଇଥିବା ବିବାଦ ଉପରେ ସେ କହିଛନ୍ତି ଯେ, ଏ କ୍ଷେତ୍ରରେ କେନ୍ଦ୍ର ସରକାର ବିବାଦଠାରୁ ଦୂରେଇ ଯିବା ଉଚିତ୍।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**MNC JOB VACANCY**
Female - 12Nos & Male - 8Nos
Qualification-10th to Graduation
Age : 18-28Yrs
MONTHLY SALARY :
Rs.7500/- To 17000/- + Free Hostel
9937172198, 9937042198

**HDFC BANK** We understand your world
**OM FINANCE** Authorized DSA of HDFC Bank Ltd.
We are the leading DSA of HDFC BANK Ltd requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur,Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. Team Manager - Male /Female - Minimum Graduate - Salary up to 15000 pm
2. Sales Officer - Male / Female - Minimum Graduate - Salary up to 12000 pm
3. Office assistant - Female - Commerce Graduate - Salary up to 12000 - 15000
4. Office Co ordinator - Female - Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
We are also providing attractive incentive and bonus for all posts with salary
For Assistant Phone/Call ..
Bolangir/Sambalpur/Sonepur - 8457853731,7381003731
Jajpur/Balasore/Bhadrak - 7788900434,9658987215
Others - 9238326748,9348117069,9853428171
Come with Resume and one colour passport size photo for walk in interview dated 2nd, 3rd, 4th November 2018 between 11am to 2 pm
OM FINANCE, PLOT NO - 270, KHARVEL NAGAR, BHUBANESWAR
Web site-www.omfinance.co.in, Email - omfn@rediffmail.com

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**TEACHERS REQUIRED**
Teachers Required Male/ Female for Odia Medium & English Medium School at Bhubaneswar.
Contact:
9337119851
9658118866

**WALK-IN-INTERVIEW**
Required **DTP Designer** (knows Photoshop & Coreldraw) & **Accountant** having one year experience.
At: A/68, Industrial Area, Unit-3, Bhubaneswar.
Mobile: 9090963364

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE
ONLY CONTACT WITH DETAILS
**AURO ENTERPRISERS**
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at :
auro.akc@gmail.com

**URGENTLY REQUIRED**
One **Laboratory Attendant.**
Apply with Bio-Data to the Principal before Dt. 17.11.2018.
**Principal, B.J.B. (Jr.) College, Gadarodang, Brahmagiri, Puri**

**MÖBEL FURNITURE**
Eastern India's most Admired Furniture Brand
BHUBANESWAR
REQUIRES
• SHOWROOM MANAGER
• INTERIOR CUM KITCHEN DESIGNER
• CORPORATE SALES EXECUTIVE
• CUSTOMER CARE EXECUTIVE
• ACCOUNTANT
• SALES GIRLS
• FITTERS
90739 87973
www.MobelHomeStore.com
jobs@mobelindia.com

**Required**
MARKETING EXECUTIVE experience or fresher
TELECALLER : Must have computer knowledge
Fresher Also Contact
Mob.: 9439778365, 8327747035
Bhubaneswar

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**URGENTLY REQUIRED**
ADINATH TECHNO SERVICES BHUBANESWAR
Sales / Marketing Exe.
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ଏକ SNACKS ଦୋକାନରେ DATA ENTRY OPERATOR ଆବଶ୍ୟକ। କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ।
SHIVASHAKTI DRY FOODS
P.D MARKET, CRP SQUARE
BHUBANESWAR
Mob : 9040036116

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**J.K. Trust, Bombay**
**WANTED RURAL DEVELOPMENT OFFICERS**
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.
Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.
The candidate should mention his mobile no. so that they can be informed about date of interview telephonically.
The last date for receiving application at our office will be 15th November, 2018.
Please forward your resume by post or e-mail to following address.
**J. K. Trust**
Padmalaya, Ground Floor, Plot No: 166/2152/3368,
Near Udaygiri Vihar, Patrapada,Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix — Improving Bovine Genetics

**A Play and Pre-School in Tankapani Road area of Bhubaneswar Requires**
**Teacher for Nursery:** Graduate, trained, Strong English speaking ability (Rs.5000-10000 per month).
**Teachers for CBSE school level Science, Social Studies, Mathematics, English** (payment negotiable).
**Arts and Crafts Teacher:** Experience in teaching arts, painting, crafts (salary negotiable).
**Song Teachers:** Odissi and Hindustani classical singing teachers (salary negotiable).
Please apply with bio-data to
ngorecruitment@gmail.com

**ALL INDIA NETWORK PROGRAMME ON 'GASTRO-INTESTINAL PARASITISM', ICAR-IVRI**
**DEPARTMENT OF VETERINARY PARASITOLOGY**
**COLLEGE OF VETERNIARY SCIENCE & ANIMAL HUSBANDRY**
**O.U.A.T., BHUBANESWAR - 03**
Tel No. : 9437011510 Email : vetpara2013@gmail.com
**WALK IN INTERVIEW**
Candidates interested in contractual engagement in the "All India Network Programme on Gastro Intestinal Parasitism" (AINP-GIP) operating in the Department of Veterinary Parasitology, College of Veterinary Science & Animal Husbandry, Odisha University of Agriculture and Technology, Bhubaneswar for a period upto March 2020 may avail of the opportunity through walk-in-interview. The activities of the post relate to various field works as well as laboratory analysis of the samples. The essential educational qualification, remuneration and time of interview are specified below. This post is purely temporary and co-terminus with completion of the project period i.e. March, 2020. The candidates having experience and exposure to laboratories and / or field activities on parasitic disease of animals would be added advantages. No T.A. and D.A. will be provided for appearing the interview.
Candidates appearing interview are to produce a set of attested photocopies of the original certificates indicating educational qualification and experience at the time of interview which will be held in the committee room of the Dean of Research, Odisha University of Agriculture & Technology, Bhubaneswar - 751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of Post (Number) | Essential Educational Qualification | Remuneration (per month) | Date and Time of Interview |
|---|---|---|---|---|
| 1 | Senior Research Fellow (1) | Post Graduate Degree in Veterinary Parasitology / Veterinary Pathology / Veterinary Microbiology | Rs. 25,000/- | 19.11.2018 10.30AM |

N.B. : These contents will be published on University Website and two Local News Papers (Dharitri & Samaj).
**Sd./- Principal Investigator AINP-GIP**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 72.45 (100) | 579.68 ▲ 35,011.65 | 172.55 ▲ 10,553.00 | ₹150 ▼ 32,630.00 | ₹310 ▲ 39,500.00 |



"ଦେଶର ସମୁଦାୟ ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ଜିଡିପିରେ ଅତିରିକ୍ତ ୭୦୦ ବିଲିୟନ ଡଲାର ସଂଯୋଗ କରିବ।"
– ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



"ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସହଜ ଋଣ ପ୍ରଦାନ ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂସ୍ଥାଗୁଡ଼ିକ ଲାଗି ଲାଭକାରୀ ହେବ।"
– ଉଦୟ କୁମାର ବର୍ମା, ମହାସଚିବ,ଆସୋଚାମ



## ସଂକ୍ଷେପରେ

### ୫ବର୍ଷରେ ଟଙ୍କାର ସର୍ବାଧିକ ମୂଲ୍ୟ ବୃଦ୍ଧି

#### ଦିନକରେ ୧୦୦ ପଇସା ବଢ଼ିଲା

**ମୁମ୍ବାଇ,୨-୧୧:** କିଛି ମାସ ହେବ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିଲା। କାଁଭାଁ କେତେବେଳେ ଟଙ୍କାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଉଥିଲା। ତାହା ଥିଲା ଅତ୍ୟନ୍ତ ନଗଣ୍ୟ। କିନ୍ତୁ ଶୁକ୍ରବାର ବୃଦ୍ଧି ପାଇବାରେ ଟଙ୍କା ୫ ବର୍ଷର ରେକର୍ଡ ଭାଙ୍ଗିଛି। ଏଥିରେ ୧୦୦ ପଇସା ବୃଦ୍ଧି ପାଇବାରୁ କାରବାର ବନ୍ଦ ବେଳକୁ ଟଙ୍କାର ମୂଲ୍ୟ ୭୨.୪୫ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଭାରତକୁ ଇରାନ ତେଲ କିଣିବା ଲାଗି ଆମେରିକା କଟକଣା କୋହଳ କରିବ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିବାରୁ ଟଙ୍କାର ମୂଲ୍ୟ ବୃଦ୍ଧି ହୋଇଛି ବୋଲି କୁହାଯାଉଛି। ଏହାଛଡା ଷ୍ଟକ ମାର୍କେଟରେ ବୃଦ୍ଧି ସାଙ୍ଗକୁ ବିଦେଶୀ ନିବେଶକ ପୁନର୍ବାର ଦେଶକୁ ଫେରୁଥିବାରୁ ଟଙ୍କା ପ୍ରତି ଲୋକଙ୍କ ଆସ୍ଥା ଫେରୁଛି ବୋଲି କୁହାଯାଉଛି। ଶୁକ୍ରବାର ମୂଲ୍ୟ ବୃଦ୍ଧି ସହ ଟଙ୍କା ୭୩.୧୪ରେ କାରବାର ଆରମ୍ଭ କରିଥିଲା। ଦିନ ଭିତରେ ଏକ ସମୟରେ ଏହା ୭୨.୪୩ରେ ପହଞ୍ଚିଯାଇଥିଲା। ତେବେ ୭୨.୪୫ରେ ଏହାର କାରବାର ବନ୍ଦ ହୋଇଥିଲା। ଫଳରେ ଦିନକ ମଧ୍ୟରେ ଟଙ୍କାର ମୂଲ୍ୟ ୧୦୦ ପଇସା ବଢ଼ିଥିଲା। ଯାହାକି ୨୦୧୩ ସେପ୍ଟେମ୍ବର ପରେ ଦେଖାଯାଇଛି।

## ଏମ୍‌ଏସ୍‌ଏମ୍‌ଇଙ୍କୁ ଦୀପାବଳି ଉପହାର

# ୫୯ ମିନିଟରେ ୧ କୋଟି ଋଣ

**ନୂଆଦିଲ୍ଲୀ,୨-୧୧**

### ପୋର୍ଟାଲ ଉନ୍ମୋଚନ କଲେ ମୋଦି

- ୧୨ ନୀତି ଗୃହୀତ
- ପାଇଲଟ ଭିତ୍ତିରେ ୭୨,୬୮୦ ଏମ୍‌ଏସ୍‌ଏମ୍‌ଇ ସାମିଲ ହୋଇଥିଲେ
- ଜିଏସ୍‌ଟିରେ ପଞ୍ଜୀକୃତଙ୍କୁ ମିଳିବ ୨% ସୁଧ ରିହାତି




ଦେଶରେ ଏବେ ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏକ ଋଣ ପୋର୍ଟାଲ ଉନ୍ମୋଚନ କରିଛନ୍ତି। ଏହା ଜରିଆରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କା ଋଣ ପାଇପାରିବେ।

ଦିଲ୍ଲୀର ବିଜ୍ଞାନ ଭବନରେ ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ସରକାରଙ୍କ ସପୋର୍ଟ ଆଣ୍ଡ ଆଉଟରିଚ୍ ଇନିସିଏଟିଭ୍‌ର ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାର ଏମ୍‌ଏସ୍‌ଏମ୍‌ଇଙ୍କୁ ଶକ୍ତିଶାଳୀ କରିବା ଲାଗି ୧୨ଟି ନୀତି ଗ୍ରହଣ କରିଛନ୍ତି। ଏହାକୁ ଦୀପାବଳି ଉପହାର ବୋଲି ସେ ଉଲ୍ଲେଖ କରି କହିଛନ୍ତି ଯେ, ଏହି ନୀତିଗୁଡ଼ିକ ଯୋଗୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ପୁଞ୍ଜି ପହଞ୍ଚିବ। ଏହି ନୀତିଗୁଡ଼ିକ ଯୋଗୁ ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଦ୍ୟାବଧି ସରକାର ୭୨୦୦୦ ଏମ୍‌ଏସ୍‌ଏମ୍‌ଇଙ୍କୁ ପାଇଲଟ ଭିତ୍ତିରେ ଋଣ ପ୍ରଦାନ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଆଜି ସୁଦ୍ଧା ୭୨,୬୮୦ ଉଦ୍ୟୋଗକୁ ଋଣ ପ୍ରଦାନ କରାଯାଇପାରିଛି ବୋଲି ସେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଉଦ୍ୟୋଗଗୁଡ଼ିକୁ ସିଧାସଳଖ ଜିଏସ୍‌ଟି ପୋର୍ଟାଲରୁ ଋଣ ମିଳିବ। ଜିଏସ୍‌ଟି ରିଟର୍ନ ଦାଖଲ କଲା ବେଳେ ଋଣ ଆବଶ୍ୟକ କି ବୋଲି ଟିକସଦାତାଙ୍କୁ ପୋର୍ଟାଲ ଜରିଆରେ ପ୍ରଶ୍ନ କରାଯିବ। ଜିଏସଟିରେ ପଞ୍ଜୀକୃତ କମ୍ପାନୀମାନେ ଋଣର ସୁଧ ଉପରେ ୨% ଛାଡ଼ ପାଇବେ। ସେହିପରି ରପ୍ତାନିକାରୀଙ୍କ ଲାଗି ରପ୍ତାନି କରିବା ପୂର୍ବରୁ ଏବଂ ମାଲ୍ ପଠାଇବା ପରେ ପାଇବାକୁ ଥିବା ରିବେଟ୍‌କୁ ୩ରୁ ୫%କୁ ବୃଦ୍ଧି କରାଯାଇଛି। ବାର୍ଷିକ ୫୦୦ କୋଟି ଟଙ୍କାର କାରବାର କରୁଥିବା କମ୍ପାନୀମାନେ ବାଧ୍ୟତାମୂଳକ ଭାବେ ଟିଆର୍‌ଇଡିଏସ୍‌ରେ ସାମିଲ ହେବେ। ଉଲ୍ଲେଖଥାଉ କି, ଦେଶରେ ଏବେ ୬.୩ କୋଟିରୁ ଅଧିକ ଏମ୍‌ଏସ୍‌ଏମ୍‌ଇ ୟୁନିଟ ରହିଛି ଏବଂ ଏଥିରେ ପ୍ରାୟ ୧୧.୧ କୋଟି ଲୋକେ ନିଯୁକ୍ତି ପାଇଛନ୍ତି। ଦେଶର ଜିଡିପିରେ ଏମ୍‌ଏସ୍‌ଏମ୍‌ଇର ଯୋଗଦାନ ପ୍ରାୟ ୩୦%। ଦେଶର ମୋଟ୍ ରପ୍ତାନିର ୪୦ ପ୍ରତିଶତ ଏହି ସେକ୍ଟରରୁ ହୋଇଥାଏ। ସେହିପରି ମାନୁଫାକ୍ଚରିଂ ସେକ୍ଟରରେ ଏମ୍‌ଏସ୍‌ଏମ୍‌ଇର ଯୋଗଦାନ ୪୫% ରହିଛି।

## ଏଲ୍‌ଜି ୱାଟର ପ୍ୟୁରିଫାୟରକୁ ହାର୍ଟ କେୟାର ଫାଉଣ୍ଡେଶନ ପ୍ରମାଣପତ୍ର

**ଭୁବନେଶ୍ୱର,୨-୧୧**

ପ୍ରମୁଖ କମ୍ପାନୀ ଏଲ୍‌ଜି ପକ୍ଷରୁ ପ୍ରସ୍ତୁତ ଏହାର ୱାଟର ପ୍ୟୁରିଫାୟର ରେଞ୍ଜ ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ପ୍ରମାଣପତ୍ର ଲାଭ କରିଛି। ସ୍ୱାସ୍ଥ୍ୟପ୍ରଦ ପାନୀୟ ଜଳ ଯୋଗାଣର ସମସ୍ତ ମାନକକୁ କମ୍ପାନୀର ଏହି ପ୍ରଡକ୍ଟଗୁଡ଼ିକ ପୂରଣ କରୁଥିବାରୁ ଏଭଳି ମାନ୍ୟତା ପ୍ରଦାନ କରାଯାଇଛି। କମ୍ପାନୀର ପ୍ରଡକ୍ଟ ଜଳର ଶୁଦ୍ଧତା, ସଂରକ୍ଷଣ ଏବଂ ଉନ୍ନତ ପରିଚାଳନା ବୈଶିଷ୍ଟ୍ୟ ସହ ଆସୁଛି। ଏ ନେଇ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା ଏହି ସୂଚନା ଦେଇଛନ୍ତି। ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଧ୍ୟାନରେ ରଖି କମ୍ପାନୀ ଏହାର ୱାଟର ପ୍ୟୁରିଫାୟର ଶୃଙ୍ଖଳା ଏଲ୍‌ଜି ପ୍ୟୁରିକେୟାରକୁ ସମ୍ପ୍ରସାରଣ କରିଛି। ଏଥିରେ ନୂତନ, ସ୍ୱଚ୍ଛତା ବର୍ଦ୍ଧକ ବୈଶିଷ୍ଟ୍ୟ, ଡୁଆଲ ପ୍ରୋଟେକ୍ସନ ଷ୍ଟେନଲେସ ଷ୍ଟିଲ ଟ୍ୟାଙ୍କ, ଡିଜିଟାଲ ଷ୍ଟେରଲାଇଜିଂ କେୟାର, ସଦ୍ୟତମ ପ୍ୟୁରିଫିକେଶନ ସଲ୍ୟୁଶନ, ୫ ଷ୍ଟେଜ୍ ଧାରାରେ ଆର୍‌ଓ ଫିଲଟ୍ରେଶନ ଭଳି ସୁବିଧା ରହିଛି। ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରଡକ୍ଟଗୁଡ଼ିକ ବଜାରକୁ ଆସିଥିବା କମ୍ପାନୀ ପ୍ରକାଶ କରିଛି।




## ଏନ୍‌ବିଏଫ୍‌ସିଙ୍କୁ ମିଳିବ ଋଣ

# ବ୍ୟାଙ୍କ୍‌ଗୁଡ଼ିକୁ ଆର୍‌ବିଆଇର ଅନୁମତି

**ମୁମ୍ବାଇ,୨-୧୧**

ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ଗୁଡ଼ିକ ଗଭୀର ଆର୍ଥିକ ସଙ୍କଟର ସାମ୍ନା କରୁଥିବା ସ୍ୱୀକାର କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ଲାଗି ଅନୁମତି ଦେଇଛନ୍ତି। ଏନ୍‌ବିଏଫସିମାନେ ବଣ୍ଡ୍ ଜରିଆରେ ଋଣ ନେଲେ ବ୍ୟାଙ୍କଗୁଡ଼ିକ ଆଂଶିକ ଭାବେ ଗ୍ୟାରେଣ୍ଟର ହୋଇପାରିବେ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଦ୍ୱାରା ଏନ୍‌ବିଏଫସିଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ଅନେକାଂଶରେ ଦୂର ହୋଇଯିବ। ବଜାରରେ ପୁଞ୍ଜି ପ୍ରବାହ ବଢ଼ିବ। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଗତ କିଛି ଦିନ ହେଲା ସୃଷ୍ଟି ହୋଇଥିବା ବିବାଦର ଏହା ଅନ୍ୟତମ କାରଣ ଥିଲା। ଏନ୍‌ବିଏଫ୍‌ସିଙ୍କୁ ଋଣ ନ ଦେବା ଲାଗି ଆର୍‌ବିଆଇ ଜିଦ୍ ଧରିଥିଲା ବେଳେ କେନ୍ଦ୍ର ସରକାର ବାଧ୍ୟ ହୋଇ ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭ ଲାଗୁ କରିଥିଲେ।

# ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଧନତେରସ ଅଫର

**ନୂଆଦିଲ୍ଲୀ,୨-୧୧**

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଧନତେରସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଗ୍ରାହକଙ୍କୁ ୭୫,୦୦୦ ଟଙ୍କାରୁ ଅଧିକ ସୁନା ଗହଣା କ୍ରୟରେ ଗଢା ମୂଲ୍ୟରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ୭୫,୦୦୦ ଟଙ୍କାର ହୀରା ଗହଣା ଇନ୍‌ଭଏସ ଉପରେ ୦% ମେକିଂ ଚାର୍ଜ ରହିଛି। ୫୦ ଗ୍ରାମ ଏବଂ ଏହାଠାରୁ ଅଧିକ ଗୋଲ୍ଡ କଏନ ପ୍ରସ୍ତୁତିରେ ଫ୍ଲାଟ ୭୫% ରିହାତି ସୁବିଧା ମିଳୁଛି। ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ଫୁଲ୍ ଭାଲ୍ୟୁ, ମାଗଣା ଗହଣା ବୀମା ସୁବିଧା କମ୍ପାନୀ ପ୍ରଦାନ କରୁଛି। ଉକ୍ତ ଅଫର ୧୧ ନଭେମ୍ବର ଯାଏ ରହିଛି। ପାରମ୍ପରିକ ଏବଂ ସଦ୍ୟତମ ଗହଣା ଶୋ'ରୁମରେ ଉପଲବ୍ଧ ହେଉଛି। ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ ବୋଲି ରିଲାଏନ୍ସ ଜୁଏଲ୍‌ସର ସିଇଓ ସୁନୀଲ ନାୟକ ସୂଚନା ଦେଇଛନ୍ତି।

ରାଜ୍ୟ ଭାଜପା ନିର୍ଦ୍ଦେଶକ୍ରମେ ଆସନ୍ତା ୯ ତାରିଖରେ ବରୀ ଭାଜପା ତହସିଲ ଘେରିବ ବୋଲି ଭାଜପା ନେତା ବିଶ୍ୱରଞ୍ଜନ ମଲିକ ଶୁକ୍ରବାର ଖବରଦାତା ସମ୍ମିଳନୀ ଡାକି କହିଛନ୍ତି। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଫସଲ ଉଜୁଡିଥିବାରୁ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ପ୍ରଦାନ, ଭୂମିହୀନଙ୍କୁ କଟ୍ଟା ପ୍ରଦାନ, କୃଷି ଋଣ ଛାଡ଼, ତହସିଲରେ ଦୁର୍ନୀତି ପ୍ରତିବାଦରେ ଧାରଣା ଦିଆଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏହି ଘେରାଉରେ ୨୯ ପଞ୍ଚାୟତରୁ ପ୍ରାୟ ୮ ହଜାର ଲୋକ ସାମିଲ ହେବେ ବୋଲି ଖବରଦାତାଙ୍କୁ କୁହାଯାଇଛି। ବ୍ଲକ ଅଧକ୍ଷା ସୁନନ୍ଦା ଦାସ, ରଞ୍ଜିତା ସାମଲ, ଦେବେନ୍ଦ୍ର ଦାସଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଫାଇନାଲରେ ଧର୍ମଶାଳା କ୍ରିକେଟ କ୍ଲବ

ଛତିଆ,୨।୧୧(ଡି.ଏନ୍.ଏ.)

ଛତିଆସ୍ଥିତ ଅମରାବତୀ କ୍ରିକେଟ୍ ପଡିଆରେ ପାଟଣା କ୍ରିକେଟ୍ କ୍ଲବ ଦ୍ୱାରା ଆୟୋଜିତ ମନ୍ମଥ ଆଣ୍ଡ ଗିରିଧାରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ୭ମ ଦିନରେ ପହଞ୍ଚିଛି । ଖଙ୍କିରା କ୍ରିକେଟ୍ କ୍ଲବ, ଢେଙ୍କାନାଳ ଓ ଧର୍ମଶାଳା କ୍ରିକେଟ କ୍ଲବ, ଜାରକା ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଖଙ୍କିରା ପ୍ରଥମେ ବ୍ୟାଟିଂ କରି ୧୯ ଓଭର ୫ ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚନ୍ଦନ ମହାପାତ୍ର ୩୨ ରନ୍ କରିଥିଲେ। ଜବାବରେ ଧର୍ମଶାଳା ୧୯ ଓଭର ୪ ବଲ୍‌ରେ ୬ ଉଇକେଟ୍‌ରେ ଆବଶ୍ୟକ ରନ୍ ସଂଗ୍ରହ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ପକ୍ଷରୁ ସନ୍ତୋଷ ଶର ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ। ସୁଧୀର ସାହୁ, ହୃଷୀକେଶ ନାଥ ଖେଳ ପରିଚାଳନା କରିଥିଲେ। ସନ୍ତୋଷ ଶରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ଶନିବାର ନାନକାର କ୍ରିକେଟ୍ କ୍ଲବ୍, ଜଗତପୁର ଓ ମଙ୍ଗରାଜପୁର କ୍ରିକେଟ୍ କ୍ଲବ୍ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଶଙ୍କରାଚାର୍ଯ୍ୟଙ୍କୁ ଯାଜପୁରରୋଡ଼୍ ରେଳଷ୍ଟେଶନରେ ସ୍ୱାଗତ

ଯାଜପୁରରୋଡ,୨।୧୧(ନି.ପ୍ର.)

ପୁରୀ ଗୋବର୍ଦ୍ଧନପୀଠର ଶଙ୍କରାଚାର୍ଯ୍ୟ ଚଣ୍ଡିଖୋଲସ୍ଥିତ ବନ୍ଧା ପଦ୍ମନାଭପୁର ଗ୍ରାମରେ ଯୋଗଦେବାପାଇଁ ଶୁକ୍ରବାର ନିଳାଚଳ ଏକ୍ସପ୍ରେସ୍‌ରେ ଆସି ଯାଜପୁରରୋଡ ରେଳ ଷ୍ଟେଶନରେ ଓହ୍ଲାଇଥିଲେ । ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ପ୍ରେମୀ ତାଙ୍କୁ ଷ୍ଟେଶନ ସ୍ୱାଗତ କରିଥିଲେ। ପ୍ରଫୁଲ୍ଲ କୁମାର ବୋଇତାଇ, ଚନ୍ଦ୍ରଶେଖର ପଣ୍ଡା, ମୁନା ବିଶ୍ୱାଳ, ଦିନେଶ ସାହୁ, ସଂଗ୍ରାମ ପଟ୍ଟନାୟକ, ହୃଷୀକେଶ ରାଉତ, ମୋହିତ ରଥ, ରିଷି ଅଗ୍ରୱାଲା, ଉମା ଚଣ୍ଡ, ସଞ୍ଜୀବ ନାୟକ ପ୍ରମୁଖ ସାମିଲ ଥିଲେ। ଯାଜପୁରରୋଡ ଏସ୍‌ଡିପିଓ କେଦାରନାଥ ସାହୁ ଓ ପୋଲିସ ପକ୍ଷରୁ କଡା ସୁରକ୍ଷାରେ ଶଙ୍କରାଚାର୍ଯ୍ୟଙ୍କୁ ନିଆଯାଇଥିଲା ।

## ବିକ୍ରି ହୋଇଥିବା ଶିଶୁ କନ୍ୟା ଉଦ୍ଧାର

ଯାଜପୁରରୋଡ/କୋରେଇ,୨।୧୧ (ନି.ପ୍ର./ସ୍ୱ.ପ୍ର.)– କୋରେଇ ଥାନା ଅନ୍ତର୍ଗତ ସୋଲାବନ୍ଧୀ ଗ୍ରାମର ଏକ ଶିଶୁକନ୍ୟା ବିକ୍ରି ହୋଇଥିବା ଅଭିଯୋଗ ହେବା ପରେ କୋରେଇ ପୋଲିସ ଶୁକ୍ରବାର ଭୋର ୩ଟାରେ ତାକୁ ଚୌଦ୍ୱାର ପୋଲିସ ସହାୟତାରେ ଚୌଦ୍ୱାର ଓଟିଏମ୍ କଲୋନୀ ନିକଟରୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି । ପ୍ରକାଶ ଯେ, କୋରେଇ ବ୍ଲକ ଅସନଝର ପଞ୍ଚାୟତ ସୋଲାବନ୍ଧୀ ଗ୍ରାମର ଚେମା ନାଥଙ୍କ ସ୍ତ୍ରୀ କଣ୍ଟେଇ ତାଙ୍କ ଶିଶୁକନ୍ୟାକୁ ଜଣେ ନିସନ୍ତାନ ଦମ୍ପତିଙ୍କୁ ପ୍ରଦାନ କରି କୌଣସି ଅର୍ଥ ଆଣି ନ ଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ନିର୍ଦ୍ଦେଶରେ ତପନ କୁମାର ପଣ୍ଡା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । କୋରେଇ ପୋଲିସ ଶିଶୁ ସୁରକ୍ଷା ବିଭାଗକୁ ଉଦ୍ଧାର ଶିଶୁକୁ ହସ୍ତାନ୍ତର କରିଥିଲା । ଶିଶୁ ସୁରକ୍ଷା ବିଭାଗ ଦେଢ ମାସର ଶିଶୁକନ୍ୟାକୁ ଉତ୍କଳ ବାଳାଶ୍ରମରେ ରଖିଛି। କଣ୍ଟେଇଙ୍କର ୪ ଝିଅ ଥିଲେ। ସେ ୫ମ ସନ୍ତାନକୁ ଚୌଦ୍ୱାର ଅଞ୍ଚଳର ଜଣେ ରେଲୱେ ଠିକାଦାରଙ୍କୁ ବିନା ଅର୍ଥରେ ପୌଷ୍ୟ କନ୍ୟା ଭାବେ ଦେଢ ମାସ ତଳେ ପ୍ରଦାନ କରିଥିଲେ । ସେ କୌଣସି ଅଭିଯୋଗ କରି ନ ଥିଲେ । ଏ ସମ୍ପର୍କରେ କଣ୍ଟେଇ ନାଥଙ୍କୁ ପଚାରିବାରେ, ସେ ଶିଶୁ କନ୍ୟାକୁ ବିକ୍ରି କରିନାହାନ୍ତି । ଠିକାଦାର ନିସନ୍ତାନ ଥିବାରୁ ସ୍ୱଇଚ୍ଛାରେ ଲାଳନପାଳନ ପାଇଁ ତାଙ୍କୁ ପ୍ରଦାନ କରିଥିବା କହିଥିଲେ।

## ପୋଡ଼ିହୋଇ ଆଶାକର୍ମୀ ଗୁରୁତର

ଯାଜପୁରରୋଡ,୨।୧୧(ନି.ପ୍ର.)

ରୋଷେଇ କରୁଥିବାବେଳେ ଷ୍ଟୋଭ ଫାଟିଯିବାରୁ ପୋଡ଼ି ହୋଇ ଶୁକ୍ରବାର ଜଣେ ଆଶାକର୍ମୀ ଗୁରୁତର ହୋଇଛନ୍ତି। ସେ ହେଲେ ବ୍ୟାସନଗର ପୌର ପରିଷଦ ସନ୍ତରା ଗ୍ରାମର ବିଷ୍ଣୁପ୍ରିୟା ବିଶ୍ୱାଳ(୩୨)। ତାଙ୍କ ଶରୀରର ପ୍ରାୟ ୪୦ ପ୍ରତିଶତ ପୋଡ଼ିଯାଇଛି। ପରିବାର ଲୋକେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନା ପଠାଯାଇଛି । ସେ ୨୧, ୨୨, ୨୩ନଂ. ୱାର୍ଡରେ ଆଶାକର୍ମୀ ଭାବେ ନିଯୁକ୍ତି ପାଇଥିଲେ ।






## ଦୁର୍ଘଟଣାରେ ମହିଳା, ଗାଈ ମୃତ: ୪ ଗୁରୁତର

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨।୧୧ (ଡି.ଏନ.ଏ/ସ୍ୱ.ପ୍ର.)

ଚଣ୍ଡିଖୋଲ–ପାରଦୀପ ୫ ନଂ. (କ) ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଟିକଟା ଛକ ନିକଟରେ ଶୁକ୍ରବାର ଏକ କାର ଦୁର୍ଘଟଣାରେ ମହିଳା ଓ ଗାଈର ମୃତ୍ୟୁ ହୋଇଥିବାବେଳେ ୪ ଗୁରୁତର ହୋଇଛନ୍ତି। ମହିଳା ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଉଜଙ୍ଗ ଗ୍ରାମର ମୀନା ବିବି(୪୩)। ଗୁରୁତରମାନେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ନିକଟବର୍ତ୍ତୀ କୋଠଡିହ ଗ୍ରାମର ଅଭିଜିତ ନାୟକ, ନିର୍ମଳ ଚନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ ଓ ସୋମ୍ୟାପ୍ରତି ନାୟକ। ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, କଟିକଟା ଛକ ନିକଟରେ ପାରଦୀପ ଆଡୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା (ଓ–ଆର–୦୨–ଏ.ସି ୭୭୭୫) ଏକ କାର ସାମ୍ନାକୁ ଗାଈ ପଶି ଆସିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ପ୍ରଥମେ ଗାଈକୁ ଧକ୍କା ଦେବା ପରେ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ ମହିଳାଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ମହିଳାଙ୍କ ସମେତ ଗାଈର ମୃତ୍ୟୁ ହୋଇଥିଲା ବେଳେ କାର ରାସ୍ତାର ୨୦ ଫୁଟ ତଳକୁ ଖସିଯାଇଥିଲା। କାରରେ ଥିବା ୪ ବ୍ୟକ୍ତି ଗୁରୁତର ହୋଇଥିଲେ। ଦର୍ପଣ ତହସିଲଦାର ଅଶୋକ କୁମାର ଦାସ ବାଉଜଙ୍ଗ ଗ୍ରାମରେ ପହଞ୍ଚି ମୃତ ମୀନାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ।

## ସ୍ୱଚ୍ଛତା ପକ୍ଷ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସୁକିନ୍ଦା, ୨।୧୧(ଡି.ଏନ୍.ଏ.)

ଦୈତାରୀସ୍ଥିତ ଓଡ଼ିଶା ଖଣି ନିଗମର ଲୌହ ଖଣି ଅଞ୍ଚଳରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଅଛି। ଆଞ୍ଚଳିକ ଖଣି ପରିଚାଳକ ସୁବ୍ରତ୍ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଯାପନ କରିଥିଲେ। ଗତ୧୬ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଦୈତାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଖଣି ନିଗମର ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ବସ୍ତି ଏବଂ କଲୋନୀ ପରିକ୍ରମା କରିଥିଲା। ପରେ ନିକଟସ୍ଥ ପୋଖରୀର ପାର୍ଶ୍ୱ, ମନ୍ଦିର ପ୍ରାଙ୍ଗଣକୁ ସଫା କରିଥିଲେ । ପ୍ରଥମ ଦିବସରେ ୪ ଶହ ସଂଖ୍ୟାରେ ଲୋକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ, ଟାଉନଶିପର ଥିବା ପୁଷ୍କରିଣୀ ତଥା ଖଣିର ବିଭିନ୍ନ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା।






ବିଶ୍ରାମ ଓ ଉପବାସ ଭଳି ଔଷଧ ଆଉ କିଛି ନାହିଁ।
- ବେଞ୍ଜାମିନ ଫ୍ରାଙ୍କଲିନ

■ ଓଏମ୍‌ସିର ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା

# ସର୍ବସାଧାରଣ ଶୁଣାଣିକୁ ବିରୋଧ ପାଇଁ ସଜବାଜ

ଯାଜପୁର ଅଫିସ,୨।୧୧

ଜିଲାର ଖଣିଜ ସମ୍ପଦ ଉତ୍ତୋଳନ କରି ଲାଭବାନ ହେଉଛନ୍ତି ଖଣି ସଂସ୍ଥା। କେବଳ ଘରୋଇ କମ୍ପାନୀ ନୁହେଁ ସରକାରୀ ଖଣି ସଂସ୍ଥା ମଧ୍ୟ ପ୍ରଭାବିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଭୁଲି ଯାଉଛନ୍ତି। ବିଶେଷ କରି ସରକାରୀ ଖଣି ସଂସ୍ଥା ଓଡ଼ିଶା ଖଣି ନିଗମ ଲିଃ (ଓଏମ୍‌ସି) ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଖଣି ପ୍ରଭାବିତ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କୁ ଅଗ୍ରାଧିକାର ନ ଦେଇ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। ବିରୋଧ ଭୟରେ ସମଗ୍ର ଭାରତର ପ୍ରାର୍ଥୀଙ୍କୁ ଡକାଯାଇ ଭୁବନେଶ୍ୱରରେ ଇଣ୍ଟରଭ୍ୟୁ କରାଯାଉଛି। ଯାହାକି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଖଣି ସଂସ୍ଥାକୁ ବିରୋଧ କରୁଥିବା ଓଏମ୍‌ସିର ଗତ ଜନଶୁଣାଣିରୁ ସ୍ପଷ୍ଟ ହୋଇଛି। ଏହିକ୍ରମରେ ବିରୋଧର ଆଶଙ୍କା କରି ଗତ ୨୪।୮।୨୦୧୮ରେ ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା। ପୁଣି ଆସନ୍ତା ୯ତାରିଖ ପୂର୍ବାହ୍ନ ୧୦ଟାରେ ପଥରବଣି ମାଇନିଂ କନଫରେନ୍ସ ହଲଠାରେ ହେବାକୁ ଥିବା ପୁନଃ ସର୍ବସାଧାରଣ ଶୁଣାଣିକୁ ବିରୋଧ କରାଯିବାକୁ ପ୍ରଭାବିତ ଅଞ୍ଚଳବାସୀ ଅଣ୍ଟା ଭିଡିଛନ୍ତି। ହେଲେ ସ୍ଥାନୀୟ କେତେକ ପ୍ରଭାବଶାଳୀ ନେତାଙ୍କ ସହଯୋଗରେ ଭଡ଼ାଟିଆ ଲଗାଇ ଶୁଣାଣିକୁ ସଫଳ କରିବାକୁ ଉଦ୍ୟମ କରାଯାଉଥିବା ଏବେଠୁ ଚର୍ଚ୍ଚା ଜୋର ଧରିଛି।

୧୯୭୦ ମସିହାରୁ ଓଏମ୍‌ସି ରାଜ୍ୟ ସରକାରଙ୍କ ଏଜେଣ୍ଟ ସୂତ୍ରରେ କ୍ରୋମାଇଟ ଉତ୍ତୋଳନ କରି ଆସୁଛି। କୋଟି କୋଟି ଟଙ୍କା ଲାଭ କରିଚାଲିଛି। ହେଲେ ଖଣି ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଲୋକେ ଯାହା ଆଶା କରିଥିଲେ ସେମାନଙ୍କୁ ଏଯାଏ ତାହା ମିଳି ପାରିନାହିଁ। ବ୍ୟାପକ ଜଙ୍ଗଲ ସହ ପ୍ରାକୃତିକ ପରିବେଶ ନଷ୍ଟ ହେଉଛି। ହେଲେ ପାରିପାର୍ଶ୍ୱିକ ଉନ୍ନୟନ ହୋଇପାରି ନାହିଁ। ସାମାଜିକ ଦାୟିତ୍ୱବୋଧକୁ ଭୁଲିଯାଇ ଓଏମ୍‌ସି ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। କେତେଗୁଡ଼ିଏ ପ୍ରଭାବିତ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଟୋପାଏ ମିଳୁନି। ଡାକ୍ତରଖାନା ନାହିଁ କି ସ୍କୁଲ ନାହିଁ। ଏମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ

> ■ପଥରବଣିରେ ହେବ ଖଣି ସମ୍ପ୍ରସାରଣ ପାଇଁ ସର୍ବସାଧାରଣ ଶୁଣାଣି
>
> ■ଛାମୁଆ ନେତାଙ୍କୁ ସହଯୋଗୀ କରିଛି ଓଏମ୍‌ସି

ହେଲେ ଭବିଷ୍ୟତରେ ବିରୋଧ, ଦାବି କିମ୍ବା ପ୍ରତିବାଦର ସ୍ୱର ବଢ଼ିଯିବା ଆଶଙ୍କା କରି କେତେଜଣ ଛାମୁଆ ନେତାଙ୍କୁ ହାତରେ ରଖି ସର୍ବସାଧାରଣ ଶୁଣାଣିକୁ ବେଆଇନ ଭାବେ ସଫଳ କରିବାରେ ଲାଗିଛନ୍ତି। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲା ପ୍ରଶାସନ ସହଯୋଗୀ ପାଲଟିଛି। ଏବେ ସର୍ବସାଧାରଣ ଶୁଣାଣିକୁ ଆଉ ମାତ୍ର ସପ୍ତାହେ ବାକି ଥିବାବେଳେ ଓଏମ୍‌ସି ଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରୁଛି। ଓଏମ୍‌ସିର ବାର୍ଷିକ କ୍ରୋମାଇଟ ଉତ୍ପାଦନ କ୍ଷମତା ୧.୩ ଲକ୍ଷ ଟନ୍‌ରୁ ୩ଲକ୍ଷ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବ ରହିଛି। ଏଥିପାଇଁ ୯,୪୯୯ ମୂଲ୍ୟବାନ ଗଛ କଟାଯିବ ବୋଲି ଓଏମ୍‌ସି ପକ୍ଷରୁ ପ୍ରସ୍ତୁତ ପରିବେଶ ପ୍ରଭାବ ମୂଲ୍ୟାୟନ ଓ ପରିବେଶ ପରିଚାଳନା ଯୋଜନା ସାରମର୍ମରେ ଦର୍ଶାଯାଇଛି। ଏହି ଖଣିର ସମୁଦାୟ ୨୬୭.୨୧ ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ୧୦୪.୭୯ ହେକ୍ଟର ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ଅବଶିଷ୍ଟ ୧୬୨.୪୨ ହେକ୍ଟର ଜଙ୍ଗଲ ଜମିର ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ପ୍ରଥମ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ଓଏମ୍‌ସିକୁ ମିଳି ସାରିଛି । ତେବେ ପରିବେଶୀୟ ମଞ୍ଜୁରୀ ପାଇଁ ଗତ ଜୁନ ୨୦, ୨୧ ଓ ୨୨ରେ ସର୍ବସାଧାରଣ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୨୧ ତାରିଖର ଜନଶୁଣାଣିକୁ ଆଂଶିକ ସମର୍ଥନ ମିଳିଥିଲା। ପନାସିଆ ଓ ରଗଡା ଗ୍ରାମବାସୀ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରିଥିବାବେଳେ ଗରାମିଆଁ ଗ୍ରାମବାସୀ ସମର୍ଥନ କରିଥିଲେ। ଅନ୍ୟଗ୍ରାମରୁ କେତେକ ଭଡାଟିଆ ଲୋକ ଆଣିବା ସହିତ ଗ୍ରାମବାସୀଙ୍କ ମତାମତ ନେବା ପୂର୍ବରୁ ଲୋକଙ୍କ ଦସ୍ତଖତ ନେଇ ଜନଶୁଣାଣିକୁ ସମର୍ଥନ ମିଳିଥିଲା ବୋଲି ପ୍ରଶାସନ ଘୋଷଣା କରିଥିବା ଅଭିଯୋଗ ହୋଇଥିଲା। ଏବେ ସୁକୁରୁଙ୍ଗି, କୋଳିପଶି, ଓସ୍ତପାଳ ଆଦି ଗ୍ରାମକୁ ନେଇ ସର୍ବସାଧାରଣ ଶୁଣାଣି କରିବାକୁ ଯାଉଛି। ସୁକୁରୁଙ୍ଗିକୁ ଆଦର୍ଶ ଗ୍ରାମଭାବେ ନେଇ ପାଇଖାନା ଓ ପାନୀୟ ଜଳ ଉପରେ ଗୁରୁତ୍ୱ ଦେଇଛି। ହେଲେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରିଥିବାରୁ ଏହାକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପ୍ରସ୍ତାବିତ ଖଣି ଅଞ୍ଚଳ ମଧ୍ୟରେ ଅନୁସୂଚିତ ଜନଜାତି ବା ଅନ୍ୟାନ୍ୟ ପାରମ୍ପାରିକ ବନବାସୀ ରହୁନାହାନ୍ତି ବୋଲି ଖଣି କର୍ତ୍ତୃପକ୍ଷ ଦାବି କରୁଛନ୍ତି। କିନ୍ତୁ ବାସ୍ତବରେ ସ୍ଥାନୀୟ ଆଦିବାସୀ ଏହି ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏ ସଂକ୍ରାନ୍ତରେ ଓଏମ୍‌ସି କାଳିଆପାଣି ଖଣି ପରିଚାଳକ ଅବନିଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍ଥାନୀୟ ନିଯୁକ୍ତିକୁ କମ୍ପାନୀ ଗୁରୁତ୍ୱ ଦେଇଆସୁଛି। ଜିଲାର ପ୍ରାୟ ୫୦ ପ୍ରତିଶତ ଲୋକ ଏଠାରେ ନିଯୁକ୍ତି ପାଇଛନ୍ତି। ଏହାସହ ପାରିପାର୍ଶ୍ୱିକ ଉନ୍ନୟନକୁ ମଧ୍ୟ ଅଗ୍ରାଧିକାର ଦିଆଯାଉଛି। ତେଣୁ ସର୍ବସାଧାରଣ ଶୁଣାଣିକୁ ଲୋକେ ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ଯେତେ ମାଠିବୁ ମାଠ
ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,
ଦେବତା ହେଲେ ବି ମରଇ ।**

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଇଙ୍ଗା ଖଣିରେ ଶ୍ରମିକ ଆନ୍ଦୋଳନ

କାଳିଆପାଣି ୨।୧୧(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳରେ ଥିବା ଇଙ୍ଗା ଭୂତଳ ଖଣିରେ ବୁଧବାର ଦୁର୍ଘଟଣାରେ ୩ କର୍ମଚାରୀ ଆହାତକୁ ନେଇ ଶ୍ରମିକ ସଂଘ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ବିଭିନ୍ନ ଦାବିରେ ଖଣିଗେଟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ଘଟଣାସ୍ଥଳରେ ଖଣି ଉପସଭାପତି ସୁଧାଂଶୁ ପାଟନୀ, ମାନବ ସମ୍ବଳ ଅଧିକାରୀ ଗିରିଶ ପଟ୍ଟନାୟକ, ଲୋକସମ୍ପର୍କ ପରିଚାଳକ ଜଗନମୋହନ ମଲ୍ଲିକ, ମିଳନ ରଞ୍ଜନ କର, ସନ୍ଦୀପ ମିଶ୍ର, ଅଂଶୁମାନ ମହାପାତ୍ର ଆନ୍ଦୋଳନକାରୀଙ୍କୁ ଭେଟି ଆନ୍ଦୋଳନରୁ ଓହରିବାକୁ ଅନୁରୋଧ କରିଥିଲେ । ତେବେ ଦାବିଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ସମ୍ପାଦକ କହିଥିଲେ । ଅପରପକ୍ଷେ ଦୁର୍ଘଟଣାକୁ ନେଇ ଖଣି ନିର୍ଦ୍ଦେଶାଳୟର ଡିଡ଼ିଏମ୍ଏସ୍ ନଗେନ୍ଦ୍ର କୁମାର, ଯାଜପୁର ଡିଡ଼ିଏମ୍ ପ୍ରଭାତ କୁମାର ଓଝା, ମାନିଙ୍ଗ ଇନ୍ସପେକ୍ଟର ଅସିତ୍ କୁମାର ବେହେରା ଖଣି ପରିଦର୍ଶନ କରିଫେରିଛନ୍ତି। କମ୍ପାନୀ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଠିକ୍ ରହିଥିବା କହିଛନ୍ତି। ପ୍ରକାଶ ଯେ, ଗତ ବୁଧବାର ଭୂତଳ ଖଣିରେ ଏକ ମାଟି ଅଡଡା ଖସି ପଡିଥିଲା। ଫଳରେ ଆଦିତ୍ୟ ମହାନ୍ତ, ମୋତିଲାଲ ମହାନ୍ତ ଓ ରଞ୍ଜନ ଆହତ ହୋଇଥିଲେ। ଖଣିରେ ସୁରକ୍ଷା ବ୍ୟବସ୍ଥା, ରାତ୍ରିକାଳୀନ ଅବସର ସମୟ ପ୍ରଦାନ ଦାବିରେ ଆଦି ବିଭିନ୍ନ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଖଣିରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଶ୍ରମିକଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ, ଆହତ କର୍ମଚାରୀଙ୍କୁ କଟକ ଓ ଭୁବନେଶ୍ୱରସ୍ଥିତ ଘରୋଇ ଡ଼ାକ୍ତରଖାନାରେ ସେବା ପ୍ରଦାନ, କର୍ମଚାରୀଙ୍କୁ କାର୍ଯ୍ୟ ସମୟରେ ୨ଘଣ୍ଟା ବିରତି ସହ ତୁରନ୍ତ ଜଣେ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରା ନ ଗଲେ ଖଣି କାର୍ଯ୍ୟ ଅଚଳ କରିବାକୁ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଦ୍ୟାଧର ପାତ୍ର, ସରପଞ୍ଚ କଳ୍ପନା ଜେନା, ବିଶ୍ୱଜିତ ମହାନ୍ତି, ଖଣିର କାର୍ଯ୍ୟରତ ଶାଖା ସମ୍ପାଦକ, ତ୍ରକ୍ମାଲିକ ସଭାପତି ମଧ୍ୟ ସାମିଲ ହୋଇଥିଲେ । କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ଅତିରିକ୍ତ ଏସ୍‌ପି ରାଜକିଶୋର ଡ଼ୋରା ମୋତିଲାଲଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିବା ଜଣାପଡିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବିଞ୍ଝାରପୁର,୨।୧୧(ଡି.ଏନ.ଏ): ଗତ ରବିବାର ସନ୍ଧ୍ୟାରେ ଯାଜପୁର- ସିଂହପୁର ମୁଖ୍ୟ ରାସ୍ତାର ବିଜିପୁର ନିକଟରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ଜଣକ ହେଲେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ବାଲିସାହି ଗ୍ରାମର ଦୀନବନ୍ଧୁ ପଣ୍ଡାଙ୍କ ପୁଅ ଜଗନ୍ନାଥ (୩୬)। ସେ କଳିଙ୍ଗନଗରସ୍ଥିତ ଟାଟା କମ୍ପାନୀରେ ଠିକାଶ୍ରମିକ ଅଟନ୍ତି। ଜଗନ୍ନାଥ ଗତ ରବିବାର କାମ ସାରି ଘରକୁ ଫେରୁଥିବାବେଳେ ବିଜିପୁର ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ରଙ୍ଗୀନ କୁକୁଡା ଚାଷ ପାଇଁ ବୈଷୟିକ ତାଲିମ ଶିବିର

ବିଞ୍ଝାରପୁର,୨।୧୧(ଡି.ଏନ.ଏ): ବିଞ୍ଝାରପୁର ପ୍ରାଣୀଧନ କେନ୍ଦ୍ର ପରିସରରେ ଶୁକ୍ରବାର ପୂର୍ବାହ୍ନରେ ରଙ୍ଗୀନ କୁକୁଡା ଚାଷ ପାଇଁ ବୈଷୟିକ ତାଲିମ ଶିବିର ଆରମ୍ଭ ହୋଇଛି। ଏହି ଶିବିର ବିଞ୍ଝାରପୁର ପ୍ରାଣୀଧନ କେନ୍ଦ୍ରର ବରିଷ୍ଠ ଚିକିତ୍ସକ ତପନ ମଲ୍ଲିକଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ଯୋଗଦେଇ ଏହି ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଜିଲା ପ୍ରାଣୀଧନ ବିଭାଗର ମୁଖ୍ୟ ଚିକିତ୍ସାଧିକାରୀ କାର୍ତ୍ତିକ ଚନ୍ଦ୍ର ସାହୁ, ଜିଲା ସହକାରୀ ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ଶୁଭ୍ରାଂଶୁ ଶେଖର ରାଉତ, ବିଞ୍ଝାରପୁର ଥାନାର ସେକେଣ୍ଡ ଅଫିସର ଘନଶ୍ୟାମ ହେସା ପ୍ରମୁଖ ଯୋଗ ଦେଇଥିଲେ।

■ ଡମ୍ଫର ଧକ୍କାରେ ଜଣଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଡୁବୁରୀ,୨।୧୧(ଡି.ଏନ୍.ଏ.)

ଡୁବୁରୀ-ନରଣପୁର ରାଜ୍ୟ ରାଜପଥର ଡୁବୁରୀ ଢାବା ଛକଠାରେ ଶୁକ୍ରବାର ଅପରାହ୍ନରେ ଏକ ଲୁହାପଥର ବୋଝେଇ ଡମ୍ଫର ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସ୍ଥାନୀୟ ଡୁବୁରୀ ଅଞ୍ଚଳର ପାଣ୍ଡୁ ନାୟକ (୬୦)। ଡମ୍ଫରକୁ ପୋଲିସ ଜବତ କରିଥିବାବେଳେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ସ୍ଥାନୀୟଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଘଟଣାସ୍ଥଳରେ ଏକ ହମ୍ପ ନିର୍ମାଣ ଏବଂ ଡ୍ରାଇଭରଙ୍କ ଗିରଫ ଦାବିରେ ରାସ୍ତାରୋକୋ ରଖିଥିଲେ। ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବର ପାଇ କଳିଙ୍ଗନଗର ଆଡିଶନାଲ ଏସ୍‌ପି ରାଜ କିଶୋର ଡୋରାଙ୍କ ସହ ଆଇଆଇସି ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁକିନ୍ଦା ଥାନା ଆଇଆଇସି ସୌମ୍ୟଜିତ୍ ମିଶ୍ର, ଜଖପୁରା ଥାନା ଆଇଆଇସି ଓ ଟମକା ଥାନା ଆଇଆଇସି ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ଗାଡି ମାଲିକଙ୍କ ପକ୍ଷରୁ ୩୦ ହଜାର ଟଙ୍କା, ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ତୁରନ୍ତ ପ୍ରଦାନ କରାଯିବ ବୋଲି ଆଡିଶନାଲ ଏସ୍‌ପି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଦୁର୍ଘଟଣା ଜନିତ ଇନ୍ସୁରାନ୍ସ ବାବଦରେ ୮ରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା ଏବଂ ଡ୍ରାଇଭରଙ୍କୁ ଗିରଫ କରାଯାଇ ଲାଇସେନ୍ସ ରଦ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଶ୍ୱଜିତ୍ ପ୍ରଧାନ ମୃତକଙ୍କ ପରିବାକରୁ ୧୦ ହଜାର ଟଙ୍କା ସହାୟତା କରିଥିଲେ। ପ୍ରକାଶ, ପାଣ୍ଡୁ ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଦୌତାରୀ ଲୁହା ଖଣିରୁ ଡୁବୁରୀ ଅଭିମୁଖେ ଯାଉଥିବା (ନଂ ଓଆର-୧୯ଏମ୍-୪୩୪୮) ଏକ ଡମ୍ଫର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।



ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# ବାଇକ୍ ଧକ୍କା, ୩ ଆହତ

ଧର୍ମଶାଳା, ୨।୧୧(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଜାରକା ବଜାର ନିକଟ ଆକାଶ ହୋଟେଲ ନିକଟରେ ଶୁକ୍ରବାର ଦୁଇ ବାଇକ ମୁହାଁମୁହିଁ ଧକ୍କାରେ ୩ଜଣ ଗୁରୁତର ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ବୁଲେଟ୍‌ରେ ସିଂହପୁର ନାଉବାଙ୍କ ଗ୍ରାମର ସୁବ୍ରତ ପ୍ରଧାନ (୩୪) ଘରକୁ ଫେରୁଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ଜଖପୁରା ଥାନା ମାଣତିରି ଗ୍ରାମର ରମେଶ ଚନ୍ଦ୍ର ଜେନା(୬୨) ଓ ଜେନାପୁର ଥାନା କୁରିକଣା ଗ୍ରାମର ରମେଶ ଚନ୍ଦ୍ର ରାଉତ (୩୪)ଙ୍କ ସହ ସୁବ୍ରତଙ୍କ ଧକ୍କା ହୋଇଥିଲା। ଫଳରେ ସୁବ୍ରତଙ୍କ ଗୋଡ ଭାଙ୍ଗିଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସୁବ୍ରତଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ଓଲଟିଲା ଡମ୍ଫର

ବିରଜାକ୍ଷେତ୍ର,୨।୧୧(ଡି.ଏନ୍.ଏ)

ଯାଜପୁର ଟାଉନ ଅଭିମୁଖେ ଚିପ୍ସ ନେଇ ଆସୁଥିବା ଓଆର୦୪ଜେ-୮୪୫୫ ନାମକ ଏକ ଡମ୍ଫର ବୁଢ଼ାଘାଟ ସେତୁ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା । ଡମ୍ଫର ଡ୍ରାଇଭର ସାମାନ୍ୟ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଘଟଣାସ୍ଥଳରେ ଯାଜପୁର ସଦର ପୋଲିସ ପହଞ୍ଚି ଡମ୍ଫରକୁ ଜବତ କରିଛି ।

■ ଟ୍ରେଲର ହେଲପରଙ୍କ ମୃତ୍ୟୁ ଘଟଣା

# ଡ୍ରାଇଭର ଥାନାରେ ଅଟକ

କଳିଙ୍ଗନଗର, ୨।୧୧ (ଡି.ଏନ୍.ଏ)

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ତେଲିବାହାଳି ଛକ ନିକଟ ଡର୍‌ସେଲ୍ କମ୍ପାନୀର ପାର୍କିଂୟାର୍ଡରେ କାମ କରୁଥିବା ଜଣେ ଟ୍ରେଲର ହେଲ୍‌ପରଙ୍କ ମୃତ୍ୟୁ ଘଟଣାରେ ଶୁକ୍ରବାର ପୋଲିସ ଟ୍ରେଲର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ଅଟକ ଟ୍ରେଲର ଡ୍ରାଇଭର ଜଣଙ୍କ ହେଲେ ମୁନା କୁମାର ବିହାରୀ। ମୃତ ହେଲପର ଜଣଙ୍କ ଟ୍ରେଲର ତଳେ କାମ କରୁଥିବା ସମୟରେ ମୁନା ଗାଡି ଷ୍ଟାର୍ଟ କରିଦେଇଥିଲେ। ଫଳରେ ହେଲପରଙ୍କ ଉପରେ ଗାଡିମାଡିଇଥିବା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିବା କହିଛି। ଏ ନେଇ ପୋଲିସ ଏକ ମାମଲା (୨୭୫/୧୮) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ପାର୍କିଂୟାର୍ଡରେ ଥିବା ଏକ ନମ୍ବର ବିହୀନ ଗାଡିରେ ବିହାର ରାଜ୍ୟର ରାମ ପ୍ରସାଦ ସା(୨୬) ହେଲପର ଭାବେ କାମ କରୁଥିଲେ। । ଗୁରୁବାର ଗୁରୁତର ଅବସ୍ଥାରେ ଡରସେଲ କମ୍ପାନୀର କର୍ମଚାରୀମାନେ ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ସେଠାରେ ରାମ ପ୍ରସାଦଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିଲା।

# ଚେନ୍ ଲୁଟ୍ ଉଦ୍ୟମ ପଣ୍ଡ: ଲୁଟେରାଙ୍କୁ ଛେଚିଲେ ଲୋକେ

ବିରଜାକ୍ଷେତ୍ର/ଦଶରଥପୁର,୨।୧୧(ଡି.ଏନ୍.ଏ): ଯାଜପୁର ଥାନା ଅଞ୍ଚଳରୁ ଜଣେ ଚେନ୍ ଲୁଟେରାଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଗିରଫ ଲୁଟେରା ଯାଜପୁର ବ୍ଲକ ବୈଦ୍ୟେରାଜପୁର ଗ୍ରାମର ରାହୁଲ ସାହୁ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ସୟଦପୁର ନରୁଆ ଗ୍ରାମର ହେମନ୍ତ କୁମାର ରାଜ ଓ ତାଙ୍କ ଗର୍ଭବତୀ ସ୍ତ୍ରୀ ସାବିତ୍ରୀ ରାଜଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଯାଜପୁର ଥାନା ଅନ୍ତର୍ଗତ କପାସି ପେଟ୍ରୋଲ ପମ୍ପ ନିକଟରେ ଜଣେ ଚେନ୍ ଲୁଟେରା ଏକ ବାଇକ୍‌ରେ ଆସି ହେମନ୍ତଙ୍କ ସ୍ତ୍ରୀଙ୍କଠାରୁ ଚେନ୍ ଛିଣ୍ଡାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ହେମନ୍ତ ଲୁଟେରାଙ୍କ ହାତ ଧରିଦେବାରୁ ସେ ଗାଡ଼ିରୁ ପଡ଼ିଯିବା ସହ ହେମନ୍ତ ଓ ତାଙ୍କ ସ୍ତ୍ରୀ ମଧ୍ୟ ପଡ଼ି ଆହତ ହୋଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକେ ଲୁଟେରାକୁ ଧରି ଛେଚିବା ପରେ ଯାଜପୁର ଥାନାକୁ ଖବର ଦେଇଥିଲେ। ଯାଜପୁର ଥାନା ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଲୁଟେରାକୁ ଉଦ୍ଧାର କରି ଯାଜପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଲୁଟେରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଲୁଟେରାର ବାଇକ୍‌କୁ ସ୍ଥାନୀୟ ଲୋକେ ପୋଡ଼ିଦେଇଥିବା ଦେଖିବାକୁ ମିଳିଛି। ଭଣ୍ଡାରିପୋଖରୀ, ପାଣିକୋଇଲି, ଧର୍ମଶାଳା, ବଡ଼ଚଣା ଓ ଯାଜପୁର ଥାନାରେ ରାହୁଲ ନାମରେ ବିଭିନ୍ନ ସଙ୍ଗୀନ ଅପରାଧଭଳି ମାମଲା ରହିଛି। ଗତ ୫ଦିନ ତଳେ ରାହୁଲ ଜେଲରୁ ଜାମିନରେ ବାହାରି ଥିଲେ।

# ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ତାଲା, ଅଧିକାରିଣୀ ହଟହଟା



ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଛିଡ଼ା ହୋଇଛନ୍ତି।

ବିଞ୍ଝାରପୁର,୨।୧୧(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ପରିସରରେ ଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ ପରିସରରେ ଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଶୁକ୍ରବାର ୧୨ଟା ପର୍ଯ୍ୟନ୍ତ ତାଲା ଝୁଲୁଥିବାରୁ ସ୍ୱୟଂ ଶିଶୁ ବିକାଶ ଅଧିକାରିଣୀ ପ୍ରଣେଶ୍ୱରୀ ପାଣିଗ୍ରାହୀ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ହଟହଟା ହୋଇଥିଲେ। ଏହି ତାଲା ଝୁଲା ଘଟଣା ଜଣାପଡିବା ପରେ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ପଦାରେ ପଡିଛି। ଏ ସମ୍ପର୍କରେ ଶିଶୁ ବିକାଶ ଅଧିକାରିଣୀ କୁହନ୍ତି ଯେ, କାର୍ଯ୍ୟରତ କର୍ମଚାରୀ ଆଦୌ ଠିକ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ବାରମ୍ବାର ତାଗଦ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି ସୂଚନା ଦେଇଛନ୍ତି।

# ମାସ ସାରା ଦୁଲୁକିବ ଯାଜପୁର ସହର

ବିରଜାକ୍ଷେତ୍ର, ୨।୧୧(ଡି.ଏନ୍.ଏ)

କଳା, ସଂସ୍କୃତି, ଐତିହ୍ୟ ଓ ଭାଇଚାରାର ସହର ଯାଜପୁର ନଭେମ୍ବର ମାସ ସାରା ଦୁଲୁକିବ। ଝୁମିବେ ସହରବାସୀ। ଆସନ୍ତା ୬ ତାରିଖରୁ ଆରମ୍ଭ ହେଉଛି ଯାଜପୁରର ଗଣପର୍ବ କାଳୀପୂଜା। ଏହା ୧୨ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ୮ ଦିନ ଧରି ୪୭ ଗୋଟି ମଣ୍ଡପରେ ପୂଜା ପାଇବ ମା'କାଳୀ ଓ ହରପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତି। ଏହି ୮ଦିନ ପ୍ରତ୍ୟେକ ସନ୍ଧ୍ୟାରେ ମଣ୍ଡପଗୁଡ଼ିକରେ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରଦେଶର କଳାକାରମାନେ ଯୋଗଦେଇ ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ଓଡ଼ିଶାର ଯୁବ ଓ ବରିଷ୍ଠ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବେ। ଭସାଣୀ ଉତ୍ସବରେ ଅତ୍ୟାଧୁନିକ ବ୍ୟାଣ୍ଡ ପାର୍ଟି ଯାଜପୁରବାସୀଙ୍କୁ ଉଲ୍ଲସିତ କରିବେ। କାଳୀପୂଜା ଭସାଣୀ ପରେ ୧୫ ତାରିଖରୁ ଯାଜପୁର ସହରରେ ଆରମ୍ଭ ହେବ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମଥର ପାଇଁ ଯାଜପୁର ସହରରେ ୨୪ତମ ଯୁବ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ମହୋତ୍ସବରେ ୩୦ଟି ଜିଲାରୁ ୨୫ ଶହରୁ ଊର୍ଦ୍ଧ୍ୱ ଯୁବ କଳାକାର ଯୋଗଦେଇ ସେମାନଙ୍କ ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି ଓ ନୃତ୍ୟର ଝଲକ ଦେଖାଇବେ। ଯୁବ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ ଦିନ ୩୦ଟି ଜିଲାର ପ୍ରଜ୍ଞାପନା ମେଢ଼ ସହ ପ୍ରତ୍ୟେକ ଜିଲାର କଳାକାରମାନେ ମା' ବିରଜା ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ଉଦ୍‌ଘାଟନସ୍ଥଳ ବାଳାଶ୍ରମ ପଡ଼ିଆରେ ପହଞ୍ଚିବେ। ୩୦ଟି ଜିଲାର ପ୍ରଜ୍ଞାପନା ମେଢ଼ ସହ ହଜାର ହଜାର ଯୁବ କଳାକାରଙ୍କ ଶୋଭାଯାତ୍ରା ପ୍ରଥମ ଥର ପାଇଁ ଯାଜପୁର ସହରବାସୀ ଦେଖିବାର ସୁଯୋଗ ପାଇବେ। ଏହି ଯୁବ ମହୋତ୍ସବ ବାଳାଶ୍ରମ ପଡ଼ିଆ, ଗୌତମବୁଦ୍ଧ ସଂସ୍କୃତି ଭବନ, ଜିଲା ଗ୍ରାମ୍ୟ ଉନ୍ନୟନ ସଭାଗୃହ, ବିଡ଼ି ହାଇସ୍କୁଲ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପ୍ରଭୃତି ସ୍ଥାନରେ ୩୦ଟି ଜିଲାର କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ସଙ୍ଗୀତ, ଐତିହ୍ୟ, ସଂସ୍କୃତି ପରିବେଷଣ କରାଯିବ। ଯୁବ ମହୋତ୍ସବର ୪ଦିନ ଭିତରେ ଓଡ଼ିଶା ସରକାରଙ୍କର ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ବରିଷ୍ଠ ପ୍ରଶାସକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଯୁବ ମହୋତ୍ସବ ପରଦିନଠାରୁ ଯାଜପୁର ଜିଲା ମହୋତ୍ସବ 'ଯଯାତି' ଆରମ୍ଭ ହେଉଛି। ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ବାଳାଶ୍ରମ ପଡ଼ିଆଠାରେ ୭ମ ଜିଲା ମହୋତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଜିଲାର ସମସ୍ତ ବିଧାୟକ ଓ ଏମ୍‌ପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଜିଲା ମହୋତ୍ସବର ୩ଦିନ ଭିତରେ ଜିଲାରେ ଖ୍ୟାତି ଅର୍ଜନ କରିଥିବା କଳାକାରଙ୍କ ଦ୍ୱାରା ଜିଲାର ଐତିହ୍ୟ, ସଂସ୍କୃତି ଉପରେ କଳାନୈପୁଣ୍ୟ ପ୍ରଦର୍ଶନ କରାଯିବ। ଜିଲା ମହୋତ୍ସବରେ ତିନିଦିନଧରି ଭାରତବର୍ଷର ପ୍ରଖ୍ୟାତ କଣ୍ଠଶିଳ୍ପୀ ସେମାନଙ୍କ ଯାଦୁଗରୀ କଣ୍ଠସ୍ୱର ପ୍ରଦାନ କରିବେ। ୧୯ ତାରିଖ ସୁନିଧି ଚୌହାନ, ୨୦ ତାରିଖ କୈଳାସ ଖୈର, ୨୧ ତାରିଖ ସୋନୁ ନିଗମ ସେମାନଙ୍କର ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଯୁବ ମହୋତ୍ସବ ଓ ଜିଲା ମହୋତ୍ସବ ଭିତରେ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ଜିଲା ତଥା ରାଜ୍ୟର ବିଭିନ୍ନ ମହିଳା ଓ ପୁରୁଷ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ବିଭିନ୍ନ କିସମର ସାମଗ୍ରୀକୁ ବିକ୍ରି କରିବାର ସୁଯୋଗ ପାଇବେ। ମେଳାରେ ରାଜ୍ୟ ବାହାରୁ ମଧ୍ୟ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ କରିବାକୁ ଆସିବେ। ଏହାବ୍ୟତୀତ ଯାଜପୁର ସହରର ବିଭିନ୍ନ ବ୍ୟବସାୟ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ବ୍ୟବସାୟ କରିବେ। ଯାଜପୁର ପୌରପାଳିକାର ୧୫୦ ବର୍ଷ ପୂର୍ତ୍ତି ଉତ୍ସବକୁ ରାଜ୍ୟ ଓ ଭାରତବର୍ଷର ଲୋକେ ଦେଖିବା ସହ ଯାଜପୁର ସହିତ ଭାଇଚାରାରେ ଯୋଡ଼ି ହୋଇଥିଲେ। ପୁନଶ୍ଚ ଚଳିତ ନଭେମ୍ବର ମାସରେ ଜାତୀୟସ୍ତରର କାର୍ଯ୍ୟକ୍ରମ ଥିବାରୁ ରାଜ୍ୟ ତଥା ଭାରତବର୍ଷର ଜନସାଧାରଣ ଦେଖିବାର ସୁଯୋଗ ପାଇବା ସହ ଭାଇଚାରା ସମ୍ପର୍କକୁ ଆହୁରି ନିବିଡ଼ କରିପାରିବେ। ଯୋଗଦେଇଥିବା କଳାକାର ଓ ଅତିଥିଙ୍କୁ ଉତ୍ତମ ସେବା ଯୋଗାଇ ଦେବାପାଇଁ ଜିଲାର ବରିଷ୍ଠ ଓ ତରୁଣ ପଦାଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯୁବ ମହୋତ୍ସବ ଓ ଜିଲା ମହୋତ୍ସବକୁ ସଫଳ ଆୟୋଜନ କରିବା ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଆହୂତ ପ୍ରସ୍ତୁତି ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ନିବେଦନ କରିଛନ୍ତି।

> ■୬ରୁ ୧୪ ତାରିଖ ଯାଏ କାଳୀପୂଜାରେ କମ୍ପିବ ସହର
>
> ■୧୫ରୁ ୧୮ ଯାଏ ଚାଲିବ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ
>
> ■୧୯ରୁ ୨୧ ପର୍ଯ୍ୟନ୍ତ ହେବ ୭ମ ଜିଲା ମହୋତ୍ସବ

# ପୋଲିସ ପକ୍ଷରୁ ବ୍ୟାଙ୍କରେ ମକ୍‌ଡ୍ରିଲ୍

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଟାଉନ ପୋଲିସ ପକ୍ଷରୁ ଶୁକ୍ରବାର ସହରରେ ବିଭିନ୍ନ ବ୍ୟାଙ୍କରେ ମକ୍‌ଡ୍ରିଲ୍ କରାଯାଇଥିଲା। ବିଭିନ୍ନ ସମୟରେ ବ୍ୟାଙ୍କରୁ ଚୋରି, ଡକାୟତି ଭଳି ଘଟଣା ଘଟୁଛି। ଏ ଦିଗରେ ସାଧାରଣ ଲୋକେ ଓ ବ୍ୟାଙ୍କ କର୍ତ୍ତୃପକ୍ଷ କେତେ ସଚେତନ ତାହା ଜାଣିବା ପାଇଁ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ଏହି ମକ୍‌ଡ୍ରିଲ୍ ହୋଇଥିଲା। ତେବେ ଏଥିରେ ଅଧିକାଂଶ ବ୍ୟାଙ୍କ ସୁରକ୍ଷା ଦିଗ ପ୍ରତି ଅଣଦେଖା କରିଦେଇଥିବା ଦେଖିବାକୁ ମିଳିଥିଲା। ପ୍ରତିଦିନ ଲକ୍ଷାଧିକ ଟଙ୍କାର କାରବାର ହେଉଥିଲେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବକୁ ସାଧାରଣରେ ନିନ୍ଦା କରାଯାଉଛି। ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ କହିବା ପ୍ରକାରେ ଶୁକ୍ରବାର ଏସ୍‌ପି ଶଶିଭୂଷଣ ଶତପଥୀଙ୍କ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ଆକ୍ସିସ୍ ବ୍ୟାଙ୍କ୍, ଏଚ୍‌ଡ଼ିଏଫସି ବ୍ୟାଙ୍କ୍, ଏସ୍‌ବିଆଇ ମୁଖ୍ୟ ଶାଖା, ଏଡିବି ଶାଖା, ସେଣ୍ଟ୍ରାଲ ବ୍ୟାଙ୍କ ଭଳି ସହରରେ ଥିବା ୭ଟି ବ୍ୟାଙ୍କ୍‌ରେ ମକ୍‌ଡ୍ରିଲ୍ ହୋଇଥିଲା। ହେଲେ ସମସ୍ତ ବ୍ୟାଙ୍କ ସୁରକ୍ଷା ବ୍ୟବସ୍ଥାରେ ଫେଲ୍ ମାରିଥିବା ସେ ପ୍ରକାଶ କରିଥିଲେ। ଏସ୍‌ବିଆଇ ମୁଖ୍ୟ ଶାଖାକୁ ଛାଡ଼ିଦେଲେ ଆଉ ସବୁଠି ଅବ୍ୟବସ୍ଥା। କାହାର ସାଇରନ୍ ବାଜୁନି ତ ଆଉ କାହାର ସାଇରନ୍ ଚାବି କେଉଁଠି ଅଛି ତାହା କର୍ତ୍ତୃପକ୍ଷ ଜାଣିନାହାନ୍ତି। ଖଣ୍ଡପଡ଼ା ରୋଡ଼ସ୍ଥିତ ଏସ୍‌ବିଆଇ ଏଡିବି (ଏଗ୍ରିକଲଚର ଡେଭଲପମେଣ୍ଟ ବ୍ୟାଙ୍କ୍)ରେ ସାଇରନ୍ ବାଜି ନ ଥିଲା। ଚାବି କେଉଁଠି ଅଛି ତାହା ମଧ କର୍ମଚାରୀ ଖୋଜି ପାଇ ନ ଥିଲେ। ସେହିଭଳି ଅନ୍ୟ ଏକ ବ୍ୟାଙ୍କରେ ଏଭଳି ଏକ ଘଟଣା ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ କୌଣସି ପ୍ରତିକ୍ରିୟା ଦେଖାଇ ନ ଥିଲେ। କିଛି ସାଦା ପୋଷାକଧାରୀ ପୋଲିସ ବ୍ୟାଙ୍କ୍‌ରେ ପଶିଥିଲେ। ଏହି ସମୟରେ ପୋଲିସ ବ୍ୟାଙ୍କ ଭିତରକୁ ପଶି ଚୋର ଚୋର କହି ଉକ୍ତ ବ୍ୟକ୍ତିଙ୍କୁ ଧରିଥିଲେ। ପରେ ଗ୍ରାହକ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପୋଲିସ ଏହି ମକ୍‌ଡ୍ରିଲ୍ ବିଷୟରେ ସୂଚନା ଦେଇଥିଲେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ସହରରେ ଥିବା ବିଭିନ୍ନ ବ୍ୟାଙ୍କ୍‌ରେ ମକ୍‌ଡ୍ରିଲ୍ କରାଯାଇଥିଲା। ଏଥିରେ ଥାନା ଅଧିକାରୀ ପଟ୍ଟନାୟକଙ୍କ ସମେତ ଏଏସ୍‌ଆଇ ଅଶୋକ ମହାନ୍ତି, କନଷ୍ଟେବଲ ଏ.ଏ. ଖାନ୍ ଓ ୨ ସେକ୍ସନ ଫୋର୍ସ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ସେପ୍ଟେମ୍ବର ୧୯ ତାରିଖରେ ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ପାର୍ବଣ ଋତୁ ଉପଲକ୍ଷେ ବୈଠକ କରାଯାଇ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ପାର୍ବଣ ସମୟରେ ବ୍ୟାଙ୍କ୍‌ରେ ସିକ୍ୟୁରିଟି ବ୍ୟବସ୍ଥା କଡ଼ାକଡ଼ି କରିବା, ବ୍ୟାଙ୍କରେ ଉନ୍ନତମାନର ସିସିଟିଭି ଲଗାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଶୁକ୍ରବାର ମକ୍‌ଡ୍ରିଲ୍ ଘଟଣା ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।



ପୋଲିସ ପକ୍ଷରୁ ଏକ ବ୍ୟାଙ୍କ୍‌ରେ ମକ୍‌ଡ୍ରିଲ୍ କରାଯାଉଛି।

- ବିଭିନ୍ନ ବ୍ୟାଙ୍କରେ ଅବ୍ୟବସ୍ଥା
- ବାଜିଲାନି ଏଡିବିର ସାଇରନ୍
- ସୁରକ୍ଷା ଦିଗ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଣଦେଖା

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

**ବୋଲଗଡ଼,୨।୧୧(ଡି.ଏନ.ଏ.):** ବୋଲଗଡ଼ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୬ବର୍ଷର ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଥାନା ଆଇଆଇସି ସେଖ୍ ଆକବର ଅଲ୍ଲୀଙ୍କଠାରୁ ସୂଚନା ଅନୁସାରେ ଗିରଫ ଯୁବକ ଜଣକ ହେଉଛନ୍ତି ସୁମନ୍ତ ପଡ଼ିଆରୀ (୨୮)। ନାବାଳିକା ଘର ବାହାରେ ବୁଲୁଥିବା ବେଳେ ସୁମନ୍ତ ତାଙ୍କୁ ଏକ ଚାଷଜମି ଅଞ୍ଚଳରେ ଭୟଭୀତ କରାଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ନଂ ୩୪୧, ୩୭୬(୨)(ଏଫ୍), ୩୨୩, ୫୦୬ ଓ ୬/୪ପୋକ୍ସୋ ଆକ୍ଟରେ ବୋଲଗଡ଼ ଥାନା କେସ୍ ନଂ ୧୧୩/୧୮ରେ ଏକ ମାମଲା ରୁଜୁ କରିଛି।

### ବକ୍ତୃତା ପ୍ରତିଯୋଗିତାରେ ୨ ଭଉଣୀଙ୍କ ସଫଳତା

**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.):** ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୩୪ ତମ ଶ୍ରାଦ୍ଧୋତ୍ସବକୁ ସଂକଳ୍ପ ଦିବସ ରୂପେ ସାରା ଦେଶରେ ପାଳନ କରାଯାଉଛି। ଏହି ଅବସରରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ନୟାଗଡ଼ ଜିଲା ଭାପୁର ବ୍ଲକ୍ ସୁନାଖଳା ଗ୍ରାମର ଦୁଇ ଭଉଣୀ ଯଥାକ୍ରମେ ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ସାହୁ (ଜୁନିୟର ଗ୍ରୁପ) ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର +୩, ୨ୟ ବର୍ଷ କଳା ଛାତ୍ରୀ ମୋନାଲୀ ସାହୁ (ସିନିୟର ଗ୍ରୁପରେ) ୨ୟ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ସେମାନେ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକ, ସୂଚନା ଅଧିକାରୀ ସ୍ୱଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଆନ୍ତଃ ଜିଲା ଡକାୟତ କୋର୍ଟ ଚାଲାଣ



ଗିରଫ ୪ ଡକାୟତ।

**ଗଣିଆ,୨।୧୧(ଡି.ଏନ.ଏ.)**

**୨୦ରୁ ଊର୍ଦ୍ଧ୍ୱ ଡକାୟତି ଘଟଣାରେ ସମ୍ପୃକ୍ତ**

ନୟାଗଡ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଣିଆ ପୋଲିସ ଶୁକ୍ରବାର ଚଢାଉ କରି ୪ ଆନ୍ତଃ ଜିଲା ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ ଜିଲା ଝୁମ୍ପୁରୀ ଗ୍ରାମର ଲଳିତମାଧବ ପ୍ରଧାନ (୩୦), ନୟାଗଡ ଶଗଡିଆସାହିର ମନୋଜ କୁମାର ବେହେରା (୩୪), ଆଶୁତୋଷ ଦାଶ(୪୨), ଗଣିଆ ଥାନା କାଦୁଆ ଗ୍ରାମର ଗୋବର୍ଦ୍ଧନ ନାଏକ (୩୦)। ସ୍ଥାନୀୟ ଅଞ୍ଚଳର ଅନ୍ୟ ୨ ଡକାୟତ ଫେରାର ଥିବା ଜଣାପଡିଛି। ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଡକାୟତ ଦଳ ନୟାଗଡ ଜିଲାର ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚୋରି, ଡକାୟତି ଘଟଣାରେ ସମ୍ପୃକ୍ତ ଅଛନ୍ତି। ଏମାନେ ଗତ ଅଗଷ୍ଟ ୮ ତାରିଖ ମଧ୍ୟରାତ୍ରରେ ଗଣିଆ ତହସିଲ କାର୍ଯ୍ୟାଳୟରେ ପଶି କାଗଜପତ୍ର ଫିଙ୍ଗାଫୋପଡା ସହ ବିଭିନ୍ନ ସାମଗ୍ରୀ ଭାଙ୍ଗିରୁଜି ନଷ୍ଟ କରିଥିଲେ। ସେ ସମୟରେ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଭାବେ ରହୁଥିବା ପିଅନ ଜୟପ୍ରକାଶ ରାଉତ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ହାତଗୋଡ ବାନ୍ଧି ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୋଲିସ ନଂ.୪୯/୧୮ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ସିସି ଟିଭି କ୍ୟାମେରାର ହାର୍ଡ ଡିସ୍କ ଚୋରି କରି ତହସିଲ ଅଫିସ ପଛପାଖରେ ଫିଙ୍ଗିଦେଇଥିଲେ। ପୋଲିସ ଏହାକୁ ଜବତ କରିଛି। ଏପରିସ୍ଥଳେ ଗୁରୁବାର ସକାଳୁ ଗଣିଆ ଥାନା ମହୁକଣ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏକ ପାଣିପମ୍ପ ଚୋରି ହୋଇଥିଲା। ବିଶେଷସୂତ୍ରରୁ ଖବର ପାଇ ଗଣିଆ ପୋଲିସ ପାଣି ପମ୍ପ ଚୋରି କରିଥିବା ଲଳିତ ଓରଫ ଜିତୁଙ୍କୁ ମହୁକଣ ଗ୍ରାମ ନିକଟରୁ ଧରିଥିଲା। ପଚରାଉଚରା ସମୟରେ ଜିତୁ ଦଳର ଅନ୍ୟମାନଙ୍କ ନାମ ସହ କେଉଁ କେଉଁ ଘଟଣାରେ ସମ୍ପୃକ୍ତ ସେ ବିଷୟରେ ସୂଚନା ଦେଇଥିଲେ। ତାଙ୍କ ସୂଚନା ଆଧାରରେ ପୋଲିସ ଛାଡମୂଳ ଗ୍ରାମ ପାଖ ଜଙ୍ଗଲର ଏକ ଆଶ୍ରମ ନିକଟରୁ ଅନ୍ୟମାନଙ୍କୁ ଗିରଫ କରିଥିଲା। ଏହି ଦଳ ନିଶାଦ୍ରବ୍ୟ ସେବନ ନିମିତ୍ତ ଆବଶ୍ୟକ ଅର୍ଥ ପାଇଁ ଚୋରି, ଡକାୟତି କରୁଥିବା ପୋଲିସ ଆଗରେ କହିଛନ୍ତି।

## ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡିରୁ ୧,୦୪, ୭୯୩ ଟଙ୍କା ଆଦାୟ

**ଓଡ଼ଗାଁ, ୨।୧୧(ସ୍ୱ.ପ୍ର.)**



ନୟାଗଡ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ଚାରିମାସ ବ୍ୟବଧାନରେ ଶୁକ୍ରବାର ହୁଣ୍ଡି ଖୋଲଯାଇଛି। ପୂର୍ବରୁ ବର୍ଷକୁ ଥରେ ଶ୍ରୀରାମନବମୀ ଯାତ୍ରାର ଅବ୍ୟବହିତ ପୂର୍ବରୁ ହୁଣ୍ଡି ଖୋଲିବା ପରମ୍ପରା ରହିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପ୍ରଥମ ଥର ନିମନ୍ତେ ଚାରିମାସ ବ୍ୟବଧାନରେ ହୁଣ୍ଡି ଖୋଲାଯାଇଛି। ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ନାୟକ, ଅତିରିକ୍ତ ତହସିଲଦାର ଦୟାନିଧି ରଥଙ୍କ ଉପସ୍ଥିତିରେ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଦାଶ ଓ ସୁଆର ପରିଷଦ କର୍ମକର୍ତ୍ତା କାର୍ତ୍ତିକ ପଣ୍ଡା, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ ହୁଣ୍ଡି ଖୋଲିବା ସହିତ ଦାନ ଟଙ୍କା ହିସାବ କରିଥିଲେ। ତହସିଲଦାରଙ୍କ ସୂଚନା ଅନୁସାରେ ୧ଲକ୍ଷ ୪ ହଜାର ୭୯୩ ଟଙ୍କା ଆଦାୟ ହୋଇ ଏହାକୁ ବ୍ୟାଙ୍କ ଖାତାରେ ଜମା ରଖାଯାଇଛି।

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ୧୨ରୁ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୧୨ତାରିଖରୁ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରବିନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ଜିଲା ମହୋତ୍ସବ ତଥା ଖେଳପଡ଼ିଆଠାରେ ଏହା ଅନୁଷ୍ଠିତ ହେବ ବୋଲି ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ଟୁର୍ନାମେଣ୍ଟରେ ଜିଲାର ଖଣ୍ଡପଡ଼ା, ରାଜସୁନାଖଳା, ସ୍ପୋର୍ଟସ ହଷ୍ଟେଲ, ନୟାଗଡ଼, ଓଡ଼ଗାଁ, ଶରଣକୁଳ, ବେଗୁନିଆ, ଗୋଡ଼ିପଡ଼ା, ଇଟାମାଟି, ରଣପୁର ଦଳର ଖେଳାଳିମାନେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ ସାମାଜିକ କର୍ମୀ ଅରୁଣ ମହାନ୍ତି, କୋଚ୍ ବସନ୍ତ ପାଣିଗ୍ରାହୀ, ସଭ୍ୟ ଗନୁ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ସର୍ବଭାରତୀୟ ଫୁଟବଲ: ସାଇ ହଷ୍ଟେଲ ଫାଇନାଲରେ

**ନୟାଗଡ଼ ଅଫିସ,୨।୧୧**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ୫୯ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଚାଲୁରହିଛି। ଶୁକ୍ରବାର ନବମ ଦିବସରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପତାକା କ୍ଲବ ଅନୁଗୋଳ ଓ ସାଇ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପତାକା କ୍ଲବକୁ ୧–୦ ଗୋଲ୍‌ରେ ପରାସ୍ତ କରି ସାଇ ହଷ୍ଟେଲ ଫାଇନାଲରେ ପ୍ରବେଶ କରିଛି। ଶନିବାର ଫାଇନାଲ୍ ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ କଟକ ଓ ସାଇ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ଖେଳର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ୍ ସ୍କୋର କରି ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧର ୩୫ ମିନିଟରେ ସାଇ ହଷ୍ଟେଲ ଦଳର ୧୮ ନମ୍ବର ଜର୍ସି ଚନ୍ଦ୍ରଶେଖର ବେହେରା ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଏହା ପରେ ଆଉ କୌଣସି ଗୋଲ୍ ସ୍କୋର ହୋଇ ନ ଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସାହୁ, ମୟୂରଭଞ୍ଜ ଜିଲା କରଞ୍ଜିଆ ଏସ୍‌ଡ଼ିପିଓ ନାରାୟଣ ନାୟକ, ସାମାଜିକ କର୍ମୀ ସ୍ମିତା ସିଂ, ବିଜୟ କୁମାର ସାହୁ ଓ କ୍ରିଷ୍ଣା କୁମାର ଅଗ୍ରୱାଲ ଅତିଥି ଭାବେ ଯୋଗଦେଇଥିଲେ। ସୁଦୀପ ଦାଶ ଖେଳ ପରିଚାଳନା କରିଥିବାବେଳେ ରାଜୁ ମହାନ୍ତି, ଲକ୍ଷ୍ମୀ ପ୍ରସାଦ ଓ ବିଜୟ ଦାଶ ଲାଇନ୍‌ରେ ସହାୟତା କରିଥିଲେ।



ଖେଳର ଏକ ସଂଘର୍ଷପୂର୍ଣ୍ଣ ଦୃଶ୍ୟ।

## ନାବାଳିକା ଅପହରଣ ଅଭିଯୋଗ: ଜଣେ ଗିରଫ

**ଓଡ଼ଗାଁ,୨।୧୧(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡଗାଁ ଥାନା ଅଞ୍ଚଳରୁ ନିଖୋଜ ନାବାଳିକାଙ୍କୁ ଅପହରଣ ମାମଲାରେ ପୋଲିସ ଶୁକ୍ରବାର ଜଣେ ବିବାହିତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଗତ ବୁଧବାର ଘରେ କେହି ନ ଥିବାବେଳେ ୧୭ ବର୍ଷୀୟା ନାବାଳିକା ଜଣକ ଘରୁ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ସନ୍ଧାନ ନ ପାଇବାରୁ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୧୩/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକାଙ୍କୁ ଏହି ଥାନା ଓ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ସିଆରୀମାଳ ଗ୍ରାମର ବିଜୟ ନାୟକ(୨୬) ଅପହରଣ କରିନେଇଥିବା ପୋଲିସ ଅନୁସନ୍ଧାନରୁ ଜାଣିପାରିଥିଲା। ପୋଲିସ ଉଭୟଙ୍କୁ ବୁଗୁଡା ଥାନା ଅନ୍ତର୍ଗତ ବାଦପଲ୍ଲୀ ଗ୍ରାମରୁ ଠାବ କରିବା ପରେ ଅଭିଯୁକ୍ତ ବିଜୟଙ୍କୁ ସେଠାରୁ ଗିରଫ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ବିଜୟ ବିବାହିତ ହୋଇଥିବାବେଳେ ତାଙ୍କର ଦୁଇଟି ପିଲା ଥିବା ଓ ସେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଶୁକ୍ରବାର ସ୍ଥାନୀୟ ଡାକ୍ତରଖାନାରେ ବିଜୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ନାବାଳିକାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ପରୀକ୍ଷା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ନିକଟରେ ୧୬୪ ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି। ହେଲେ ସେ ଘରକୁ ଯିବାକୁ ମନା କରିବାରୁ ପୋଲିସ ନୟାଗଡସ୍ଥିତ ସେବାକେନ୍ଦ୍ରକୁ ହସ୍ତାନ୍ତର କରିଥିବା ଥାନା ଆଇଆଇସି ବୈଦ୍ୟନାରାୟଣ ଭୋଇ ସୂଚନା ଦେଇଛନ୍ତି।

## ପନିପରିବା ଦର ଆକାଶଛୁଆଁ: ଖାଉଟି ଅସନ୍ତୁଷ୍ଟ

**ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)**

କାର୍ତ୍ତିକ ମାସ ଆରମ୍ଭରୁ ହିଁ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳରେ ପନିପରିବା ଦର ଆକାଶଛୁଆଁ ହୋଇଯାଇଛି। ତେଣୁ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ବ୍ଲକ୍‌ର କଣ୍ଟିଲୋ, ବାହାଡ଼ା, ଖଳିସାହି ଓ ଖଣ୍ଡପଡ଼ା ବଜାରରେ ଦୋକାନୀମାନେ ଚଢ଼ାଦରରେ ଗ୍ରାହକମାନଙ୍କୁ ପନିପରିବା ବିକ୍ରି କରୁଥିବା ଅଭିଯୋଗ ହେଉଛି। କଖାରୁ, ପୋଟଳ, ଟମାଟ, କଞ୍ଚା କଦଳୀ, ଅମୃତଭଣ୍ଡା ଓ କାଙ୍କଡ଼ ପ୍ରଭୃତି ପନିପରିବା କିଲୋ ପିଛା ୫ ରୁ ୭ ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ଖାଉଟି ଅଭିଯୋଗ କରିଛନ୍ତି। ଗୁଆଁର କେଜି ପ୍ରତି ୪୦, ବିନ୍ ୮୦ରୁ ୯୦ଟଙ୍କାରେ ବିକ୍ରି ହେଉଥିବାରୁ ଖାଉଟିମାନେ ପରିବା ଆଣିବାକୁ ଆସି ହନ୍ତସନ୍ତ ହେଉଥିବା ଦେଖାଯାଇଛି। ଦର ବୃଦ୍ଧି ନିରାମିଷାଶୀ ଓ ହବିଷିଆଳିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।






## ସଂକ୍ଷେପରେ

### ବାଲି କିଣିବେ କହି ହାଇୱା ଲୁଟିନେଲେ ଦୁର୍ବୃତ୍ତ

ନୟାଗଡ଼ ଅଫିସ,୨।୧୧: ବାଲି କିଣି ନେବେ କହି ହାଇୱାକୁ ଲୁଟିନେଲେ ଦୁର୍ବୃତ୍ତ। ଏଭଳି ଏକ ଘଟଣା ଶୁକ୍ରବାର ନୟାଗଡ଼ ପାଣିପୋଇଲାଠାରେ ଦେଖିବାକୁ ମିଳିଛି। ହାଇୱା ମାଲିକ ଏ ନେଇ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଓଡ଼ି ୦୨ଏଏଚ୍୦୬୫୦ନଂ. ହାଇୱାଟି ମହାନଦୀରୁ ବାଲି ନେଇ ଶରଣକୁଳ ଆସୁଥିଲା। ପାଣିପୋଇଲା ଛକଠାରେ ୨ ଜଣ ଦୁର୍ବୃତ୍ତ ଗାଡ଼ି ଅଟକାଇ ବାଲି ଦରକାର ଥିବା କହି ପାଣିପୋଇଲା ବଙ୍ଗଳାକୁ ନେବା ପାଇଁ କହିଥିଲେ। ୬ ହଜାର ୫୦୦ ଟଙ୍କାରେ ବାଲି ଦେବା ପାଇଁ ମୂଲଚାଲ ହୋଇଥିଲା। ପରେ ଡ୍ରାଇଭର ହାଇୱାକୁ ନେଇ ବଙ୍ଗଳାଠାରେ ବାଲି ଢ଼ାଳିଥିଲା। ଏହା ପରେ କଟରାଝରୀ ଗ୍ରାମର ଡ୍ରାଇଭର ରାମଚନ୍ଦ୍ର ବାରିକ ଓ ହେଲପର୍ ଗଣେଶ ଘଡ଼େଇ ଉକ୍ତ ଦୁଇଜଣ ବ୍ୟକ୍ତିଙ୍କୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଟଙ୍କା ଦେଇ ନ ଥିଲେ। ଏହି ସମୟରେ ବଙ୍ଗଳା ନିକଟରେ ଲୁଚିରହିଥିବା କିଛି ଦୁର୍ବୃତ୍ତ ଆସି ଡ୍ରାଇଭର ଓ ହେଲପରଙ୍କୁ ଆକ୍ରମଣ କରିଥିଲେ। ପାଟିରେ ସେଲୋଟେପ୍ ମାରିବା ସହିତ ହାତ ପଛକୁ କରି ସେଥିରେ ମଧ୍ୟ ସେଲୋଟେପ୍ ମାରି ବଙ୍ଗଳାଠାରେ ଛାଡି ଗାଡିଧରି ପଳାଇଥିଲେ। ରାତିରେ ଡ୍ରାଇଭର ଓ ହେଲପର ବହୁ କଷ୍ଟରେ ଚାଲିଚାଲି ନୟାଗଡ଼ ଆସି ଗାଡ଼ି ମାଲିକ ଓଡ଼ଗାଁ ବ୍ଲକ ଶିଖରପୁର ଗ୍ରାମର ସୂର୍ଯ୍ୟମଣି ପାଲଙ୍କୁ ଘଟଣା ବିଷୟରେ କହିଥିଲେ। ସୂର୍ଯ୍ୟମଣି ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିବା ସୂଚନା ଦେଇଛି।

### ଭାପୁର ବ୍ଲକରେ ୩ ମୁଖ୍ୟ ପଦବୀ ଖାଲି

ଭାପୁର,୨।୧୦(ଡି.ଏନ.ଏ.): ଭାପୁର ବ୍ଲକରେ ୩ ମୁଖ୍ୟ ପଦବୀ ଖାଲି ପଡିଛି। ଏହାଦ୍ୱାରା ପ୍ରଶାସନିକ ସେବା ମନ୍ଥର ହୋଇଯାଇଛି। ଏ ନେଇ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବ୍ଲକରେ ୨ମାସ ହେଲା ବିଡ଼ିଓ ପଦବୀ ଖାଲି ପଡ଼ିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ନିର୍ବାଚନ ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ମନ୍ଥର ହୋଇଯାଇଛି। ଏଠାରେ ବିଡିଓ ଥିବା ଡ. ସୁଷମା ବାରିକଙ୍କ ବଦଳି ୬ମାସ ପୂର୍ବରୁ ହୋଇଥିବା ବେଳେ ସେ କୋର୍ଟରେ ରହିତାଦେଶ ଆଣି ତାଙ୍କ ବଦଳିକୁ ୪ ମାସ ବିଳମ୍ବିତ କରିଥିଲେ। ରହିତାଦେଶ ଉଠିବା ପରେ ତାଙ୍କ ବଦଳି ହୋଇଯାଇଛି। ସେବେଠାରୁ ଏହି ପଦବୀ ଖାଲି ପଡିଛି। ସେହିପରି ଭାପୁର ତହସିଲଦାର ୧ବର୍ଷ ପୂର୍ବରୁ ବଦଳି ହୋଇଥିବା ବେଳେ ଏହି ପଦବୀ ପୂରଣ ହୋଇନାହିଁ। ଅତିରିକ୍ତ ତହସିଲଦାର ଏହି କାର୍ଯ୍ୟ ତୁଲାଉଛନ୍ତି। ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତରେ ଗୋ ସମ୍ପଦ ସୁରକ୍ଷା ପାଇଁ ପୂର୍ବରୁ ୨ଜଣ ପ୍ରାଣୀ ଚିକିତ୍ସକ ଥିଲେ। ଏବେ ସରକାର ଆଉ ଏକ ପଦବୀ ସୃଷ୍ଟି କରିଥିଲେ ମଧ୍ୟ ସେଥିରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ତୁରନ୍ତ ଏହି ପଦବୀଗୁଡିକ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି।

### ଆମ ପୋଲିସ ସମିତି ବୈଠକ

ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସ୍ଆଇ କୁନିମଣୀ ଦେଈଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ । ଏଠାରେ ଆଇନଶୃଙ୍ଖଳା ପରସ୍ଥିତି ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଟ୍ରାଫିକ ସମସ୍ୟା ପ୍ରତି ଦୃଷ୍ଟି ଦେବା, ନିୟମିତ ବ୍ୟବଧାନରେ ଯାନବାହନ ଚେକିଂ କରି ଜରିମାନା ଆଦାୟ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ■ ମେଡିକାଲ କଲେଜ ପାଇଁ ହସ୍ପିଟାଲ ନିର୍ମାଣ ପ୍ରସଙ୍ଗ

# ଜମି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟ ବିଭାଗ ଟିମ୍

ପୁରୀ ଅଫିସ, ୨।୧୧

ପୁରୀ ସରକାରୀ ମେଡିକାଲ କଲେଜ ପାଇଁ ୨ଶହ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ ହସ୍ପିଟାଲ ନିର୍ମାଣ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହି ହସ୍ପିଟାଲ କରାଯିବ। ଶୁକ୍ରବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପୁରୀ ଆସି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଅନୁଧ୍ୟାନ କରିଛନ୍ତି।

ପୁରୀ ସହର ଉପକଣ୍ଠ ସମଙ୍ଗ ମୌଜାର ବାଲିଗୁଆଳି ଠାରେ ୨୫ ଏକର ପରିମିତ ଜମିରେ ସରକାରୀ ମେଡିକାଲ କଲେଜ କୋଠା ନିର୍ମାଣାଧୀନ ରହିଛି। ନିର୍ମାଣ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ। ୧ ଶହ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ଏଠାରେ ବ୍ୟବସ୍ଥା ହୋଇଛି। କିନ୍ତୁ ପୁରୀ ସରକାରୀ ମେଡିକାଲ କଲେଜରେ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ଟିଚିଙ୍ଗ ହସ୍ପିଟାଲ ବ୍ୟବସ୍ଥା ନାହିଁ। ଟିଚିଙ୍ଗ ହସ୍ପିଟାଲ କେଉଁଠାରେ କରାଯିବ ତାହା ଅନୁଧ୍ୟାନ ଲାଗି ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆସିଥିଲେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ହରି ବଲ୍ଲଭ ମିଶ୍ରଙ୍କ ନେତୃତ୍ୱରେ ଅତିରିକ୍ତ ସଚିବ ବିଭୂତି ଭୂଷଣ ଦାସ, ଚିଫ ଇଞ୍ଜିନିୟର (କୋଠାବାଡି) ସତ୍ୟରଞ୍ଜନ ସେଠୀ ରହିଥିଲେ। ସେମାନେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସିଡିଏମ୍ଓ ଭାସ୍କର ସାମନ୍ତରାୟଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ସଚିବ ଦାସ କହିଛନ୍ତି ଯେ, ମେଡିକାଲ ପରିସରରେ ଥିବା ଜମିରେ ପ୍ରାଥମିକ ପର୍ଯ୍ୟାୟରେ ୨ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କରାଯିବ। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅପଗ୍ରେଡ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ୨ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ରୋଗୀ ଚିକିତ୍ସା ସହ ଡାକ୍ତରୀ ଛାତ୍ରୀଛାତ୍ର ଅଧ୍ୟୟନ କରିବେ। ଆସନ୍ତା ୨ରୁ ୩ ବର୍ଷ ମଧ୍ୟରେ ବାଲିଗୁଆଳି ସରକାରୀ ମେଡିକାଲ ନିକଟରେ ସ୍ଥାୟୀ ୨ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କରାଯିବ। ମେଡିକାଲ କଲେଜ ପରିସରରେ ସ୍ଥାୟୀ ହସ୍ପିଟାଲ ନିର୍ମାଣ ହେବା ପରେ ସେଠାରେ ରୋଗୀ ଚିକିତ୍ସା ସହ ଛାତ୍ରୀଛାତ୍ର ଅଧ୍ୟୟନ କରିବେ ବୋଲି ପ୍ରସ୍ତାବ ରହିଛି। ଡିଏଚ୍ଏଚ୍ ପରିସର ଜମି ଅନୁଧ୍ୟାନ କରିଛୁ। ଏହାସହିତ ସରକାରୀ ମେଡିକାଲ କଲେଜ କୋଠା ନିର୍ମାଣର ଅଗ୍ରଗତି ଅନୁଧ୍ୟାନ କରିଛୁ। ଖୁବଶୀଘ୍ର ଆମେ ରିପୋର୍ଟ ଦେବୁ। ରିପୋର୍ଟ ଉପରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଦାସ କହିଛନ୍ତି।


ମେଡିକାଲ କଲେଜ ପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ୍ର ଯାଞ୍ଚ।

### ଡିଏଚ୍ଏଚ୍ ପରିସରରେ ହେବ ୨ଶହ ଶଯ୍ୟା ହସ୍ପିଟାଲ

ସୂଚନାଯୋଗ୍ୟ, ବାଲିଗୁଆଳି ସ୍ଥିତ ସରକାରୀ ମେଡିକାଲ କଲେଜକୁ ଲାଗି ଏକ ଜମି ହସ୍ପିଟାଲ ନିର୍ମାଣ ଲାଗି ରହିଛି। କିନ୍ତୁ ଉକ୍ତ ଜମିରେ ବୃକ୍ଷରୋପଣ ହୋଇଥିବାରୁ ସମସ୍ୟା ରହିଛି। ଯଦି ସେଠାରେ ହସ୍ପିଟାଲ ନିର୍ମାଣ ହୁଏ ହଜାର ହଜାର ସଂଖ୍ୟାରେ ଗଛ କାଟିବାକୁ ପଡିବ। ଅନ୍ୟପକ୍ଷରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପୁରୁଣା ପୁରୀ ଜିଲା ଜେଲର ଜମି ରହିଛି। ଏହି ଜମି ଗୃହ ବିଭାଗ ନାମରେ ରହିଛି। ଏହି ଜମିରେ ଯଦି ହସ୍ପିଟାଲ ହୁଏ ତେବେ ଉକ୍ତ ଜମିକୁ ଗୃହ ବିଭାଗ ସ୍ୱାସ୍ଥ୍ୟ ବିଭାଗକୁ ଦେବାକୁ ପଡିବ। ତେଣୁ କେଉଁଠି ହସ୍ପିଟାଲ ହେବ ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ଯେତେ ମାଠିବୁ ମାଠ
ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,
ଦେବତା ହେଲେ ବି ମରଇ ।**

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ


ଜିଲାପାଳ ନାୟକଙ୍କ ସମତେ ଯୋଗ ଦେଇଥିବା ଅତିଥିମାନେ।

ନୟାଗଡ଼ ଅଫିସ,୨।୧୧

ଅକ୍ଟୋବର ୨୯ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୟାଗଡ ଡିଆରଡ଼ିଏସ୍ଥିତ ସୃଜନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁର୍ନୀତି କିଛି ମଣିଷଙ୍କ ସ୍ୱଭାବ ବୋଲି କହିଥିଲେ। ଖାଲି ଯେ କେହି ପଦପଦବୀରେ ରହିଲେ ଦୁର୍ନୀତି କରୁଛି ତାହା ଠିକ୍ ନୁହେଁ, ମଣିଷର ସ୍ୱଭାବ ଯୋଗୁ ସେ ଦୁର୍ନୀତି କରୁଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍ପି ଶଶିଭୂଷଣ ଶତପଥୀ, ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଅତିରିକ୍ତ ଏସ୍ପି ଅନୀଲ କୁମାର ପାତ୍ର, ନୟାଗଡ଼ ଦୁର୍ନୀତି ନିବାରଣ ବିଭାଗର ଉପଆରକ୍ଷୀ ଅଧୀକ୍ଷକ ଶିଶିର କୁମାର ଭୋଇ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଏପିଡ଼ି ସନ୍ତୋଷୀ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉପସ୍ଥିତ ଥିବା ଜିଲାସ୍ତରୀୟ ଅଧିକାରୀ, ସରକାରୀ କର୍ମଚାରୀ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନଙ୍କୁ ଅତିରିକ୍ତ ଜିଲାପାଳ ଶପଥପାଠ କରାଇଥିଲେ।

## ■ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାର ତାଲିମ ଆରମ୍ଭ

# ଛୁଟି ଦିନରେ ଚାଲୁ ରହିବ ପାଠ୍ୟକ୍ରମ

ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)

ଖଣ୍ଡପଡା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟକୁ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନର ଅନ୍ୟତମ ଶିକ୍ଷାକେନ୍ଦ୍ର ଭାବେ ଅନୁବନ୍ଧିତ କରାଯାଇଛି । ଫଳରେ ନୟାଗଡ ଜିଲାରୁ ପ୍ରାୟ ୧୦୦ ଅଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ତାଲିମଧାରୀ ଏହି ଶିକ୍ଷାକେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ଗତ ଫେବୃଆରୀରେ ତାଲିମ ଗ୍ରହଣ କରିଥିବା ବେଳେ ଏହାର ୨ୟ ପର୍ଯ୍ୟାୟ ତାଲିମ ଅକ୍ଟୋବର ୬ ତାରିଖଠାରୁ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରେ ଶେଷ ହେବ ବୋଲି ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ର ସୂଚନା ଦେଇଛନ୍ତି । ୨୦୧୭-୨୦୧୯ ୨ବର୍ଷିଆ ଦୂର ନିରନ୍ତର ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ୍ ପାଇଁ ନାମ ପଞ୍ଜୀକରଣ କରିଥିବା ବିଭିନ୍ନ ବିଦ୍ୟାଳୟର ଅଣଶିକ୍ଷୟିତ୍ରୀ ଓ ଅଣଶିକ୍ଷକମାନେ ଶନିବାର ପ୍ରଥମ ଦିବସ ଓ ରବିବାର ୨ୟ ଦିବସ ପାଠ୍ୟକ୍ରମରେ ଯୋଗ ଦେଇ ତାଲିମ ଗ୍ରହଣ କରୁଛନ୍ତି। ଅଧ୍ୟକ୍ଷା ମହାପାତ୍ର ଅଣତାଲିମପ୍ରାପ୍ତ କାର୍ଯ୍ୟରତ ଶିକ୍ଷକଙ୍କ ଶିବିରକୁ ପରିଚାଳନା କରୁଛନ୍ତି । ଏଥିରେ ମହିଳା ମହାବିଦ୍ୟାଳୟ ଭୂଗୋଳ ବିଭାଗର ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା, ଖଳିସାହି ହାଇସ୍କୁଲର ଶିକ୍ଷକ ଗୋସ୍ୱାମୀ ଦାସ ଓ ଦୋଳଗୋବିନ୍ଦ ସାହୁ ରିସୋର୍ସ ପର୍ସନ ଭାବେ ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି । ପ୍ରତ୍ୟେକ ସପ୍ତାହର ଶନିବାର ଓ ରବିବାର ପ୍ରାୟ ଛୁଟି ଦିବସଗୁଡିକରେ ଏହି ପାଠ୍ୟକ୍ରମ ଚାଲୁ ରହିବ ବୋଲି ଶିକ୍ଷାକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## ନାଗ କଲା ନାକେଦମ୍


ବଡଦାଣ୍ଡରେ ନାଗସାପ।

ପୁରୀ ଅଫିସ, ୨।୧୧

ଅପରାହ୍ଣ ପ୍ରାୟ ୧ଟା । ହଠାତ୍ ଟାଉନ ଥାନା ସମ୍ମୁଖ ବଡ଼ଦାଣ୍ଡରେ ଏକ ନାଗସାପ ଖେଳୁଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଜଣେ ବ୍ୟକ୍ତି ରାସ୍ତା ଉପରେ ସାପକୁ ଦେଖି ପାଟି କରିଥିଲେ । ଧୀରେ ଧୀରେ ଲୋକଙ୍କ ଗହଳି ହୋଇଯାଇଥିଲା। ସାପଟି ବେଶ୍ କିଛି ସମୟ ରାସ୍ତାର ଏ ମୁଣ୍ଡରୁ ସେ ମୁଣ୍ଡକୁ ଯାଉଥିଲା। ଲୋକେ ଭୟଭୀତ ହୋଇଯାଇଥିଲେ। କିଛି ସମୟ ମଧ୍ୟରେ ଟାଉନ ଥାନା ସମ୍ମୁଖ ବଡ଼ଦାଣ୍ଡରେ ଟ୍ରାଫିକ ଜାମ୍ ହୋଇଯାଇଥିଲା। ରାସ୍ତାରେ ଗାଡ଼ି ଅଟକାଇ ଲୋକମାନେ ସାପକୁ ଦେଖୁଥିଲେ। ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କୁ ଖବର ଦିଆଯାଇଥିଲା। ଇତିମଧ୍ୟରେ ପ୍ରାୟ ୨୦ରୁ ୨୫ ମିନିଟ୍ ସାପଟି ଏଣେତେଣେ ଯାଇ ଲୋକଙ୍କୁ ନାକେଦମ୍ କରିଥିଲା। ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ସଂଗ୍ରାମ ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ବାଡ଼ି ସାହାଯ୍ୟରେ ସେ ସାପଟିକୁ ଧରିବାକୁ ଚେଷ୍ଟା କରିଥିଲେ। ହେଲେ ସାପଟି ଏକ ବାଇକ୍ ଭିତରେ ପଶି ଯାଇଥିଲା। ପରେ ସାପଟି ଜଣେ ପଇଡ଼ ବିକ୍ରେତାଙ୍କ ପାଲ ତଳକୁ ପଶିଯାଇଥିଲା। ଏହାପରେ ସଂଗ୍ରାମ ତାକୁ ଧରି ଜଙ୍ଗଲରେ ଛାଡି ଦେଇଥିଲେ।

## ■ ଜାତୀୟ ସେବା ଯୋଜନା ଉଦ୍ଯାପିତ

# ବହିର ସ୍ଥାନ ନେଇପାରିବନି ମୋବାଇଲ

ନୟାଗଡ଼ ଅଫିସ,୨।୧୧

ନୟାଗଡ଼ ବ୍ଲକ ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ମହିଳା ବିଭାଗର ସାତଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଡ଼ିଓ ମନୋଜ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବହିର ସ୍ଥାନ ମୋବାଇଲ ନେଇପାରିବ ନାହିଁ ବୋଲି କହିଥିଲେ। ଛାତ୍ରୀଛାତ୍ର ମୋବାଇଲ୍ରେ ବହି ପଢୁଥିଲେ ମଧ୍ୟ ବହିର ସ୍ଥାନ ସ୍ୱତନ୍ତ୍ର। ପିଲାମାନେ ଯେ କେବଳ ପାଠ ପଢ଼ିବେ ତା'ନୁହେଁ, ସମାଜ ପାଇଁ କିଛି ସେବା କରିବା ଦରକାର ବୋଲି ସେ କହିଥିଲେ। ଇଟାମାଟି ସରପଞ୍ଚଙ୍କ ପ୍ରତିନିଧି ଭାଗୀରଥି ବାଇ, ସାମାଜିକ କର୍ମୀ ଅମିତା ପ୍ରଧାନ, ଖବରଦାତା ନିଶିକାନ୍ତ ରଥ, ରିତେନ୍ଦ୍ର ଛାଟୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ରଥ, ଅଭିମନ୍ୟୁ ସାହୁ, ଅଭୟ କୁମାର ଲେଙ୍କା ଯୋଗ ଦେଇ ଜାତୀୟ ସେବା ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ମହିଳା ବିଭାଗର ପ୍ରୋଗ୍ରାମ ଅଫିସର ସୁକାନ୍ତମଣି ଶାନ୍ତଙ୍କ ଅଧ୍ୟକ୍ଷତାରେ ପୋଷ୍ୟ ଗ୍ରାମ୍ୟ ଜାଗତିପାଟଣାଠାରେ ସ୍ୱଚ୍ଛତା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।


କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହିତ ଛାତ୍ରୀମାନେ।

## ସମ୍ବର୍ଦ୍ଧିତ ହେଲେ ଖଣ୍ଡପଡ଼ା ବିଧାୟକ



ବିଧାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟ ଅତିଥି।

ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)

ଶିଶୁ ଅଧିକାର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଗର ୮ମ ପ୍ରତିଷ୍ଠା ଦିବସ ଉପଲକ୍ଷେ କିଟ୍ ପରିସରରେ ଗୁରୁବାର ଆୟୋଜିତ ଏକ ସମାବେଶରେ ବିଧାୟକ ସମ୍ବର୍ଦ୍ଧିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମଥର ପାଇଁ ଶିଶୁ ଉପଯୋଗୀ ନିର୍ବାଚନ ମଣ୍ଡଳୀ ଭାବେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀକୁ ୨୦୧୫ରେ ଚୟନ କରାଯାଇଛି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍ ମିଳିତ ଭାବେ ବିଧାୟକଙ୍କୁ ସମ୍ମାନିତ କରିଛନ୍ତି। ଉତ୍ସବରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଓ ରାଜ୍ୟ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ସନ୍ଧ୍ୟାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖଣ୍ଡପଡ଼ା,୨।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଶିଖରପୁର ପଞ୍ଚାୟତରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟଦେବ ପ୍ରଭୁ ଶ୍ରୀ ଲିଙ୍ଗରାଜଦେବଙ୍କ ପୀଠରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମକର୍ତ୍ତା, ସମର୍ଥକ ପ୍ଲାକାର୍ଡ଼ ଧରି ଦଳୀୟ ସମର୍ଥନ ସୂଚକ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ନବୀନ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ସମ୍ପର୍କରେ ବିଧାୟକ ପଞ୍ଚାୟତବାସୀଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆରସିଂ, ସରପଞ୍ଚ ନବକିଶୋର ସାହୁ, ସମିତିସଭ୍ୟା ମନୋରମା ବେହେରା, ପୂର୍ବତନ ସମିତିସଭ୍ୟ ବନମାଳୀ ଦ୍ୱାରୀ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ, ବରିଷ୍ଠ ସଂଗଠକ ସୋମନାଥ ସାହୁ, ଦାଶରଥି ବରାଡ଼, ପଞ୍ଚାୟତ ବିଜୁ ଯୁବବାହିନୀର ସଭାପତି ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଜନସମ୍ପର୍କ ପଦଯାତ୍ରାରେ ଖଣ୍ଡପଡ଼ା ବିଧାୟକ।

# 'ଦିବ୍ୟାଙ୍ଗମାନେ କାହାର ଦୟାର ପାତ୍ର ନୁହନ୍ତି'

ଦଶପଲ୍ଲା,୨।୧୧ (ଡି.ଏନ.ଏ.)

ସମାଜରେ ସାଧାରଣଲୋକଙ୍କ ଯେଉଁ ଅଧିକାର ରହିଛି, ଦିବ୍ୟାଙ୍ଗମାନଙ୍କର ମଧ୍ୟ ସମାନ ଅଧିକାର ରହିଛି। ସେମାନେ କାହାର ଦୟାରପାତ୍ର ନୁହନ୍ତି। ଆତ୍ମମର୍ଯ୍ୟାଦାର ସହ ବଞ୍ଚିବା ପାଇଁ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ଆର୍ପିଡି ଆକ୍ଟ ୨୦୧୬ ପ୍ରଣୟନ କରିଛନ୍ତି ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କମିଶନର ଡ. ମିନତୀ ବେହେରା ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଦଶପଲ୍ଲା ସ୍ଥିତ ଶିକ୍ଷକ ଭବନଠାରେ ଭିନ୍ନକ୍ଷମମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଡିଜାବଲ୍ ରିଲିଫ୍ ଅର୍ଗାନାଇଜେଶନ୍ ଦ୍ୱାରା ଆୟୋଜିତ ୬ଷ୍ଠ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସମାଜର ମୁଖ୍ୟସ୍ରୋତରେ ଦିବ୍ୟାଙ୍ଗଙ୍କୁ ସାମିଲ କରିବା ପାଇଁ ୨୧ ବିଭାଗ ରହିଛି। ଆଗାମୀ ଦିନରେ ୫୨ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଆୟୁକ୍ତ କହିଥିଲେ। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଉଦ୍ଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଏନ୍ଏସି ଅଧ୍ୟକ୍ଷା ବବିତା ସାହୁ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭାସିନୀ ନନ୍ଦ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁ, ତହସିଲଦାର ପ୍ରମୋଦ କୁମାର ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ସମ୍ପାଦକ ଲକ୍ଷ୍ମୀଧର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଦିବ୍ୟାଙ୍ଗ ଯୁଧିଷ୍ଠିର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଁ ଶ୍ରୀ ଦୃଷ୍ଟିହୀନ ଲୋକ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ପ୍ରାରମ୍ଭରେ ଓ ଶେଷରେ ଭଜନ ପରିବେଷଣ କରାଯାଇଥିଲା।



ଡିଜାବଲ୍ ରିଲିଫ୍ ଅର୍ଗାନାଇଜେଶନ୍ର ବାର୍ଷିକ ଉତ୍ସବରେ ଅତିଥି।